SEPTEMBER 04, 2026
FRIDAY, BHUBANESWAR

ସେପ୍ଟେମ୍ବର ୦୪, ୨୦୨୬
ଶୁକ୍ରବାର, ଭୁବନେଶ୍ୱର

ଅକ୍ଷର
AKHYARA ODISHA ଓଡ଼ିଶା

epaper.akhyaraodisha.in
www.akhyaraodisha.in
DIGITAL MEDIA PARTNER
AKHYARA LIVE
akhyaraodisha@gmail.com

ବିଜ୍ଞାପନ ଓ ପ୍ରସାର ପାଇଁ ଯୋଗାଯୋଗ କରନ୍ତୁ
9937085463
akhyara.advertisement@gmail.com

VOLUME - 2 ● ISSUE- 2 ବର୍ଷ- ୨ ● ସଂଖ୍ୟା- ୨ RNI REGD NO. ORIORI/25/A2226 ● DAILY EDITION ପୃଷ୍ଠା-୧୨ ● ମୂଲ୍ୟ- ୭/- PAGES - 12 ● PRICE- 7/-

ଓଡିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ : ଡ.ଯତୀନ ମହାନ୍ତି



ଭୁବନେଶ୍ୱର, ୦୩/୦୯: ରାଜ୍ୟର ସାଂପ୍ରତିକ ରାଜନୈତିକ ଓ ବିଭିନ୍ନ ସାମାଜିକ ପ୍ରସଙ୍ଗକୁ ନେଇ ଆସନ୍ତା ୫ ଓ ୬ତାରିଖରେ ବିଜେପିର ପରିବର୍ଦ୍ଧିତ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ କଟକସ୍ଥିତ ଇନଡୋର ଷ୍ଟାଡିୟମଠାରେ ଅନୁଷ୍ଠିତ ହେବ । ରାଜ୍ୟ ସଭାପତି ମନମୋହନ ସାମଲଙ୍କ ସଭାପତିତ୍ୱରେ ୫ ତାରିଖ ଦିନ ଆରମ୍ଭ ହେବାକୁ ଥିବା

- ଆସନ୍ତା ୫ ଓ ୬ରେ କଟକ ଇନଡୋର ଷ୍ଟାଡିୟମରେ ହେବ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ
- ବୈଠକକୁ ଉଦ୍‌ଘାଟନ କରିବେ ରାଷ୍ଟ୍ରୀୟ ସାଧାରଣ ସଂପାଦକ ସୁନୀଲ ବଂସଲ
- ଯୋଗ ଦେବେ ମୁଖ୍ୟମନ୍ତ୍ରୀ, ଦୁଇ କେନ୍ଦ୍ରମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସମସ୍ତ ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଏସଡିସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ

ଗୁରୁତ୍ୱପୂର୍ଣ୍ଣ ରାଜ୍ୟ କାର୍ଯ୍ୟକାରିଣୀ ବୈଠକକୁ ସୁନୀଲ ବଂସଲ ଉଦଘାଟନ କରିବେ । ଏହି କାର୍ଯ୍ୟକାରିଣୀ ବୈଠକରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ରମନ୍ତ୍ରୀ, ଦୁଇ ଉପମୁଖ୍ୟମନ୍ତ୍ରୀ, ରାଜ୍ୟ ମନ୍ତ୍ରୀମଣ୍ଡଳର ସମସ୍ତ ସଦସ୍ୟ, ସମସ୍ତ ସାଂସଦ ଓ ବିଧାୟକ, ରାଜ୍ୟ ପଦାଧିକାରୀ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ, ଏସଡିସି ଅଧ୍ୟକ୍ଷ ଓ ଉପାଧ୍ୟକ୍ଷ ଯୋଗ ଦେବେ । ଏହି ବୈଠକରେ କେନ୍ଦୀୟ ନେତୃବୃନ୍ଦ ଭାବେ ରାଷ୍ଟ୍ରୀୟ ସାଧାରଣ ସଂପାଦକ (ସଂଗଠନ) ବି.ଏଲ.ସନ୍ତୋଷ, ରାଜ୍ୟ ପ୍ରଭାରୀ ବିଜୟ ପାଲ ସିଂହ ତୋମାର, ରାଜ୍ୟ ସହପ୍ରଭାରୀ ସୁଶ୍ରୀ ଲତା ଉସେଣ୍ଡି ପ୍ରମୁଖ ଯୋଗ ଦେବାର ☞ପୃଷ୍ଠା-୨

‘ଘୋଷଣା ନୁହେଁ, କାମରେ ବିଶ୍ୱାସ’ : ମନମୋହନ ସାମଲ

ଚାଷୀଙ୍କ କ୍ଷେତରେ ପାଣି ପହଞ୍ଚାଇବାକୁ ‘ଡବଲ୍ ଇଞ୍ଜିନ୍’ ସରକାରର ଜୋର

- ଦୁଇ ବର୍ଷରେ ୫୪ ହଜାର କୋଟିର ଜଳ ଭିତ୍ତିଭୂମି
- ୩.୨ ଲକ୍ଷ ହେକ୍ଟର ଚାଷଜମିକୁ ଜଳସେଚନ
- ୫୪ ହଜାର କୋଟିର ଜଳ ଭିତ୍ତିଭୂମି
- ୭୭୦ ନୂଆ ଚେକ୍ ଡ୍ୟାମ୍, ୧୩୧୨ର ପୁନରୁଦ୍ଧାର
- ୬ ମେଗା ଲିଫ୍ଟ ଇରିଗେସନ୍ ପ୍ରକଳ୍ପ ସମ୍ପୂର୍ଣ୍ଣ
- ଆସନ୍ତା ବର୍ଷରେ ୨୫ ହଜାର ହେକ୍ଟରକୁ ଜଳସେଚନ ଲକ୍ଷ୍ୟ


ଭୁବନେଶ୍ୱର, ୩।୯ : ଓଡ଼ିଶାରେ ଚାଷୀଙ୍କ କ୍ଷେତକୁ ଜଳ ପହଞ୍ଚାଇବା ଓ ଜଳସେଚନ ଭିତ୍ତିଭୂମିର ସମ୍ପ୍ରସାରଣକୁ ରାଜ୍ୟର ବିଜେପି ସରକାର ପ୍ରାଥମିକତା ଦେଉଛି । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଗତ ଦୁଇ ବର୍ଷରେ ରାଜ୍ୟରେ ପ୍ରାୟ ୫୪ ହଜାର କୋଟି ଟଙ୍କାର ଜଳ ଭିତ୍ତିଭୂମି କାର୍ଯ୍ୟ ଅନୁମୋଦିତ ହୋଇଥିବାବେଳେ ପ୍ରାୟ ୩.୨ ଲକ୍ଷ ହେକ୍ଟର ଚାଷଜମିକୁ ଅତିରିକ୍ତ ଜଳସେଚନ ସୁବିଧା ପହଞ୍ଚିଛି । ଜଳସେଚନର ସମ୍ପ୍ରସାରଣ ଚାଷ ଉତ୍ପାଦନ ଓ ଚାଷୀଙ୍କ ଆୟ ବୃଦ୍ଧିରେ ନୂଆ ଦିଗ ଖୋଲିବ ବୋଲି ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ କହିଛନ୍ତି ।

ବିଜେପି ସରକାର ‘ଘୋଷଣାର ନୁହେଁ, କାମର ସରକାର’ ବୋଲି ଶ୍ରୀ ସାମଲ ଦାବି କରିବା ସହ ରାଜ୍ୟର ଜଳସମ୍ପଦ କ୍ଷେତ୍ରରେ ଚାଲିଥିବା ବିଭିନ୍ନ ପ୍ରକଳ୍ପର ତଥ୍ୟ ରଖିଛନ୍ତି । ଜଳସେଚନର ବିସ୍ତାର ହେଲେ ଚାଷ ବଢ଼ିବ, ଚାଷ ବଢ଼ିଲେ ଚାଷୀଙ୍କ ଆୟ ବଢ଼ିବ ଏବଂ ଚାଷୀ ସମୃଦ୍ଧ ହେଲେ ଓଡ଼ିଶାର ଅର୍ଥନୀତି ଆହୁରି ସୁଦୃଢ଼ ହେବ ବୋଲି ସେ କହିଛନ୍ତି ।

ଶ୍ରୀ ସାମଲଙ୍କ ସୂଚନା ଅନୁସାରେ, ଗତ ଦୁଇ ବର୍ଷରେ ଓଡ଼ିଶାରେ ପ୍ରାୟ ୫୪ ହଜାର କୋଟି ଟଙ୍କାର ଜଳ ଭିତ୍ତିଭୂମି କାର୍ଯ୍ୟ ଅନୁମୋଦିତ ହୋଇଛି । ଏହାକୁ କେବଳ ଏକ ବଡ଼ ଆର୍ଥିକ ବ୍ୟୟ ଭାବେ ନୁହେଁ, ବରଂ ରାଜ୍ୟର କୃଷି ଓ ଚାଷୀଙ୍କ ଭବିଷ୍ୟତ ପାଇଁ ଏକ ବଡ଼ ନିବେଶ ଭାବେ ସେ ବର୍ଣ୍ଣନା କରିଛନ୍ତି । ଗତ ଦୁଇ ବର୍ଷରେ ପ୍ରାୟ ୩.୨ ଲକ୍ଷ ହେକ୍ଟର ଚାଷଜମିକୁ ଅତିରିକ୍ତ ଜଳସେଚନ ସୁବିଧା ମିଳିଛି । ଏହା ଦ୍ୱାରା ଚାଷୀଙ୍କ ବର୍ଷା ଉପରେ ନିର୍ଭରଶୀଳତା କମିବା ସହ ଅଧିକ ନିଶ୍ଚିତତାର ସହ ଚାଷ କରିବାର ସୁଯୋଗ ମିଳିବ ବୋଲି ସେ କହିଛନ୍ତି ।

ଜଳସେଚନ ସହ ଜଳ ସଂରକ୍ଷଣ ଉପରେ ମଧ୍ୟ ସରକାର ଗୁରୁତ୍ୱ ଦେଉଥିବା ଶ୍ରୀ ସାମଲ କହିଛନ୍ତି । ଏହି ଅବଧିରେ ରାଜ୍ୟରେ ୭୭୦ଟି ନୂଆ ଚେକ୍ ଡ୍ୟାମ୍ ଏବଂ ୯ଟି ନଦୀ ଗର୍ଭାଜଳ ସଂରକ୍ଷଣ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଏଥିସହ ୧୩୧୨ଟି ପୁରୁଣା ଚେକ୍ ଡ୍ୟାମ୍‌ର ପୁନରୁଦ୍ଧାର କରାଯାଇଛି । ଫଳରେ ଗ୍ରାମାଞ୍ଚଳରେ ଜଳ ସଂରକ୍ଷଣ ସହ ଭୂତଳ ଜଳସ୍ତର ବଜାୟ ରଖିବା ଏବଂ କୃଷି ପାଇଁ ଜଳ ଉପଲବ୍ଧତା ବଢ଼ାଇବାରେ ଏହି ପ୍ରକଳ୍ପଗୁଡ଼ିକ ସହାୟକ ହେବ ବୋଲି ସେ ମତ ଦେଇଛନ୍ତି ।

ଗତ ଦୁଇ ବର୍ଷରେ ରାଜ୍ୟରେ ୬ଟି ମେଗା ଲିଫ୍ଟ ଇରିଗେସନ୍ ପ୍ରକଳ୍ପ ଓ ୩୨ଟି ମାଇନର୍ ଇରିଗେସନ୍ ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି । ଏହା ସହ ୫୮ଟି ନୂଆ ମେଗା ଲିଫ୍ଟ ଇରିଗେସନ୍ ପ୍ରକଳ୍ପରେ କାମ ଚାଲିଥିବା ଶ୍ରୀ ସାମଲ କହିଛନ୍ତି । ବିଶେଷକରି ଉଚ୍ଚଭୂମି ଓ ଦୀର୍ଘଦିନ ଧରି ଜଳସେଚନରୁ ବଞ୍ଚିତ ଅଞ୍ଚଳଗୁଡ଼ିକୁ ଏହି ପ୍ରକଳ୍ପ ଜଳ ଯୋଗାଣରେ ସହାୟକ ହେବ ବୋଲି ସେ କହିଛନ୍ତି ।



ଦୀର୍ଘଦିନ ଧରି ଅଟକି ରହିଥିବା କେନ୍ଦୁଝର ଜିଲ୍ଲାର ବୈତରଣୀ ନଦୀ ଉପରେ କାନୁପୁର ଜଳସେଚନ ପ୍ରକଳ୍ପର ଡ୍ୟାମ୍ କାର୍ଯ୍ୟ ଗତ ଅଗଷ୍ଟ ୩୧ରେ ସମ୍ପୂର୍ଣ୍ଣ ହୋଇଥିବା ଶ୍ରୀ ସାମଲ କହିଛନ୍ତି । ବହୁ ବର୍ଷ ଧରି ବିଭିନ୍ନ କାରଣରୁ ଅଟକି ରହିଥିବା ଏହି ପ୍ରକଳ୍ପରେ ଗତି ଆସିବା ଉତ୍ତର ଓଡ଼ିଶାର ଜଳସେଚନ ବ୍ୟବସ୍ଥା ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଛନ୍ତି । ରାଜ୍ୟରେ ଚାଲିଥିବା କେନାଲ୍ ନେଟୱାର୍କର କାର୍ଯ୍ୟକୁ ଆସନ୍ତା ଏକ ବର୍ଷ ମଧ୍ୟରେ ସମ୍ପୂର୍ଣ୍ଣ କରି ପ୍ରାୟ ୨୫ ହଜାର ହେକ୍ଟର ଚାଷଜମିକୁ ଜଳସେଚନ ସୁବିଧା ଯୋଗାଇବାର ଲକ୍ଷ୍ୟ ରହିଥିବା ଶ୍ରୀ ସାମଲ କହିଛନ୍ତି । ପୂର୍ବରୁ ବର୍ଷ ବର୍ଷ ଧରି ଫାଇଲ୍ ଓ ପ୍ରଶାସନିକ ଜଟିଳତାରେ ଅଟକି ରହୁଥିବା ଜଳସେଚନ ପ୍ରକଳ୍ପଗୁଡ଼ିକୁ ଏବେ ଗତି ମିଳୁଛି ବୋଲି ସେ ଦାବି କରିଛନ୍ତି । ଚାଷୀଙ୍କ କ୍ଷେତକୁ ନିଶ୍ଚିତ ଜଳ ଯୋଗାଣ ଓ ରାଜ୍ୟର କୃଷି ଅର୍ଥନୀତିକୁ ସୁଦୃଢ଼ କରିବା ଦିଗରେ ‘ଡବଲ୍ ଇଞ୍ଜିନ୍’ ସରକାର ଏକ ନୂଆ ଅଧ୍ୟାୟ ଆରମ୍ଭ କରିଥିବା ସେ କହିଛନ୍ତି । ନୂଆଦିଲ୍ଲୀରେ ଅନୁଷ୍ଠିତ ଜଳଶକ୍ତି ସମ୍ମିଳନୀରେ ଓଡ଼ିଶାର ଜଳସେଚନ ଓ ଜଳସମ୍ପଦ କ୍ଷେତ୍ରରେ ହୋଇଥିବା ଅଗ୍ରଗତି ସମ୍ପର୍କରେ ଯେଉଁ ଚିତ୍ର ସାମ୍ନାକୁ ଆସିଛି, ତାହା ରାଜ୍ୟର କୃଷକ ସମାଜ ପାଇଁ ଆଶା ସୃଷ୍ଟି କରିଛି ବୋଲି ଶ୍ରୀ ସାମଲ କହିଛନ୍ତି । ଏହି ପଦକ୍ଷେପଗୁଡ଼ିକ ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏବଂ କେନ୍ଦ୍ର ଜଳଶକ୍ତି ମନ୍ତ୍ରୀ ସି.ଆର୍. ପାଟିଲଙ୍କୁ ଶ୍ରୀ ସାମଲ କୃତଜ୍ଞତା ଜଣାଇଛନ୍ତି ।

ପେପରଲେସ୍ ଡିଡ୍ ପାଇଁ ଆଇନ ସଂଶୋଧନ ପ୍ରସ୍ତାବ

ଚାରି ପୃଷ୍ଠାରେ ସୀମିତ ହେବ ପଞ୍ଜୀକରଣ ଦଲିଲ୍



ଭୁବନେଶ୍ୱର, ୩।୯ : ରାଜ୍ୟରେ ଦଲିଲ୍ ପଞ୍ଜୀକରଣ ବ୍ୟବସ୍ଥାକୁ କାଗଜମୁକ୍ତ, ସରଳ, ଦ୍ରୁତ ଓ ସମ୍ପୂର୍ଣ୍ଣ ଡିଜିଟାଲ୍ କରିବା ଦିଗରେ ରାଜ୍ୟ ସରକାର ଆଉ ଏକ ବଡ଼ ପଦକ୍ଷେପ ନେଇଛନ୍ତି । କାଗଜବିହୀନ ଦଲିଲ୍ ପଞ୍ଜୀକରଣ ବ୍ୟବସ୍ଥା ପ୍ରଚଳନ ପାଇଁ ପଞ୍ଜୀକରଣ ଆଇନ, ୧୯୦୮ରେ ଆବଶ୍ୟକ ସଂଶୋଧନ ନେଇ ଆଲୋଚନା ହୋଇଛି । ପ୍ରସ୍ତାବିତ ସଂଶୋଧନ ଲାଗୁ ହେଲେ ଦଲିଲ୍ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ଡିଜିଟାଲ୍ ମାଧ୍ୟମରେ ସମ୍ପନ୍ନ ହେବ । ଏଥିସହ ପଞ୍ଜୀକରଣ ଦଲିଲ୍‌କୁ ଚାରି ପୃଷ୍ଠାରେ ସୀମିତ ରଖିବା ସହ ନାଗରିକଙ୍କୁ ସରଳ, ଦ୍ରୁତ ଓ ସୁବିଧାଜନକ ସେବା ଯୋଗାଇବାକୁ ଯୋଜନା ରହିଛି ।

- ଭୂ-ରେକର୍ଡ ସହ ସଂଯୁକ୍ତ ହେବ ପଞ୍ଜୀକରଣ ତଥ୍ୟ
- ପଞ୍ଜୀକରଣ ହେବ ଅଧିକ ସ୍ୱଚ୍ଛ ଓ ନାଗରିକକେନ୍ଦ୍ରିକ
- ନିର୍ଦ୍ଦିଷ୍ଟ ଆକୃତିରେ ପ୍ରସ୍ତୁତ ହେବ ଦଲିଲ୍

କାଗଜବିହୀନ ଦଲିଲ୍ ପଞ୍ଜୀକରଣ ପାଇଁ ଆଇନଗତ ବ୍ୟବସ୍ଥାରେ ସଂଶୋଧନ ପ୍ରସ୍ତାବ ଉପରେ ଗୁରୁବାର ଲୋକସେବା ଭବନଠାରେ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଅଧ୍ୟକ୍ଷତାରେ ଉଚ୍ଚସ୍ତରୀୟ ସମୀକ୍ଷା ବୈଠକ ବସିଥିଲା । ବୈଠକରେ ପଞ୍ଜୀକରଣ ବ୍ୟବସ୍ଥାର ସମ୍ପୂର୍ଣ୍ଣ ଡିଜିଟାଲୀକରଣ, ଏହାର ଆଇନଗତ ସୀକୃତି, ଭୂ-ରେକର୍ଡ ସହ ସମନ୍ୱୟ ଏବଂ ନାଗରିକଙ୍କ ପାଇଁ ସେବାକୁ ଅଧିକ ସହଜ କରିବା ନେଇ ବିସ୍ତୃତ ଆଲୋଚନା ହୋଇଥିଲା ।

ମନ୍ତ୍ରୀ ଶ୍ରୀ ପୂଜାରୀ କହିଛନ୍ତି, ପଞ୍ଜୀକରଣ ବ୍ୟବସ୍ଥାକୁ ଅଧିକ ପାରଦର୍ଶୀ, ସରଳ, ଦ୍ରୁତ ଓ ନାଗରିକକେନ୍ଦ୍ରିକ କରିବା ରାଜ୍ୟ ସରକାରଙ୍କ ପ୍ରମୁଖ ଲକ୍ଷ୍ୟ । କାଗଜବିହୀନ ଦଲିଲ୍ ପଞ୍ଜୀକରଣ ବ୍ୟବସ୍ଥା ମାଧ୍ୟମରେ ନାଗରିକମାନେ ଅଧିକ ସୁବିଧାରେ ପଞ୍ଜୀକରଣ ସେବା ପାଇପାରିବେ । ଭୂ-ରେକର୍ଡ ଓ ପଞ୍ଜୀକରଣ ରେକର୍ଡର ଡିଜିଟାଲ୍ ସମନ୍ୱୟ ଦ୍ୱାରା ସେବା ପ୍ରଦାନରେ ଦକ୍ଷତା ଓ ସ୍ୱଚ୍ଛତା ଆହୁରି ବୃଦ୍ଧି ପାଇବ । ପ୍ରସ୍ତାବିତ ସଂଶୋଧନ ଅନୁସାରେ ପଞ୍ଜୀକରଣ ଆଇନ, ୧୯୦୮ରେ ବର୍ତ୍ତମାନ ଥିବା ୮ଟି ଧାରାରେ ସଂଶୋଧନ କରାଯିବା ସହ ଆଉ ୯ଟି ନୂତନ ଧାରା ଯୋଡ଼ିବାର ପ୍ରସ୍ତାବ ରହିଛି । ଏହା ☞ପୃଷ୍ଠା-୨

ସେପ୍ଟେମ୍ବର ୨୨ରୁ ବିଧାନସଭାର ୭ମ ଅଧିବେଶନ

ଭୁବନେଶ୍ୱର: ଚଳିତ ମାସ ୨୨ ତାରିଖରୁ ଆରମ୍ଭ ହେବ ରାଜ୍ୟର ୧୭ଶ ବିଧାନସଭାର ୭ମ ଅଧିବେଶନ । ଅଧିବେଶନ ଅକ୍ଟୋବର ୩ ତାରିଖ ପର୍ଯ୍ୟନ୍ତ ଚାଲିବ । ବିଧାନସଭା ସଚିବାଳୟ ପକ୍ଷରୁ ଗୁରୁବାର ଜାରି ହୋଇଥିବା ବିଜ୍ଞପ୍ତିରେ ଏନେଇ ସୂଚନା ଦିଆଯାଇଛି । ଏହି ଅଧିବେଶନରେ ମୋଟ ୯ଟି କାର୍ଯ୍ୟଦିବସ ରହିବ । ଏଥିରୁ ୮ଟି ସରକାରୀ କାର୍ଯ୍ୟଦିବସ ଥିବାବେଳେ ଗୋଟିଏ ବେସରକାରୀ କାର୍ଯ୍ୟଦିବସ ରହିଛି । ବିଧାନସଭା ଅଧିବେଶନ କାଳରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ସହ ବିଧାନସଭା କାର୍ଯ୍ୟ ଚାଲିବ । ସେପ୍ଟେମ୍ବର ୨୬ ଓ ୨୭ ତାରିଖ ସରକାରୀ ଛୁଟି ଥିବାରୁ ଏହି ଦୁଇଦିନ ଗୃହକାର୍ଯ୍ୟ ବନ୍ଦ ରହିବ । ସେହିପରି ଅକ୍ଟୋବର ୨ ତାରିଖରେ ଗାନ୍ଧୀ ଜୟନ୍ତୀ ଉପଲକ୍ଷେ ମଧ୍ୟ ବିଧାନସଭାର କାର୍ଯ୍ୟ ବନ୍ଦ ରହିବ । ଏହି ୯ ଦିନିଆ ଅଧିବେଶନରେ ବିଭିନ୍ନ ଜନସାର୍ଥ ପ୍ରସଙ୍ଗ ନେଇ ବିରୋଧୀ ଦଳ ସରକାରଙ୍କୁ ଘେରିବାର ସମ୍ଭାବନା ରହିଥିବାବେଳେ ଶାସକ ଦଳ ପକ୍ଷରୁ ମଧ୍ୟ ଏହାର ଜବାବ ରଖାଯିବ ।



ଆଜି ଚାଷୀଙ୍କ ଖାତାକୁ ଆସିବ ‘ସିଏମ୍-କିସାନ’ ଟଙ୍କା

ଢେଙ୍କାନାଳଠାରେ ବାଣ୍ଟିବେ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର

ଭୁବନେଶ୍ୱର, ୪ ।୯: ରାଜ୍ୟର ଚାଷୀଙ୍କ ପାଇଁ ଆସନ୍ତାକାଲି ଆସିବ ବଡ଼ ଖୁସି ଖବର । ‘ସିଏମ୍-କିସାନ’ ଯୋଜନାର ରବି ୨୦୨୬-୨୭ ଅବଧିର ପଞ୍ଚମ କିସ୍ତି ଆର୍ଥିକ ସହାୟତା ପ୍ରଦାନ କରାଯିବ । ରାଜ୍ୟର ୪୧ ଲକ୍ଷରୁ ଊର୍ଦ୍ଧ୍ୱ କ୍ଷୁଦ୍ର, ନାମମାତ୍ର, ପିଭିଟିଜି ଓ ଭୂମିହୀନ କୃଷକ ପରିବାର ଏହାଦ୍ୱାରା ଉପକୃତ ହେବେ । ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ଆୟୋଜିତ ରାଜ୍ୟସ୍ତରୀୟ ସତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ହିତାଧିକାରୀଙ୍କୁ ଏହି ☞ପୃଷ୍ଠା-୨

ଢେଙ୍କାନାଳରେ ଜାତୀୟ ରାଜପଥ ବିକାଶକୁ ଗୁରୁତ୍ୱ

ଦୁର୍ଘଟଣା ପ୍ରବଣ ସ୍ଥାନ ଚିହ୍ନଟ ସହ ସୁରକ୍ଷା ବ୍ୟବସ୍ଥା ସୁଦୃଢ଼ କରିବାକୁ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ନିର୍ଦ୍ଦେଶ



ଭୁବନେଶ୍ୱର, ୩।୯ (ଅକ୍ଷର ଓଡ଼ିଶା): ଢେଙ୍କାନାଳ ଜିଲ୍ଲା ଦେଇ ଯାଇଥିବା ଜାତୀୟ ରାଜପଥ-୫୫ (NH-55) ଓ ଜାତୀୟ ରାଜପଥ-୫୩ (NH-53)ର ଉନ୍ନତି, ରକ୍ଷଣାବେକ୍ଷଣ ଓ ସଡ଼କ ସୁରକ୍ଷା ନେଇ ଭୁବନେଶ୍ୱର ଲୋକସେବା ଭବନଠାରେ ଏକ ସମୀକ୍ଷା ବୈଠକ ହୋଇଛି । ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ତଥା ବିଜ୍ଞାନ ଓ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଅଧ୍ୟକ୍ଷତାରେ ହୋଇଥିବା ବୈଠକରେ ଜାତୀୟ ରାଜପଥ ☞ପୃଷ୍ଠା-୨


‘୪୮ ଘଣ୍ଟାରେ ଚାଷୀଙ୍କ ପ୍ରାପ୍ୟ ପ୍ରଦାନ ନିଗମର ବଡ଼ ସଫଳତା’ : ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର



- ଚାଷୀଙ୍କଠାରୁ ଧାନ ସଂଗ୍ରହ, ହିତାଧିକାରୀଙ୍କୁ ରାସନ ଯୋଗାଣ
- ସେତୁ ଭୂମିକାରେ ଯୋଗାଣ ନିଗମ
- ଧାନ କିଣାର ୪୮ ଘଣ୍ଟାରେ ପ୍ରାପ୍ୟ
- ଖାଦ୍ୟ ସୁରକ୍ଷା ବ୍ୟବସ୍ଥାରେ ଦକ୍ଷ ପରିଚାଳନା
- ଅବସରପ୍ରାପ୍ତ ଅଧିକାରୀ ଓ କର୍ମଚାରୀ ସମ୍ବର୍ଦ୍ଧିତ

ଭୁବନେଶ୍ୱର, ୩।୯ : ‘କୃଷକ ଓ ସରକାରଙ୍କ ମଧ୍ୟରେ ସେତୁ ଭାବେ ରାଜ୍ୟ ଯୋଗାଣ ନିଗମ କାର୍ଯ୍ୟ କରୁଛି । ଚାଷୀଙ୍କଠାରୁ ଧାନ ସଂଗ୍ରହଠାରୁ ଆରମ୍ଭ କରି ସେମାନଙ୍କ ପ୍ରାପ୍ୟ ତ୍ୱରିତ ପ୍ରଦାନ ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ଠିକଣା ସମୟରେ ରାସନ ଯୋଗାଣ କ୍ଷେତ୍ରରେ ନିଗମ ଉଲ୍ଲେଖନୀୟ ଭୂମିକା ନିର୍ବାହ କରୁଛି,’ ବୋଲି କହିଛନ୍ତି ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ, ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର । ରାଜ୍ୟ ଯୋଗାଣ ନିଗମର ୪୭ତମ ପ୍ରତିଷ୍ଠା ଦିବସ ଅବସରରେ ଗୁରୁବାର ନିଗମ ପରିସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ନିଗମର କାର୍ଯ୍ୟଧାରାର ପ୍ରଶଂସା କରିବା ସହ ଚାଷୀ ଓ ଖାଦ୍ୟ ସୁରକ୍ଷା ହିତାଧିକାରୀଙ୍କ ସ୍ୱାର୍ଥ ସୁରକ୍ଷାକୁ ଅଗ୍ରାଧିକାର ଦେବା ଉପରେ ଗୁରୁତ୍ୱାରୋପ କରିଥିଲେ ।

୧୯୮୦ ମସିହାରେ ପ୍ରତିଷ୍ଠିତ ରାଜ୍ୟ ଯୋଗାଣ ନିଗମ ଦୀର୍ଘ ୪୭ ବର୍ଷର ଯାତ୍ରାରେ ରାଜ୍ୟର ଖାଦ୍ୟ ଯୋଗାଣ ଓ ଖାଦ୍ୟ ସୁରକ୍ଷା ବ୍ୟବସ୍ଥାର ଏକ ଅବିଚ୍ଛିନ୍ନ ଅଂଶ ଭାବେ ନିଜର ଭୂମିକାକୁ ଦୃଢ଼ କରିଛି । ଚାଷୀଙ୍କଠାରୁ ଧାନ କିଣାଯିବାଠାରୁ ଆରମ୍ଭ କରି ତାହାର ସଂରକ୍ଷଣ, ପରିଚାଳନା ଏବଂ ଖାଦ୍ୟ ସୁରକ୍ଷା ଯୋଜନାରେ ହିତାଧିକାରୀଙ୍କୁ ରାସନ ସାମଗ୍ରୀ ଯୋଗାଣ ପର୍ଯ୍ୟନ୍ତ ବିଭିନ୍ନ ପର୍ଯ୍ୟାୟରେ ନିଗମ ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ତୁଲାଇ ଆସୁଛି । ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ, ଚାଷୀଙ୍କ ଧାନ ସଂଗ୍ରହ ପ୍ରକ୍ରିୟାକୁ ସରଳ ଓ ସ୍ୱଚ୍ଛ କରିବା ସହ ଧାନ ବିକ୍ରି ପରେ ସେମାନଙ୍କୁ ଯଥାଶୀଘ୍ର ପ୍ରାପ୍ୟ ପ୍ରଦାନ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି । ସେହିପରି ଖାଦ୍ୟ ସୁରକ୍ଷା ଯୋଜନାର ହିତାଧିକାରୀମାନେ ଯେପରି ନିର୍ଦ୍ଧାରିତ ସମୟରେ ରାସନ ସାମଗ୍ରୀ ପାଇପାରିବେ, ସେଥିପାଇଁ ଯୋଗାଣ ବ୍ୟବସ୍ଥାକୁ ଅଧିକ ସୁଦୃଢ଼ କରାଯାଉଛି । ଚାଷୀ ଓ ସାଧାରଣ ଲୋକଙ୍କ ସ୍ୱାର୍ଥକୁ କେନ୍ଦ୍ରରେ ରଖି ନିଗମ ନିଜ କାର୍ଯ୍ୟଧାରାକୁ ଆହୁରି ଦକ୍ଷ, ସ୍ୱଚ୍ଛ ଓ ଜନମୁଖୀ କରିବା ଆବଶ୍ୟକ ବୋଲି ସେ ମତ ଦେଇଥିଲେ । କାର୍ଯ୍ୟକ୍ରମରେ ନିଗମର ପରିଚାଳନା ନିର୍ଦ୍ଦେଶକ କେ. ସୁଦର୍ଶନ ଚକ୍ରବର୍ତ୍ତୀ ନିଗମର ବିଭିନ୍ନ ପଦକ୍ଷେପ ଓ ସଫଳତା ସମ୍ପର୍କରେ ସୂଚନା ଦେଇଥିଲେ । ☞ପୃଷ



ଶୁକ୍ରବାର ୦୪।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ...

ଓଡିଶାକୁ ଦେଶର ସର୍ବଶ୍ରେଷ୍ଠ...

କାର୍ଯ୍ୟକ୍ରମ ରହିଛି ବୋଲି ରାଜ୍ୟ ଉପସଭାପତି ଡ.ଯତୀନ ମହାନ୍ତି ସୁଚନା ଦେଇଛନ୍ତି । ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ସଂପର୍କରେ ସୂଚନା ଦେଇ ଡ.ମହାନ୍ତି କହିଛନ୍ତି ଯେ, ଏହି ପରିବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଭାରତୀୟ ଜନତା ପାର୍ଟିର ସାଂଗଠନିକ ପଦ୍ଧତିର ଗୋଟିଏ ପ୍ରମୁଖ ଗତିବିଧି । ଏହି କାର୍ଯ୍ୟକାରିଣୀ ବୈଠକରେ ସାଂପ୍ରତିକ ରାଜନୈତିକ ପରିସ୍ଥିତି, କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ସଂପର୍କରେ ବିସ୍ତୃତ ଆଲୋଚନା କରାଯାଇ ଆଗାମୀ ରଣନୀତି ପ୍ରସ୍ତୁତ କରାଯିବ । ଉଦ୍‌ଘାଟନ ଓ ସମାରୋପ ସତ୍ର ସମେତ ଅନ୍ୟାନ୍ୟ ୩ଟି ପ୍ରସ୍ତାବ ଆଗତ କରାଯାଇ ପାରିତ କରାଯିବ । ଏହି କାର୍ଯ୍ୟକାରିଣୀ ବୈଠକରେ ପାଖାପାଖି ୪୦୦ ଜଣ ସଦସ୍ୟ ଉପସ୍ଥିତ ରହିବେ ବୋଲି ଡ.ମହାନ୍ତି ସୂଚନା ଦେଇଛନ୍ତି । ଓଡିଶାବାସୀଙ୍କ ଆର୍ଶୀବାଦରୁ ବିଜେପି ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିବାର ସୁଯୋଗ ପାଇଛି । ଜନସାଧାରଣଙ୍କ ଆଶା ଓ ଆକାଂକ୍ଷାକୁ ପୁରଣ କରି ଓଡିଶାକୁ ଦେଶର ସର୍ବଶ୍ରେଷ୍ଠ ରାଜ୍ୟ ଭାବେ ଗଢି ତୋଳିବା ପାଇଁ ବିଜେପି ସରକାର ପ୍ରତିଶୃତିବଦ୍ଧ । ଭାଇଚାରା, ସଂସ୍କୃତି ଓ ଐତିହ୍ୟର ସହର ହେଉଛି କଟକ ନଗରୀ । କଟକରେ ରାଜ୍ୟ କାର୍ଯ୍ୟକାରିଣୀ ବୈଠକ ଅନୁଷ୍ଠିତ ହେଉଥିବା କାରଣରୁ ସ୍ଥାନୀୟ କାର୍ଯ୍ୟକର୍ତାମାନେ ଅତ୍ୟନ୍ତ ଉତ୍ସାହିତ ଅଛନ୍ତି ଏବଂ କାର୍ଯ୍ୟକାରିଣୀ ବୈଠକୁ ସଫଳ କରିବା ପାଇଁ ଦିନ ରାତି ପରିଶ୍ରମ କରି ପ୍ରସ୍ତୁତି କାର୍ଯ୍ୟରେ ଲାଗି ପଡିଛନ୍ତି ବୋଲି ଡ.ମହାନ୍ତି କହିଛନ୍ତି ।

ଆଜି ଚାଷୀଙ୍କ ଖାତାକୁ...

ସହାୟତା ରାଶି ପ୍ରଦାନ କରିବେ । ଡିବିଟି ମାଧ୍ୟମରେ ୮୩୩ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଖାତାକୁ ପଠାଯିବ । କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଅନୁଯାୟୀ, ଏହି ଆର୍ଥିକ ସହାୟତା ଚାଷୀଙ୍କୁ ଆର୍ଥିକ ଭାବେ ସଶକ୍ତ କରିବା ସହ କୃଷି କାର୍ଯ୍ୟ ପାଇଁ ପ୍ରୋତ୍ସାହନ ଯୋଗାଇବ । ବିଶେଷକରି କ୍ଷୁଦ୍ର ଓ ନାମମାତ୍ର ଚାଷୀ, ପିଭିଟିଜି ଏବଂ ଭୂମିହୀନ କୃଷକ ପରିବାର ଏହାର ସିଧାସଳଖ ଲାଭ ପାଇବେ । ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କ ସମେତ ବିଭାଗୀୟ ଅଧିକାରୀ ଓ ଅନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେବେ । ସେହିପରି ଜିଲ୍ଲାସ୍ତରରେ ମଧ୍ୟ ସତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇ ସରକାରଙ୍କ ବିଭିନ୍ନ ମନ୍ତ୍ରୀ ଯୋଗଦେଇ ଚାଷୀଙ୍କୁ 'ସିଏମ୍-କିସାନ' କିସ୍ତି ପ୍ରଦାନ କରିବେ ।

ଢେଙ୍କାନାଳରେ ଜାତୀୟ ରାଜପଥ...

ସମ୍ପର୍କିତ ବିଭିନ୍ନ କାର୍ଯ୍ୟର ଅଗ୍ରଗତି, ସମସ୍ୟା ଓ ଆବଶ୍ୟକ ପଦକ୍ଷେପ ଉପରେ ଆଲୋଚନା ହୋଇଛି । ବୈଠକରେ NHAI ଢେଙ୍କାନାଳର ପ୍ରକଳ୍ପ ନିର୍ଦ୍ଦେଶକ କୁଲଦୀପ ସୋଙ୍ଗରା, ଜାତୀୟ ରାଜପଥ ବିଭାଗ, ଢେଙ୍କାନାଳର ଅଧୀକ୍ଷଣ ଯନ୍ତ୍ରୀ ଶ୍ରୀମତୀ ଚିତ୍ରା ଚୟନିକାଙ୍କ ସମେତ ସମ୍ପୃକ୍ତ ଅଧିକାରୀମାନେ ଉପସ୍ଥିତ ଥିଲେ ।

ବିଶେଷକରି NH-55 ଓ NH-53ର ଆବଶ୍ୟକ ସ୍ଥାନରେ ପ୍ରଶସ୍ତୀକରଣ, ରାସ୍ତାର ମରାମତି ଓ ରକ୍ଷଣାବେକ୍ଷଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଏଥିସହ ଦୁର୍ଘଟଣାପ୍ରବଣ ସ୍ଥାନଗୁଡ଼ିକରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ମଜଭୁତ କରିବା ଏବଂ ଯାତାୟାତ ଚାପ କମାଇବା ପାଇଁ ଆବଶ୍ୟକ ସ୍ଥାନରେ ଓଭରବ୍ରିଜ୍ ଓ ଫ୍ଲାଏଓଭର ନିର୍ମାଣ ନେଇ ମଧ୍ୟ ଆଲୋଚନା କରାଯାଇଥିଲା । ଜନସାଧାରଣଙ୍କୁ ସୁରକ୍ଷିତ ଓ ସୁଗମ ଯାତାୟାତ ସୁବିଧା ଯୋଗାଇବା ସରକାରଙ୍କ ପ୍ରାଥମିକତା ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଥିଲେ । ଜାତୀୟ ରାଜପଥର କାର୍ଯ୍ୟ କେବଳ କାଗଜପତ୍ରରେ ସୀମିତ ନରହି ମାଟିରେ ଦୃଶ୍ୟମାନ ହେବା ଆବଶ୍ୟକ । ଏଥିପାଇଁ କାର୍ଯ୍ୟଗୁଡ଼ିକୁ ସମୟବଦ୍ଧ ଭାବେ ସମ୍ପାଦନ କରିବା ସହ ନିୟମିତ ତଦାରଖ କରିବାକୁ ସେ ଅଧିକାରୀମାନଙ୍କୁ କହିଥିଲେ । ଢେଙ୍କାନାଳର ସଡ଼କ ଯୋଗାଯୋଗକୁ ଆହୁରି ସୁଦୃଢ଼ କରିବା ସହ ଶିଳ୍ପ ଓ ବାଣିଜ୍ୟର ବିକାଶକୁ ଗତି ଦେବା ଦିଗରେ ଜାତୀୟ ରାଜପଥର ଉନ୍ନତି ଗୁରୁତ୍ୱପୂର୍ଣ୍ଣ । ଜନସାର୍ଥ ସହ ଜଡ଼ିତ ଭିତ୍ତିଭୂମି ପ୍ରକଳ୍ପଗୁଡ଼ିକୁ ତ୍ୱରାନ୍ୱିତ କରାଯିବ ଏବଂ ରାଜପଥ ବିକାଶରେ କୌଣସି ଅବହେଳାକୁ ବରଦାସ୍ତ କରାଯିବ ନାହିଁ ବୋଲି ମନ୍ତ୍ରୀ ପ୍ରକାଶ କରିଥିଲେ ।

ଚାରି ପୃଷ୍ଠାରେ ସୀମିତ...

ମାଧ୍ୟମରେ ବୈଦ୍ୟୁତିକ ପଞ୍ଜୀ, ବୈଦ୍ୟୁତିକ ଦସ୍ତଖତ ଓ ବୈଦ୍ୟୁତିକ ମୋହରକୁ ଆଇନଗତ ସୀକୃତି ଦିଆଯିବ । ପଞ୍ଜୀକୃତ ଦଲିଲ୍‌ର ବୈଦ୍ୟୁତିକ ସଂରକ୍ଷଣ, ବୈଦ୍ୟୁତିକ ପ୍ରତିଲିପି ଓ ରେକର୍ଡକୁ ମଧ୍ୟ ଆଇନଗତ ମାନ୍ୟତା ଦେବାର ବ୍ୟବସ୍ଥା ରହିବ । ନୂଆ ବ୍ୟବସ୍ଥାରେ ପଞ୍ଜୀକରଣ ପାଇଁ ଦଲିଲ୍‌ର ବୈଦ୍ୟୁତିକ ଉପସ୍ଥାପନ ସହ ନିର୍ଦ୍ଦିଷ୍ଟ ମାମଲାରେ ଅନଲାଇନ୍ ଉପସ୍ଥିତି ଓ ତଦନ୍ତର ବ୍ୟବସ୍ଥା କରାଯିବ । ପ୍ରତ୍ୟେକ ସମ୍ପତ୍ତି ପାଇଁ ଏକ ଅନନ୍ୟ ସମ୍ପତ୍ତି ପରିଚୟ ସଂଖ୍ୟା ଦିଆଯାଇ ଏହାକୁ ସରକାରୀ ଭୂ-ରେକର୍ଡ ସହ ସଂଯୁକ୍ତ କରିବାର ବ୍ୟବସ୍ଥା ରହିବ । ନାଗରିକଙ୍କ ସମ୍ମତିକ୍ରମେ ଆଧାର ପରିଚୟ ପ୍ରମାଣୀକରଣ ମାଧ୍ୟମରେ ବୈଦ୍ୟୁତିକ ପରିଚୟ ଯାଞ୍ଚର ସୁବିଧା ରହିବ । ତେବେ ଆଧାରକୁ ବାଧ୍ୟତାମୂଳକ କରାଯିବ ନାହିଁ । ଅଫ୍‌ଲାଇନ୍ ପରିଚୟ ଯାଞ୍ଚ, ସରକାରୀ ଭାବେ ସୀକୃତ ପରିଚୟପତ୍ର କିମ୍ବା ବୈଦ୍ୟୁତିକ ଦଲିଲ୍ ମାଧ୍ୟମରେ ମଧ୍ୟ ପରିଚୟ ଯାଞ୍ଚ କରାଯାଇପାରିବ ।

ପଞ୍ଜୀକରଣଯୋଗ୍ୟ ଦଲିଲ୍ ପାଇଁ ନିର୍ଦ୍ଦିଷ୍ଟ ଆକୃତି ବା ନମୁନା ପ୍ରସ୍ତୁତ କରାଯିବ । ନିର୍ଦ୍ଦିଷ୍ଟ ବର୍ଗର ଦଲିଲ୍ ପାଇଁ ସମ୍ପୂର୍ଣ୍ଣ ବୈଦ୍ୟୁତିକ ପଞ୍ଜୀକରଣ ବ୍ୟବସ୍ଥା ପ୍ରଚଳନ କରାଯିବ । ବୈଦ୍ୟୁତିକ ଭାବେ ଜାରି ହେଉଥିବା ପଞ୍ଜୀକରଣ ପ୍ରମାଣପତ୍ରରେ ବୈଦ୍ୟୁତିକ ଦସ୍ତଖତ ଓ ବୈଦ୍ୟୁତିକ ମୋହର ରହିବ । ଏହାର ଆଇନଗତ ବୈଧତା ଭୌତିକ ପ୍ରମାଣପତ୍ର ସହ ସମାନ ରହିବ । ପ୍ରସ୍ତାବିତ ବ୍ୟବସ୍ଥାରେ ବିକ୍ରୟ ଦଲିଲ୍, ବିକ୍ରୟ ଚୁକ୍ତି, ସାଧାରଣ କ୍ଷମତାପତ୍ର ଏବଂ ଅସ୍ଥାବର ସମ୍ପତ୍ତି ବନ୍ଧକ ଭଳି ବିଭିନ୍ନ ଦଲିଲ୍ ପାଇଁ ମଧ୍ୟ ନିର୍ଦ୍ଦିଷ୍ଟ ନମୁନା ରହିବ । ନୂଆ ଡିଜିଟାଲ୍ ବ୍ୟବସ୍ଥାରେ ପଞ୍ଜୀକରଣ ରେକର୍ଡକୁ ଭୂ-ରେକର୍ଡ, ଭୂ-ମାନଚିତ୍ର, ରାଜସ୍ୱ ରେକର୍ଡ, ପୌରସଂସ୍ଥା, ନଗର ଯୋଜନା କର୍ତ୍ତୃପକ୍ଷ, ଆର୍ଥିକ ସଂସ୍ଥା ଓ ଅନ୍ୟାନ୍ୟ ସରକାରୀ ବ୍ୟବସ୍ଥା ସହ ଡିଜିଟାଲ୍ ଭାବେ ସଂଯୋଗ କରାଯିବ । ପଞ୍ଜୀକରଣ ରେକର୍ଡ, ଭୂ-ରେକର୍ଡ ଓ ନାମାନ୍ତରଣ ରେଜିଷ୍ଟର ମଧ୍ୟରେ ସମନ୍ୱୟ ସ୍ଥାପନ କରାଯାଇ ନାମାନ୍ତରଣ ପ୍ରକ୍ରିୟାକୁ ମଧ୍ୟ ବୈଦ୍ୟୁତିକ ଭାବେ ଆରମ୍ଭ ଓ ସମାପ୍ତ କରିବାର ବ୍ୟବସ୍ଥା ରହିବ । ଫଳରେ ପଞ୍ଜୀକରଣ ପରେ ନାମାନ୍ତରଣ ପ୍ରକ୍ରିୟା ଆହୁରି ସହଜ ଓ ଦ୍ରୁତ ହେବାର ଆଶା କରାଯାଉଛି । ବୈଦ୍ୟୁତିକ ରେକର୍ଡର ସୁରକ୍ଷିତ ସଂରକ୍ଷଣ, ଅଭିଲେଖୀକରଣ, ସାଇବର ସୁରକ୍ଷା ଓ ବିପର୍ଯ୍ୟୟ ସମୟରେ ତଥ୍ୟର ପୁନରୁଦ୍ଧାର ପାଇଁ ମଧ୍ୟ ଆଇନଗତ ବ୍ୟବସ୍ଥା କରାଯିବ । ଏହା ଦ୍ୱାରା ଦଲିଲ୍ ଓ ଜମି ସମ୍ପର୍କିତ ତଥ୍ୟର ସୁରକ୍ଷା ସହ ଦୀର୍ଘମିଆଦି ସଂରକ୍ଷଣ ସୁନିଶ୍ଚିତ କରାଯିବ । ପ୍ରସ୍ତାବିତ ଆଇନଗତ ସଂଶୋଧନ ଲାଗୁ ହେଲେ ରାଜ୍ୟର ଦଲିଲ୍ ପଞ୍ଜୀକରଣ ବ୍ୟବସ୍ଥା ଅଧିକ ପ୍ରଯୁକ୍ତିସମ୍ପନ୍ନ, ପାରଦର୍ଶୀ, ସୁରକ୍ଷିତ, ଦ୍ରୁତ ଓ ଲୋକାଭିମୁଖୀ ହେବ । କାଗଜପତ୍ରର ବ୍ୟବହାର କମିବା ସହ ନାଗରିକଙ୍କ ସମୟ ଓ ଶ୍ରମ ବଞ୍ଚିବ । ଏଥିସହ ପଞ୍ଜୀକରଣ ବ୍ୟବସ୍ଥାରେ ମାନବୀୟ ହସ୍ତକ୍ଷେପ ହ୍ରାସ ପାଇବା ଦ୍ୱାରା ସଚ୍ଛତା ଓ ଦକ୍ଷତା ବୃଦ୍ଧି ପାଇବ । ଭୂ-ରେକର୍ଡ ଓ ପଞ୍ଜୀକରଣ ତଥ୍ୟର ଡିଜିଟାଲ୍ ସମନ୍ୱୟ ରାଜ୍ୟର ରାଜସ୍ୱ ପ୍ରଶାସନକୁ ମଧ୍ୟ ଅଧିକ ସୁଦୃଢ଼ କରିବ ।

୧୪ ବରିଷ୍ଠ ଓଏଏସ୍...

ଅଧିକାରୀମାନେ ହେଲେ ସୂର୍ଯ୍ୟନାରାୟଣ ଦାଶ, ସୁମିତା ସରକାର, ବାଳମୁକୁନ୍ଦ ଭୂୟା, ସୌଦାମିନୀ ସେଠୀ, ମଧୁମିତା ନାୟକ, ଜ୍ୟୋତିର୍ମୟୀ ପ୍ରଧାନ, ବବିତା ମହାନ୍ତି, ଅନୁଜ କୁମାର ଦାସ ପଟ୍ଟନାୟକ, ଜ୍ୟୋତିରଞ୍ଜନ ମିଶ୍ର, ସୁରେନ୍ଦ୍ର କୁମାର ପଣ୍ଡା, ଶୁଭ୍ରା ମହାନ୍ତି, ସଂଘମିତ୍ରା ଶତପଥୀ ଓ ହିମାଂଶୁ ଶେଖର ବେହେରା । ବିଜ୍ଞପ୍ତିର ନକଲ ରାଜ୍ୟ ମୁଖ୍ୟ ସଚିବଙ୍କ ସମେତ ଭାରତର ନିୟନ୍ତ୍ରକ ଓ ମହାଲେଖା ପରୀକ୍ଷକ, ୟୁପିଏସସି ଏବଂ ମସୁରୀସ୍ଥିତ ଲାଲବାହାଦୂର ଶାସ୍ତ୍ରୀ ଜାତୀୟ ପ୍ରଶାସନିକ ଏକାଡେମୀକୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ପାଇଁ ପଠାଯାଇଛି । ସୂଚନାଯୋଗ୍ୟ, ଓଡ଼ିଶାରେ ମୋଟ ୨୪୮ଟି ମଞ୍ଜୁରୀପ୍ରାପ୍ତ ଆଇଏଏସ୍ ପଦବୀ ରହିଛି । ଏଥିରୁ ୧୭୩ଟି ପଦବୀ ସିଧାସଳଖ ନିଯୁକ୍ତି ଏବଂ ୭୫ଟି ପଦବୀ ପଦୋନ୍ନତି ଭିତ୍ତିକ ବୋଲି ଜଣାପଡ଼ିଛି ।

'୪୮ ଘଣ୍ଟାରେ ଚାଷୀଙ୍କ...

ସେ କହିଥିଲେ, ଚାଷୀଙ୍କ ସାର୍ଥକୁ ସର୍ବାଧିକ ଗୁରୁତ୍ୱ ଦେଇ ଆଧାରଭିତ୍ତିକ ପଞ୍ଜିକରଣଠାରୁ ଆରମ୍ଭ କରି ଧାନ ସଂଗ୍ରହ ଓ ପ୍ରାପ୍ୟ ପ୍ରଦାନ ପର୍ଯ୍ୟନ୍ତ ପ୍ରକ୍ରିୟାକୁ ଅଧିକ ସରଳ ଓ ସଚ୍ଛ କରାଯାଇଛି । ବିଶେଷକରି ଧାନ କିଣାଯିବାର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କୁ ସେମାନଙ୍କ ପ୍ରାପ୍ୟ ପ୍ରଦାନ କରାଯାଉଛି । ଧାନକିଣା କ୍ଷେତ୍ରରେ ଏହି ବ୍ୟବସ୍ଥା ରାଜ୍ୟକୁ ଏକ ଉଲ୍ଲେଖନୀୟ ସ୍ଥାନ ଦେଇଛି ବୋଲି ସେ କହିଥିଲେ । ଚାଷୀଙ୍କ ଆର୍ଥିକ ସୁରକ୍ଷା ଓ ଧାନ ବିକ୍ରି ପରେ ତୁରନ୍ତ ପ୍ରାପ୍ୟ ପାଇବା ଦିଗରେ ଏହା ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ । ସମାରୋହରେ ଭାରତୀୟ ଖାଦ୍ୟ ନିଗମର ସାଧାରଣ ପରିଚାଳକ ନିହାର ରଞ୍ଜନ ପ୍ରଧାନ ଓ ଖାଦ୍ୟଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ଅତିରିକ୍ତ ଶାସନ ସଚିବ ଶ୍ରୀକାନ୍ତ ବେହୁରା ଯୋଗଦେଇ ନିଗମର କାର୍ଯ୍ୟଧାରା ଉପରେ ଆଲୋକପାତ କରିଥିଲେ । ଖାଦ୍ୟଶସ୍ୟର ସୁଚାରୁ ପରିଚାଳନା, ଧାନ ସଂଗ୍ରହ, ସଂରକ୍ଷଣ ଓ ହିତାଧିକାରୀଙ୍କ ନିକଟରେ ରାସନ ସାମଗ୍ରୀ ପହଞ୍ଚାଇବାରେ ନିଗମର ଭୂମିକା ଉପରେ ସେମାନେ ଗୁରୁତ୍ୱାରୋପ କରିଥିଲେ । ପ୍ରତିଷ୍ଠା ଦିବସ ଅବସରରେ ବିଭାଗର ମାସିକ ସଂକ୍ଷିପ୍ତ ପୁସ୍ତିକା 'ଯୋଗାଣ ଦର୍ପଣ' ଉନ୍ମୋଚନ କରାଯାଇଥିଲା । ଏଥିରେ ବିଭାଗ ଓ ନିଗମର ବିଭିନ୍ନ କାର୍ଯ୍ୟକଳାପ, ପଦକ୍ଷେପ ଓ ଉପଲବ୍ଧି ସମ୍ପର୍କରେ ସୂଚନା ସ୍ଥାନ ପାଇବ ।

ଏହି ଅବସରରେ ଗତ ଏକ ବର୍ଷ ମଧ୍ୟରେ ନିଗମରୁ ଅବସର ଗ୍ରହଣ କରିଥିବା ଅଧିକାରୀ ଓ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନିଗମର ଅର୍ଥ ସାଧାରଣ ପରିଚାଳକ ବିବେକାନନ୍ଦ ଦାସ ବାର୍ଷିକ ବିବରଣୀ ପାଠ କରିଥିବାବେଳେ ସାଧାରଣ ପରିଚାଳକ ପ୍ରଭାତ କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସାଧାରଣ ପରିଚାଳକ ଏଲୋରା ସାମଲ, ପ୍ରଣତି ପ୍ରିୟଦର୍ଶିନୀ, ବିତ୍ତ ପରାମର୍ଶଦାତା ଦେବରାଜ ମଣ୍ଡଳଙ୍କ ସମେତ ବିଭାଗ ଓ ନିଗମର ବହୁ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । ଶେଷରେ ନିଗମ ପକ୍ଷରୁ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ଅଧିକାରୀ ଓ କର୍ମଚାରୀମାନେ ଉପଭୋଗ କରିଥିଲେ ।

କେନାଲ ନିର୍ମାଣ ଅଧାରେ ବନ୍ଦ

ଚାଷୀଙ୍କୁ କ୍ଷତିପୂରଣ ନ ଦେଇ କେନାଲରେ ଛାଡ଼ିଲେ ପାଣି

ନୂଆପଡା, ୦୪/୦୯ (ଅକ୍ଷର ଓଡିଶା) : ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକ ଅରଡ଼ା ଗ୍ରାମପଞ୍ଚାୟତ ଅନ୍ତର୍ଗତ ବଡମୂଳା ଗ୍ରାମର ସର୍ଗତ ଅମୃତ ବାଗ ସମୀ ସର୍ଗତ ଗଜେନ୍ଦ୍ର ବାଗ ନାମରେ ଚାଷୀଙ୍କ ଏକ ଆମ୍ବ ବଗିଚା ରହିଅଛି । ସେହି ଆମ୍ବ ବଗିଚାକୁ ତାଙ୍କ ପୁଅ ସୁଦର୍ଶନ ବାଗ ଦେଖା ରେଖ କରୁଛନ୍ତି । ଆମ୍ବ ବଗିଚା ନିର୍ମାଣ ହୋଇ ବୃକ୍ଷ ବଡ ହୋଇଥିବା ବେଳେ ସେହି ଜମି ଦେଇ ତିଖଳି ନିମ୍ନ ଇନ୍ଦ୍ର ଜଳ ସେଚନ ପ୍ରକଳ୍ପ ବଡ ମୂଳା ସବ୍ ମାଇନ କେନାଲ ନିର୍ମାଣ ହୋଇଅଛି । ଏହି କେନାଲ ନିର୍ମାଣ କାର୍ଯ୍ୟ ଆସି ଚାଷୀ ଜମି ପାଖରେ ୨ୀ ଡିସିମିଲ ଜମି ଅଧିଗ୍ରହଣ କରିବା ପାଇଁ ନିଷ୍ପତି ହୋଇଥିଲା । କିନ୍ତୁ ଆମ୍ବ ବଗିଚା ରେ ଥିବା



୫୦ ରୁ ଉର୍ଦ୍ଧ୍ୱ ଆମ୍ବ ଚାରା ନଷ୍ଟ ହୋଇଥାନ୍ତା ତେଣୁ ଚାଷୀମାନେ ରାଜି ହୋଇନଥିଲେ । ଗ୍ରାମବାସୀଙ୍କ ଅନୁରୋଧ କ୍ରମେ ତାଙ୍କ ଜମି ରେ ଗୋଟିଏ ବକେଟ ମାଟି ଗାତ ଖୋଳିବାକୁ ସୀକୃତି ଦେଇଥିଲେ । ସେହି କେନାଲ ଦେଇ ଜଳ ପ୍ରବାହିତ ହୋଇ ଆମ୍ବ ବୃକ୍ଷର ଚେର ଉପୁଡ଼ି ଯାଉଥିବା ଅଭିଯୋଗ କରିଛନ୍ତି । ବର୍ତ୍ତମାନ ଚାଷୀ ଆମ୍ବ ବୃକ୍ଷର ଚେର କୁ ରକ୍ଷା କରିବା ପାଇଁ ଅସ୍ଥାୟୀ ଆମ୍ରିକା ବାଡ଼ ଦେଇଥିଲେ । କିନ୍ତୁ ଜଳ ପ୍ରବାହ ବ୍ୟାପକ ଥିବାରୁ ସେହି ବୃକ୍ଷ ଚେର କୁ ମାଟି କାଢ଼ି ଦୁର୍ବଳ କରି ପକାଇଛି । ଆଜି ଏହି ସମସ୍ୟା ନେଇ ଖଡ଼ିଆଳ ଲୋଅର ଇନ୍ଦ୍ର ଜଳସେଚନ ପ୍ରକଳ୍ପ ଅଧୀକ୍ଷଣ ଯନ୍ତ୍ରୀ ସୌମ୍ୟ ରଞ୍ଜନ ଜୟପୁରିଆଙ୍କୁ ଯୋଗ ଯୋଗ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ଜଣାଇବା ସହ ଚାଷୀଙ୍କୁ କ୍ଷତିପୂରଣ ପ୍ରଦାନ ଜମି ଅଧିଗ୍ରହଣ ଆର୍ଥିକ ସହାୟତା ଏବଂ ଆମ୍ବ ବଗିଚାର କ୍ଷତିପୂରଣ ପ୍ରଦାନ କରିବାକୁ ଚାଷୀ ପରିବାର ଦାବି କରିଛନ୍ତି । ତାଙ୍କ ଜମିରୁ କେନାଲ ଲାଇନୀଙ୍କ କାମ କରିବାକୁ ମଧ୍ୟ ଦାବି କରିଛନ୍ତି ।

ମରଣଯନ୍ତା ପାଲଟିଛି କଟକ- ସମ୍ବଲପୁର ନିଧିପୁର ଗଡା



ଆଠଗଡ଼, ୩/୯ (ଅକ୍ଷର ଓଡ଼ିଶା) ଏହି ଦୃଶ୍ୟ ହେଉଛି ପୁରୁଣା କଟକ-ସମ୍ବଲପୁରକୁ ସଂଯୋଗ କରୁଥିବା ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ନିଧିପୁର ଗଡା । କଟକ ଏବଂ ଭୁବନେଶ୍ୱରକୁ କମ ଦୂରତା ହେଉଥିବା ବେଳେ ଦୈନିକ ଶହ ଶହ ସଂଖ୍ୟାରେ ଗାଡ଼ି, ଆମ୍ବୁଲାନ୍ସ ଏହି ରାସ୍ତା ଦେଇ ଯିବା ଆସିବା କରନ୍ତି । ଗତ ଲଗାଣ ବର୍ଷା ଯୋଗୁ ବନ୍ୟା ଜଳ ପ୍ରବାହିତ ହେବା କାରଣରୁ ଏହି ଗଡାରେ ଖାଲଖମା ସୃଷ୍ଟି ହେଇଥିଲା । ରାସ୍ତା ଉପରେ ପାଣି ପ୍ରବାହିତ ହେବା କାରଣରୁ ଗାଡ଼ି ଚାଳକ ଖାଲଖମା ନ ଜାଣି ପାରିବାରୁ ଦୁର୍ଘଟଣା ସମ୍ମୁଖୀନ ହେଉଛନ୍ତି । ଏହା ସହିତ ଉଭୟ କଡ଼ରେ ବାଡ଼ ନଥିବା କାରଣରୁ ଗାଡ଼ି ଚାଳକ ନ ଜାଣି ପାରିବାରୁ ନାଳ ମଧ୍ୟରେ ଫସି ଯାଉଛନ୍ତି । ବୁଧବାର ଏକ ପାଇପ ବୋଝେଇ ପିକଅପ ଭ୍ୟାନ୍ ଫସି ରହିଥିଲା । ବାରମ୍ବାର ଅଭିଯୋଗ କଲେ ମଧ୍ୟ ପ୍ରଶାସନ ପକ୍ଷରୁ ସମସ୍ୟାର କୌଣସି ସମାଧାନ ହେଇ ପାରୁନାହିଁ । ଏହି ସମସ୍ୟା ପ୍ରତି ବିଭାଗ ଦୃଷ୍ଟି ଦେବା ପାଇଁ ସାଧାରଣରେ ଦାବୀ ହେଉଛି ।

ଗାଧୋଉଥିବା ବେଳେ ପାଣିରେ ବୁଡ଼ି ୨ ଭାଇଙ୍କ ମୃତ୍ୟୁ

ଆଠଗଡ଼, ୩/୯ (ଅକ୍ଷର ଓଡ଼ିଶା) ଆଠଗଡ଼ ଅଞ୍ଚଳରେ ଅଭାବନୀୟ ଘଟଣା ଘଟିଛି । ଗାଧୋଉଥିବା ବେଳେ ପାଣିରେ ବୁଡ଼ି ୨ ଭାଇଙ୍କର ମୃତ୍ୟୁ ଘଟିଛି । ସୂଚନାଯୋଗ୍ୟ ଆଠଗଡ଼ ଥାନା ଅନ୍ତର୍ଗତ ଇଚ୍ଛାପୁର ଠାରେ ସାପୁଆ ନଦୀରେ ଦୁଇ ଭାଇ ଗାଧୋଉଥିବା ବେଳେ ସାନ ଭାଇର ଗୋଡ଼ ଖସିଯିବାରୁ ପାଣିରେ ଭାସି ଯାଉଥିବା ବେଳେ ବଡ଼ ଭାଇ ସାନ ଭାଇର ଜୀବନ ବଞ୍ଚାଇବାକୁ ଯାଇ ନିଖୋଜ ହେଇଯାଇଥିଲା । ସାନ ଭାଇ ଦିବ୍ୟ ରଞ୍ଜନ ସାମଲଙ୍କୁ ଗ୍ରାମବାସୀ ଉଦ୍ଧାର କରି ଆଠଗଡ଼ ଡ଼ାକ୍ତରଖାନାକୁ ପଠାଇଥିବା ବେଳେ ଡ଼ାକ୍ତର ସେଠାରେ ତାଙ୍କୁ ମୃତ ଘୋଷଣା କରିଥିଲେ ।



ପରେ ଅଗ୍ନିଶମ ବାହିନୀ ଖୋଜାଖୋଜି କରିବା ପରେ ବଡ଼ ଭାଇ ସୌମ୍ୟ ରଞ୍ଜନ ସାମଲଙ୍କ ମୃତ୍ୟୁ ଦେହ ଉଦ୍ଧାର କରି ଶବ ବ୍ୟବଚ୍ଛଦ ପାଇଁ ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ପଠାଇଥିଲେ । ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଆଠଗଡ଼ ବିଧାୟକ ରଣେନ୍ଦ୍ର ପ୍ରତାପ ସାଇଁ ଉପଖଣ୍ଡ ଚିକିତ୍ସାଳୟରେ ପହଞ୍ଚି ମୃତକଙ୍କୁ ଶେଷ ଦର୍ଶନ କରିଥିଲେ । ୨ ଭାଇଙ୍କ ଶବ ବ୍ୟବଚ୍ଛଦ ହେଲା ପରେ ପରିବାରକୁ ହସ୍ତାନ୍ତର କରାଯାଇଛି ।

ସ୍ୱାସ୍ଥ୍ୟ ସେବକଙ୍କୁ ଅବସରକାଳୀନ ଭବ୍ୟ ସମ୍ବର୍ଦ୍ଧନା

ବାଇକ ଆଗରେ ମାଙ୍କଡ଼ ଡେଇଁବାରୁ ଦୁର୍ଘଟଣା; ଚାଳକ ମୃତ



କାମାକ୍ଷାନଗର,୩/୯(ସୁମନ୍ତ ଜେନା) ବାଇକ ଆଗକୁ ହଠାତ୍ ଡେଇଁଲା ମାଙ୍କଡ଼ । ନିୟନ୍ତ୍ରଣ ହରାଇ ଦୁର୍ଘଟଣାରେ ଚାଲିଗଲା ବାଇକ ଚାଳକଙ୍କ ଜୀବନ । କାମାକ୍ଷାନଗର ଥାନା ଜିରିଡାମାଳି ନିକଟ ରେଙ୍ଗାଳି କେନାଲ ଉପରେ ଘଟିଛି ଏହି ଦୁର୍ଘଟଣା । ମୃତକ ହେଲେ ସାଧୁଆମୁଣ୍ଡା ଗାଁର ଧନେଶ୍ୱର କୁଲାନ । ସେ କାମାକ୍ଷାନଗର ଏମ୍ଆଇ ଅଫିସରେ କାର୍ଯ୍ୟରତ ଥିଲେ । ସକାଳେ ବାଇକ ଯୋଗେ କାମାକ୍ଷାନଗର ଆସୁଥିବା ବେଳେ ଜିରିଡାମାଳି ରେଙ୍ଗାଳିକେନାଲ ରାସ୍ତା ରେ ହଠାତ୍ ଏକ ମାଙ୍କଡ଼ ବାଇକ ଆଗକୁ ଡେଇଁଥିଲା । ଫଳରେ ବ ଭାରସାମ୍ୟ ହରାଇ ଧନେଶ୍ୱର ରାସ୍ତାରେ ପଡ଼ିଯାଇଥିଲେ । ଗୁରୁତର ଅବସ୍ଥାରେ ତାଙ୍କୁ କାମାକ୍ଷାନଗର ମେଡିକାଲ ନିଆଯାଇଥିଲା । ହେଲେ ସେଠାରେ ଡାକ୍ତର ଧନେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ । ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ଧନେଶ୍ୱର କାମାକ୍ଷାନଗର ଏମ୍ଆଇ ଅଫିସରେ କାର୍ଯ୍ୟରତ ଥିବା ଜଣାପଡ଼ିଛି ।

ଦିବ୍ୟାଙ୍ଗଙ୍କ ପତ୍ନୀଙ୍କୁ ପାଚିକା ନିଯୁକ୍ତିରୁ ବଞ୍ଚିତ ଅଭିଯୋଗ



ଖଜୁରିଆକଟା ୩/୯(ନୀଳକଣ୍ଠ ଦାସ)ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡରେ ପାଚିକା ନିଯୁକ୍ତିରେ ଅନିୟମିତତା ପାଇଁ ଆବେଦନକାରିଣୀ ହୋଇଛନ୍ତି ପ୍ରଶାସନର ଦ୍ୱାରସ୍ଥ । ଖବରରୁ ପ୍ରକାଶ ହିନ୍ଦୋଳ ବ୍ଲକ ନବକିଶୋରପୁର ପଂଚାୟତର କପିସାହି ଉଚ୍ଚପ୍ରାଥମିକ ବିଦ୍ୟାଳୟରେ ପାଚିକା ନିଯୁକ୍ତିରେ ରାଜନୈତିକ ହସ୍ତକ୍ଷେପ ସହିତ ସରକାରୀ ନିର୍ଦ୍ଦେଶାବଳି ଅମାନ୍ୟ କରାଯାଇ ଆର୍ଥିକ ସ୍ୱଚ୍ଛଳ ଅଯୋଗ୍ୟ ଆବେଦନଙ୍କୁ ଲାଞ୍ଚନେଇ ନିଯୁକ୍ତି ଦିଆଯାଇଛି ବୋଲି ଅଭିଯୋଗ କରିଛନ୍ତି ଅନ୍ୟତମ ଆବେଦନକାରିଣୀ ଶୈଳ ସାହୁ ।ସେହି ପଂଚାୟତ କପିସାହି ଗ୍ରାମର ଶାରୀରିକ ମାନସିକ ଦିବ୍ୟାଙ୍ଗ ହେମନ୍ତ ସାହୁଙ୍କ ପତ୍ନୀ ଶୈଳ ସାହୁ କପିସାହି ଉପ୍ରା ସ୍କୁଲରବିଜ୍ଞାପନ ଅନୁଯାଇ ଯୋଗ୍ୟତା ଭିତ୍ତିକ ସମସ୍ତ ଡକୁମେଣ୍ଟ ସହ ପାଚିକା ପଦପାଇଁ ଆବେଦନ କରିଥିଲେ ହେଁ ତାଙ୍କୁ ଅଣଦେଖା କରି ଅନ୍ୟାୟ ଭାବରେ ବଞ୍ଚିତ କରାଯାଇ ଅନ୍ୟଜଣେ ଅଯୋଗ୍ୟ ଆବେଦନ କାରିଣୀଙ୍କୁ ନିଯୁକ୍ତି ଦେଇଦେଲେ ସ୍କୁଲ କର୍ତୃପକ୍ଷ ବୋଲି ଶୈଳ ସାହୁ ହିନ୍ଦୋଳ ବ୍ଲକ ଶିକ୍ଷାଅଧିକାରୀଙ୍କ ନିକଟରେ ଲିଖିତ ଅଭିଯୋଗ କରିଛନ୍ତି । ଏଥିପୂର୍ବରୁ ଉପଜିଲ୍ଲାପାଳଙ୍କୁ ମଧ୍ୟ ଅଭିଯୋଗ କରିଥିଲେଶୈଳ । ତେବେ ଏବାବଦରେ ହିନ୍ଦୋଳ ବିଇଓ ମିନତୀ ଦେହୁରୀ ଙ୍କୁ ଯୋଗାଯୋଗ କରିବାରେ କୁହନ୍ତି ଇନକ୍ୱାରୀ ସମୟରେ ଶୈଳ ସାହୁ ସମସ୍ତ ଡକୁମେଣ୍ଟ ଦେଖାଇ ନଥିଲେ ତଥାପି ତଦନ୍ତ କରାଯିବ । ତେବେ ପ୍ରଧାନ ଶିକ୍ଷକଙ୍କ ସହ ଯୋଗାଯୋଗ ହୋଇପାରିନଥିଲା ।ତେବେ ପାଚିକା ନିଯୁକ୍ତିକୁ ରଦ୍ଧ କରାଯାଇ ଉପଯୁକ୍ତ ତଦନ୍ତ କରାଯାଇ ଯୋଗ୍ୟତା ଭିତ୍ତିରେ ପାଚିକା ନିଯୁକ୍ତି ଦିଅନଗଲେ ବାଧ୍ୟହୋଇ ଉଚ୍ଚ ଅଧିକାରୀ ଓ ରାଜ୍ୟ ସରକାରଙ୍କୁ ଅଭିଯୋଗ କରିବେ ବୋଲି ଆମ ପ୍ରତିନିଧିଙ୍କୁ କହିଛନ୍ତି ଅନ୍ୟାୟ ଅବିଚାରର ଶିକାର ହୋଇଥିବା ଦିବ୍ୟାଙ୍ଗଙ୍କ ପତ୍ନୀ ଶୈଳ ସାହୁ ।

ଗଣେଶ ପୂଜା ନିମନ୍ତେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ

ଖଜୁରିଆ କଟା ୩/୯(ନୀଳକଣ୍ଠ ଦାସ) ଓଡ଼ାପଡ଼ା ବ୍ଲକ ଅନ୍ତର୍ଗତ ହିନ୍ଦୋଳ ରୋଡ ବଜାର ମଧ୍ୟରେ ବ୍ରଦର୍ସ ଆଣ୍ଡ ବ୍ରଦର୍ସ କ୍ଲବ ପକ୍ଷରୁ ହେବାକୁ ଥିବା ଗଣେଶ ପୂଜା ମହୋତ୍ସବ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଅଛି । ଓଡ଼ାପଡ଼ା ଗୋଷ୍ଠୀ ଉନ୍ନୟନ ଅଧିକାରୀ ଦିଲିପ କୁମାର ଷଡଙ୍ଗୀ ଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଓଡ଼ାପଡ଼ା ବ୍ଲକ ଅଧକ୍ଷା ସସ୍ମିତା ମହାନ୍ତି ଉପାଧକ୍ଷ ଅମିତାଭ ସ୍ୱାଇଁ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସୁରେଶ କୁମାର ସାହୁ, ତହସିଲଦାର ମନୋଜ କୁମାର ମାଝୀ ମୋଟଙ୍ଗା ଥାନା ଆଇ ଆଇ ସି ଦିପକ କୁମାର ଲେଙ୍କା ହିନ୍ଦୋଳ ରୋଡ ଫାଣ୍ଡି ଅଧିକାରୀ ପ୍ରଶାନ୍ତ କୁମାର ସାହୁ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଚଳିତ ଗଣେଶ ପୂଜା ମହୋତ୍ସବ ସରସ ସୁନ୍ଦର କରିବା ପାଇଁ କ୍ଲବ ସଭାପତି ଅରବିନ୍ଦ ଘୋଷ ସମସ୍ତଙ୍କ ସହଯୋଗ କାମନା କରିଥିଲେ।୨୧ ତାରିଖ ଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଶେଷରେ ଗ୍ରାମ ପଞ୍ଚାୟତ ଅଧିକାରୀ ପ୍ରିୟବ୍ରତ ପଟ୍ଟନାୟକ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ବୈଠକ କୁ କ୍ଲବ ସଂପାଦକ କ୍ଷମାପ୍ରସାଦ ସାହୁ ପରିଚାଳନା କରୁଥିବା ବେଳେ ଅନ୍ୟାନ୍ୟ ସଭ୍ୟ ମାନେ ସହଯୋଗ କରିଥିଲେ।

ସରସ୍ୱତୀ ବିଦ୍ୟା ମନ୍ଦିରର ୨୦ ତମ ପ୍ରତିଷ୍ଠା ଦିବସ ପାଳିତ



ପରଜଙ୍ଗ,୩।୯(ଅକ୍ଷର ଓଡ଼ିଶା): ପରଜଙ୍ଗ ବ୍ଲକ କନ୍ଦରସିଂହା ଗ୍ରାମ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ୨୦ ତମ ପ୍ରତିଷ୍ଠା ଦିବସ ବେଶ୍ ଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି । ଉକ୍ତ ବିଦ୍ୟା ମନ୍ଦିରରେ ପ୍ରାରମ୍ଭିରେ ମାତ୍ର ୧୨ ଜଣ ଛାତ୍ରଛାତ୍ରୀ ଙ୍କୁ ନେଇ ଗ୍ରାମରେ ଥିବା ଏକ କ୍ଲବ ଗୃହରେ ଆରମ୍ଭ ହୋଇଥିବା ବେଳେ ବର୍ତମାନ ୨୦ ବର୍ଷ ପୁରଣ ହୋଇଛି । ଚଳିତ ବର୍ଷ ମଧ୍ୟରେ ୪୬୩ ଜଣ ଛାତ୍ରଛାତ୍ରୀ ଙ୍କୁ ୨୪ ଜଣ ଗୁରୁଜୀ ଗୁରୁମା ଥିବା ସହ ୪ ଜଣ ସହାୟକ ନିଯୁକ୍ତି ହୋଇଛନ୍ତି । ବିଦ୍ୟାମନ୍ଦିର ସଭାପତି ରମେଶ ଚନ୍ଦ୍ର ସାହୁ ଙ୍କ ତତ୍ୱାବଧାନରେ ପ୍ରଧାନଚାର୍ଯ୍ୟ ସୁଶାନ୍ତ କୁମାର ଜେନା ଙ୍କ ସଭାପତିତ୍ୱରେ ଗୁରୁବାର ବିଦ୍ୟାମନ୍ଦିର ପରିସରରେ ୨୦ ତମ ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି । ପ୍ରଥମେ ସମ୍ପାଦକ କୁଡିବାସ ମୁଦୁଲି ମଞ୍ଚ ପରିଚାଳନା କରି ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ପ୍ରତିଷ୍ଠା ଦିବସରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ସଭାପତି ଗଣେଶ୍ୱର ସାହୁ, ଭୁବନାନନ୍ଦ ବିଶ୍ୱାଳ,ପୂର୍ବତନ ସମ୍ପାଦକ ତଥା ଅବସରପ୍ରାପ୍ତ ଶିକ୍ଷକ ପ୍ରମୋଦ କୁମାର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ରହିଥିଲେ। ଆଗାମୀ ଦିନରେ କନ୍ଦରସିଂହା ଶିଶୁ ବିଦ୍ୟା ମନ୍ଦିର କୁ ଜିଲ୍ଲା ର ଶ୍ରେଷ୍ଠ ଶିକ୍ଷାନୁଷ୍ଠାନ ଭାବେ ଗଢିତୋଳିବା ପାଇଁ ଅତିଥି ଗଣ ନିଜର ମତପ୍ରକାଶ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ମନ୍ମଥ ବିଶ୍ୱାଳ, ପୂର୍ବତନ କୋଷାଧକ୍ଷ କ୍ଷୀରୋଦ କୁମାର ସାହୁ,ସହ ସମ୍ପାଦକ କଳ୍ପତରୁ ବିଶ୍ୱାଳ, କୋଷାଧକ୍ଷ ସୁଶାନ୍ତ କୁମାର ନାୟକ,ଗୁରୁମା ଜ୍ୟୋସ୍ନାମୟୀ ପ୍ରଧାନ, ହରପ୍ରିୟା ଦାସ, ବିଦୁଲତା ସ୍ୱାଇଁ ଏବଂ ସମସ୍ତ ଗୁରୁଜୀଗୁରୁମା ଛାତ୍ରଛାତ୍ରୀ ମାନେ ଉପରିସ୍ଥ ରହିଥିଲେ। ପରିଶେଷରେ ସମସ୍ତ ଛାତ୍ରଛାତ୍ରୀମାନଙ୍କୁ ଲଡୁ ଖୁଆଇ କାର୍ଯ୍ୟକ୍ରମ କୁ ଶେଷ କରିଥିଲେ।

ବାଇକ୍ ଦୁର୍ଘଟଣାରେ ଏମ୍ଆଇ ଅଫିସ କର୍ମଚାରୀ ମୃତ

ଢେଙ୍କାନାଳ, ୦୩/୦୯(ଅକ୍ଷର ଓଡ଼ିଶା): ଗଛ ଉପରୁ ହଠାତ୍ ବାଇକ୍ ଆଗକୁ ମାଙ୍କଡ଼ ଡେଇଁପଡ଼ିବା ଯୋଗୁଁ ଭାରସାମ୍ୟ ହରାଇ ବାଇକ୍‌ରୁ ପଡ଼ି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି । କାମାକ୍ଷାନଗର ଥାନା ଅନ୍ତର୍ଗତ ଜିରିଡାମାଳି ନିକଟ ରେଙ୍ଗାଳି କେନାଲ ରାସ୍ତାରେ ସକାଳେ ଏହି ଅଘଟଣ ଘଟିଛି । ମୃତକ ହେଲେ ସାଧୁଆମୁଣ୍ଡା ଗ୍ରାମର ଧନେଶ୍ୱର କୁଲାନ । ସେ କାମାକ୍ଷାନଗର ଏମ୍ଆଇ ଅଫିସରେ କାର୍ଯ୍ୟରତ ଥିଲେ । ଧନେଶ୍ୱର ବାଇକ୍ ଯୋଗେ କାମାକ୍ଷାନଗର ଆସୁଥିବା ବେଳେ ହଠାତ୍ ଏକ ମାଙ୍କଡ଼ ବାଇକ୍ ସମ୍ମୁଖକୁ ଡେଇଁପଡ଼ିଥିଲା । ଫଳରେ ସେ ନିୟନ୍ତ୍ରଣ ହରାଇ ରାସ୍ତାରେ ପଡ଼ି ଗୁରୁତର ଆହତ ହୋଇଥିଲେ । ସ୍ଥାନୀୟ ଲୋକେ ତାଙ୍କୁ ତୁରନ୍ତ କାମାକ୍ଷାନଗର ମେଡିକାଲରେ ଭର୍ତ୍ତି କରିଥିଲେ । ହେଲେ ଡାକ୍ତର ସେଠାରେ ଧନେଶ୍ୱରଙ୍କୁ ମୃତ ଘୋଷଣା କରିଥିଲେ ।

ଜୁବୁଲି ଟାଉନ ନଂ-୧ ଗଜଲକ୍ଷ୍ମୀ ପୂଜା କମିଟି

ପୁଣି ସଭାପତି ହେଲେ ଟିକନ, ସମ୍ପାଦକ ହେଲେ ଜଗା ଭାଇ



ଢେଙ୍କାନାଳ, ୦୩/୦୯ (ସୁଶାନ୍ତ କୁମାର ପାଣୀ): ଢେଙ୍କାନାଳ ସହରର ପ୍ରସିଦ୍ଧ ପୂଜା ମଧ୍ୟରୁ ଅନ୍ୟତମ ଜୁବୁଲି ଟାଉନ ନଂ-୧ ର ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା ପାଇଁ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ଜୁବୁଲି ଟାଉନ ସ୍ଥିତ ଶ୍ରୀ ଶ୍ରୀ ନାଗେଶ୍ୱର ମହାଦେବ ମନ୍ଦିର ପ୍ରାଙ୍ଗଣରେ ୨୦୨୬-୨୭ ବର୍ଷର ପ୍ରସିଦ୍ଧ ଗଜଲକ୍ଷ୍ମୀ ପୂଜା ପାଇଁ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ପୂଜା ପ୍ରତିଷ୍ଠାନ, ଜୁବୁଲି ଟାଉନ ନଂ-୧ ର ପ୍ରଥମ ସାଧାରଣ ସଭା ବୁଧବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଥିଲା ।ସଭାର ପ୍ରାରମ୍ଭରେ ପ୍ରତିଷ୍ଠାନର ସଭାପତି ଅମ୍ବିକା ପ୍ରସାଦ ପଟ୍ଟନାୟକ (ଟିକନ) ସମସ୍ତ ସଦସ୍ୟଙ୍କୁ ସ୍ୱାଗତ କରି ସଭାର ଆଭିମୁଖ୍ୟ ସମ୍ପର୍କରେ ପ୍ରକାଶ କରିଥିଲେ । ପରେ ସମ୍ପାଦକ ବିନୋଦ କୁମାର ମହାନ୍ତି (ଜଗା) ପୂଜା ପରିଚାଳନା ଏବଂ ଆର୍ଥିକ ବ୍ୟବସ୍ଥା ଉପରେ ବିସ୍ତୃତ ଆଲୋଚନା କରିଥିଲେ । ଚଳିତ ବର୍ଷ ପୂଜାକୁ କିପରି ସରସ, ସୁନ୍ଦର ଓ ଶୃଙ୍ଖଳିତ ଭାବେ ପରିଚାଳନା କରାଯିବ ସେ ନେଇ ବରିଷ୍ଠ ସଦସ୍ୟମାନେ ନିଜ ନିଜ ମତ ଓ ପରାମର୍ଶ ଦେଇଥିଲେ ।ଆଲୋଚନା ପରେ ସର୍ବସମ୍ମତି କ୍ରମେ ନୂତନ କର୍ମକର୍ତ୍ତା ଚୟନ କରାଯାଇଥିଲା । ପୁନର୍ବାର ସଭାପତି ଭାବେ ଅମ୍ବିକା ପ୍ରସାଦ ପଟ୍ଟନାୟକ (ଟିକନ) ଏବଂ ସମ୍ପାଦକ ଭାବେ ବିନୋଦ କୁମାର ମହାନ୍ତି (ଜଗା ଭାଇ) ମନୋନୀତ ହୋଇଛନ୍ତି ।ଉପ-ସଭାପତି ଭାବେ ଦିଲ୍ଲୀପ କୁମାର ମିଶ୍ର ଓ ଅଜିତ କୁମାର ମହାପାତ୍ର, ସହ-ସମ୍ପାଦକ ଭାବେ ରାଜେନ୍ଦ୍ର କୁମାର ବରାଳ, ନୀଳମାଧବ ମହାପାତ୍ର, ସମ୍ବିତ ପିରେହି ଓ ଐଶ୍ୱର୍ଯ୍ୟ ପ୍ରସାଦ ବେଉରା, କୋଷାଧ୍ୟକ୍ଷ ଭାବେ ସୁଶାନ୍ତ କୁମାର ବାରିକ ମନୋନୀତ ହୋଇଛନ୍ତି ।ପରାମର୍ଶଦାତା କମିଟିରେ ନିରାକାର ସାମନ୍ତରାୟ, ପ୍ରମୋଦ କୁମାର ବେହେରା, ଗୋବର୍ଦ୍ଧନ ସାହୁ, ସୁରେଶ ପାଣିଗ୍ରାହୀ, ବସନ୍ତ ନାୟକ, ଜ୍ୟୋତି ପ୍ରସାଦ ବେଉରା ଓ ଅଶୋକ ହୋତା ରହିଛନ୍ତି ।ଏହା ସହିତ ୮ ଜଣିଆ କାର୍ଯ୍ୟକାରୀ ସଦସ୍ୟ ଭାବେ ବିରଞ୍ଚି ନାରାୟଣ ପ୍ରଧାନ, ବିକ୍ରମ କୁମାର ତୁଙ୍ଗ, ରାଜେଶ ଖାନ, ଦୁର୍ଗା ଚରଣ ନାୟକ, ମନୋଜ ମହାପାତ୍ର, ପ୍ରକାଶ ଜେନା, ପ୍ରହଲ୍ଲାଦ ବେହେରା, ଲିକୁନା ଷଡ଼ଙ୍ଗୀ ଓ ବିକାଶ ଜେନା ଚଳିତ ବର୍ଷ ପୂଜାରେ ନିଷ୍ଠାର ସହ କାର୍ଯ୍ୟ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି ।ପବିତ୍ର ସୁନିଆଁ ପୂର୍ବରୁ ମାଟି ଅନୁକୂଳ ଓ ପୂଜା ପ୍ରସ୍ତୁତି ବୈଠକ ଡକାଯିବ ବୋଲି ସମ୍ପାଦକ ବିନୋଦ କୁମାର ମହାନ୍ତି ସୂଚନା ଦେଇଛନ୍ତି ।

ପ୍ରଥମ ଥର ପାଇଁ ଶ୍ରୀକ୍ଷେତ୍ରରେ ୩୦ ଦିନ ବ୍ୟାପୀ ନାମ ସଂକୀର୍ତ୍ତନ ପରିକ୍ରମା

କାର୍ତ୍ତିକ ମାସରେ ଗୁଞ୍ଜରିତ ହେବ ହରିନାମ



ଭୁବନେଶ୍ୱର, ୦୩/୦୯ (ଅକ୍ଷର ଓଡ଼ିଶା) : ଓଡ଼ିଶାର କଳା-ସଂସ୍କୃତି ଇତିହାସରେ ପ୍ରଥମ ଥର ପାଇଁ ପବିତ୍ର ଶ୍ରୀକ୍ଷେତ୍ର ପୁରୀରେ ପବିତ୍ର କାର୍ତ୍ତିକ ମାସ ୨୦୨୬ରେ ୩୦ ଦିନ ବ୍ୟାପୀ ନାମ ସଂକୀର୍ତ୍ତନ ପରିକ୍ରମା ଆୟୋଜନ କରିବାକୁ ଯାଉଛି ଓଡ଼ିଶାର ଅଗ୍ରଣୀ କଳା ସଂସ୍କୃତି ଅନୁଷ୍ଠାନ 'କଳାକ୍ଷେତ୍ର' ।ଏହି ପବିତ୍ର କାର୍ଯ୍ୟକ୍ରମ ସମ୍ପର୍କରେ ଅନୁଷ୍ଠାନର ସଭାପତି ବରିଷ୍ଠ ସିନେ ଅଭିନେତା ଅଶ୍ରୁମୋଚନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଗତ ତା ୨୫/୦୮/୨୦୨୬ ଏବଂ ତା ୩୦/୦୮/୨୦୨୬ ରିଖରେ ଦୁଇଟି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି ।ହସ୍ତଗତ ସୂଚନା ଅନୁସାରେ, ଏହି ପରିକ୍ରମାରେ ରାଜ୍ୟର ୩୦ ଜିଲ୍ଲାର ସଂକୀର୍ତ୍ତନ ଦଳ ଭାଗ ନେବେ । ପ୍ରତ୍ୟେକ ଦିନ ଗୋଟିଏ ଜିଲ୍ଲାକୁ ଦାୟିତ୍ୱ ଦିଆଯିବ । ପ୍ରାୟ ୨୦୦ ଜଣ ସଂକୀର୍ତ୍ତନ କଳାକାର ପୂର୍ବ ଦିନ ସନ୍ଧ୍ୟାରେ ପୁରୀରେ ପହଞ୍ଚି ନିର୍ଦ୍ଧାରିତ ମଠ-ମନ୍ଦିରରେ ରହିବେ ଏବଂ ପରଦିନ ପ୍ରାତଃ ୬ଟାରୁ ଶ୍ରୀମନ୍ଦିର ପରିକ୍ରମା ସହ ନାମ ସଂକୀର୍ତ୍ତନ ଆରମ୍ଭ କରିବେ । କେବଳ କଳାକ୍ଷେତ୍ରର ପଞ୍ଜୀକୃତ ସଂକୀର୍ତ୍ତନ କଳାକାରମାନେ ଏହି ସୁଯୋଗ ପାଇବେ ।ଏହି ମହତ କାର୍ଯ୍ୟକୁ ସଫଳ କରିବା ପାଇଁ କଳାକ୍ଷେତ୍ର ତରଫରୁ ଶ୍ରୀମନ୍ଦିର ପ୍ରଶାସନ, ପୁରୀ ଜିଲ୍ଲା ପ୍ରଶାସନ ଏବଂ ରାଜ୍ୟ ସରକାରଙ୍କ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତଥା ପର୍ଯ୍ୟଟନ ବିଭାଗର ସହାୟତା ଲୋଡ଼ାଯିବ ବୋଲି ସଭାପତି ଅଶ୍ରୁମୋଚନ ମହାନ୍ତି ସୂଚନା ଦେଇଛନ୍ତି ।ଅନୁଷ୍ଠାନର ପ୍ରତିଷ୍ଠାତା ସମ୍ପାଦକ ବାସୁଦେବ ମାଳବିଶୋଇ କହିଛନ୍ତି ଯେ, ଗତ ୧୫ ଅଗଷ୍ଟ ୨୦୨୬ରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀଙ୍କୁ ଏହି ପ୍ରସ୍ତାବ ଦିଆଯାଇଥିଲା ଏବଂ ସେ ସହଯୋଗର ପ୍ରତିଶ୍ରୁତି ଦେଇଛନ୍ତି ।କାର୍ଯ୍ୟକ୍ରମର ସୁପରିଚାଳନା ପାଇଁ କାର୍ଯ୍ୟକାରିଣୀ ସଦସ୍ୟ ତଥା ପୂର୍ବତନ ସ୍ୱତନ୍ତ୍ର ଶାସନ ସଚିବ ରାଜେନ୍ଦ୍ର ପଟ୍ଟନାୟକ ଓ ଶ୍ରୀଭୂଷଣ ଶୁକ୍ଲା ବିଭିନ୍ନ ପ୍ରସ୍ତାବ ଦେଇଥିଲେ । ପୁରୀ ଜିଲ୍ଲା ପାଇଁ ଏକ ପରିଚାଳନା କମିଟି ଗଠନ କରାଯାଇଛି ଏବଂ ବରିଷ୍ଠ କଳାକାର ନରେନ୍ଦ୍ର ପାଟଶାଣୀଙ୍କୁ ସଭାପତି ଭାବେ ଚୟନ କରାଯାଇଛି ।ପ୍ରଥମ ଦିନର ଉଦ୍‌ଘାଟନୀ ଉତ୍ସବରେ ପୁରୀ ଜିଲ୍ଲାର ପ୍ରାୟ ୩୦୦୦ ସଂକୀର୍ତନ କଳାକାର ଭାଗ ନେବେ । ଏହି ଉତ୍ସବରେ ମୁଖ୍ୟମନ୍ତ୍ରୀ, ଉପ-ମୁଖ୍ୟମନ୍ତ୍ରୀ, ସଂସ୍କୃତି ମନ୍ତ୍ରୀ, ସ୍ଥାନୀୟ ସାଂସଦ, ସମସ୍ତ ବିଧାୟକ ଓ ବରିଷ୍ଠ ପ୍ରଶାସନିକ ଅଧିକାରୀଙ୍କୁ ନିମନ୍ତ୍ରଣ କରାଯିବ ବୋଲି ନିଷ୍ପତ୍ତି ହୋଇଛି ।

ଚାଇଲଡ ହେଲପ ଲାଇନ ପକ୍ଷରୁ ଶିଶୁମାନଙ୍କ ସୁରକ୍ଷା ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



ଖଣ୍ଡପଡ଼ା ୩।୯ (ଅକ୍ଷର ଓଡ଼ିଶା) ନୟାଗଡ ଚାଇଲଡ ହେଲପ ଲାଇନ ପକ୍ଷରୁ ମିଶନ ବାହଲ୍ୟ ଯୋଜନାର ସଫଳ ରୂପାୟନ ନେଇ ଶିଶୁ ସୁରକ୍ଷା ଓ ଶିଶୁମାନଙ୍କ ମୌଳିକ ଅଧିକାର ସମ୍ପର୍କରେ ସଚେତନତା ସୃଷ୍ଟି ନେଇ ଏକ ସଚେତନତା କାର୍ଯ୍ୟକ୍ରମ ଗୁରୁବାର ଅନୁଷ୍ଠିତ ହୋଇଯାଇଛି । ଭାପୁର ବ୍ଲକ ଅଧୀନ ବାଇଗୁଣିଆ ଗ୍ରାମସ୍ଥିତ ଅଙ୍ଗନଓ୍ୱାଡି କେନ୍ଦ୍ର ପରିସରରେ ଆଖପାଖ ଗ୍ରାମର ଅଙ୍ଗନଓ୍ୱାଡି କର୍ମୀମାନଙ୍କୁ ନେଇ ପ୍ରଥମେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । କାର୍ଯ୍ୟକ୍ରମ ଜରିଆରେ ଶିଶୁ ସୁରକ୍ଷା,ଶିଶୁ ଅଧିକାର,ଶିଶୁ ବିବାହ ଓ ଶିଶୁମାନଙ୍କ ପ୍ରତି ହେଉଥିବା ଅନ୍ୟାୟ, ନିର୍ଯାତନା,ଶୋଷଣକୁ ରୋକିବା ସମ୍ପର୍କରେ ଚାଇଲଡ ହେଲପ ଲାଇନର ସଦସ୍ୟମାନେ ଅଙ୍ଗନଓ୍ୱାଡି କର୍ମୀମାନଙ୍କୁ ସଚେତନ କରିଥିଲେ ।ପରବର୍ତ୍ତୀ ସମୟରେ ଭାପୁର ଗ୍ରାମସ୍ଥିତ ବାଲୁଙ୍କେଶ୍ୱର ଦେବ ବିଦ୍ୟାପୀଠ ପରିସରରେ ଆୟୋଜିତ ସଚେତନତା କାର୍ଯ୍ୟକ୍ରମରେ ଉପସ୍ଥିତ ୧୦୦ ଜଣ ଛାତ୍ରଛାତ୍ରୀ,ଶିକ୍ଷକ, ଶିକ୍ଷୟିତ୍ରୀମାନଙ୍କୁ ଶିଶୁ ସୁରକ୍ଷା ସଂପର୍କରେ ସଚେତନ କରାଯାଇଥିଲା ।ସଚେତନତା କାର୍ଯ୍ୟକ୍ରମରେ ଚାଇଲଡ ହେଲପ ଲାଇନର ବରିଷ୍ଠ ସଦସ୍ୟ ଚନ୍ଦ୍ରଶେଖର ବେହେରା,ଉତ୍ତମ ପ୍ରଧାନ, ଗୌରବ ରାଉତ ପ୍ରମୁଖ ଯୋଗଦେଇ ଶିଶୁ ସୁରକ୍ଷା,ଶିଶୁ ଅଧିକାର, ଶିଶୁ ବିବାହ ନିରୋଧ, ଶିଶୁ ଶ୍ରମ ନିରୋଧ ଓ ବିପଦରେ ଥିବା ଶିଶୁମାନଙ୍କୁ ସହାୟତା ପ୍ରଦାନ ନେଇ ତୁରନ୍ତ ଚାଇଲଡ ହେଲପଲାଇନ ନମ୍ବର ୧୦୯୮ ରେ ଯୋଗାଯୋଗ କରିବାକୁ ଛାତ୍ରଛାତ୍ରୀ, ଶିକ୍ଷକ ଓ ଶିକ୍ଷୟିତ୍ରୀମାନଙ୍କୁ ସୂଚନା ଦିଆଯାଇଥିଲା ।ସେହିପରି ଶିଶୁମାନଙ୍କ ସୁରକ୍ଷା ଓ ମୌଳିକ ଅଧିକାର ନେଇ ସଚେତନତା କାର୍ଯ୍ୟକ୍ରମ ଜରିଆରେ ସବୁ ବର୍ଗର ଜନସାଧାରଣଙ୍କୁ ସଚେତନ କରିବାର ମହତ ଲକ୍ଷ୍ୟ ନେଇ ଚାଇଲଡ ହେଲପ ଲାଇନ ପକ୍ଷରୁ ଆରମ୍ଭ ହୋଇଥିବା ଏଭଳି ପ୍ରୟାସକୁ ବୁଦ୍ଧିଜୀବୀ ମହଲରୁ ସ୍ୱାଗତ କରାଯାଇଛି ।ଏଭଳି ସଚେତନତା କାର୍ଯ୍ୟକ୍ରମର ଆୟୋଜନ ଶିଶୁମାନଙ୍କୁ ଏକ ସୁରକ୍ଷିତ,ସୁସ୍ଥ ଓ ଶୋଷଣମୁକ୍ତ ପରିବେଶ ପ୍ରଦାନ କରିବାରେ ବେଶ ସହାୟକ ହେବା ସହ ଶିଶୁ ସୁରକ୍



ଚୌଧୁରୀ ରମାକାନ୍ତ ଦାସ
ମୁଖ୍ୟ ସମ୍ପାଦକ, ଅକ୍ଷର ଓଡ଼ିଶା
ଅବସରପ୍ରାପ୍ତ ଯୁଗ୍ମ ସଚିବ
ରାଜ୍ୟସଭା, ସଂସଦ ଭବନ
ନୂଆଦିଲ୍ଲୀ - ୧୧୦୦୦୧

ମୁଖ୍ୟ ସମ୍ପାଦକଙ୍କ କଲମରୁ

ଜନ୍ମାଷ୍ଟମୀ

ଅନ୍ଧାର ରାତି ଥିଲା । ମଥୁରାର କାରାଗାରରେ ବନ୍ଦୀ ଥିଲେ ଦେବକୀ ଓ ବସୁଦେବ । ଚାରିଆଡ଼େ ଭୟ, ଅତ୍ୟାଚାର ଓ ନିରାଶାର ପରିବେଶ । କିନ୍ତୁ ସେହି ଗଭୀର ଅନ୍ଧକାରର ଛାତି ଚିରି ଯେତେବେଳେ ଶ୍ରୀକୃଷ୍ଣ ଜନ୍ମ ନେଲେ, ସେତେବେଳେ କେବଳ ଜଣେ ଶିଶୁ ଜନ୍ମ ନେଇନଥିଲେ ଜନ୍ମ ନେଇଥିଲା ଆଶା, ଜନ୍ମ ନେଇଥିଲା ସାହସ, ଜନ୍ମ ନେଇଥିଲା ଧର୍ମର ବିଜୟର ଏକ ଅମର ବିଶ୍ୱାସ । ସେଥିପାଇଁ ଜନ୍ମାଷ୍ଟମୀ କେବଳ ଏକ ପର୍ବ ନୁହେଁ । ଏହା ମଣିଷର ଅନ୍ତରରେ ଆଲୋକ ଜାଗିଉଠିବାର ଏକ ପବିତ୍ର ମୁହୂର୍ତ୍ତ । ଭାଦ୍ରବ କୃଷ୍ଣପକ୍ଷ ଅଷ୍ଟମୀ ଆସିଲେ ଆମ ଘରେ ଘରେ କାହ୍ନାଙ୍କ ଆଗମନ ପାଇଁ ପ୍ରସ୍ତୁତି ହୁଏ । କେଉଁଠି ଶଙ୍ଖ ବାଜେ, କେଉଁଠି ହରିନାମ ଶୁଭେ, କେଉଁଠି ଛୋଟ ଶିଶୁଟିଏ କୃଷ୍ଣ ବେଶରେ ହସୁଥାଏ, ଆଉ କେଉଁଠି ମାଆ ନିଜ ହାତରେ କାହ୍ନାଙ୍କ ପାଇଁ ନୈବେଦ୍ୟ ସଜାଉଥାଏ । ଏହି ସବୁ ଦୃଶ୍ୟ କେବଳ ଉତ୍ସବର ନୁହେଁଚ ଏହା ଆମ ସଂସ୍କୃତି, ଆମ ପରିବାର, ଆମ ସ୍ମୃତି ଓ ଆମ ଭକ୍ତିର ଚିତ୍ର । କୃଷ୍ଣଙ୍କୁ ଆମେ କେତେ ରୂପରେ ଦେଖୁଯଶୋଦାଙ୍କ ନଟଖଟ ଲାଲ, ଗୋପାଳମାନଙ୍କ ସାଙ୍ଗ, ଗୋପୀମାନଙ୍କ ପ୍ରାଣର କାହ୍ନା, ଗୋବର୍ଦ୍ଧନଧାରୀ, କଂସବିନାଶକ, ଦ୍ୱାରକାଧୀଶ ଏବଂ କୁରୁକ୍ଷେତ୍ରରେ ଅର୍ଜୁନଙ୍କ ସାରଥୀ । କିନ୍ତୁ ଏହି ସମସ୍ତ ରୂପର ପଛରେ ଥିବା କୃଷ୍ଣ ହେଉଛନ୍ତି ମଣିଷ ଜୀବନର ମହାନ ଶିକ୍ଷକ । ତାଙ୍କ ଜୀବନ ଆମକୁ ଶିଖାଏପରିସ୍ଥିତି ଯେତେ କଠିନ ହେଉ, ନିଜ କର୍ତ୍ତବ୍ୟରୁ ପଛକୁ ହଟିବା ନୁହେଁ । ଏହି ଶିକ୍ଷା ଆଜିର ଛାତ୍ରଛାତ୍ରୀଙ୍କ ପାଇଁ ବୋଧହୁଏ ଆହୁରି ଆବଶ୍ୟକ । ଆଜିର ଜଣେ ଛାତ୍ରର କୁରୁକ୍ଷେତ୍ର କେବେ ପରୀକ୍ଷା ହଲ୍, କେବେ ପ୍ରତିଯୋଗିତାର ମଞ୍ଚ, କେବେ ଭବିଷ୍ୟତକୁ ନେଇ ଭୟ, ଆଉ କେବେ ନିଜକୁ ଅନ୍ୟମାନଙ୍କ ସହ ତୁଳନା କରିବାର ଅଦୃଶ୍ୟ ଯୁଦ୍ଧ । ଜଣେ ଛାତ୍ର ଭଲ ନମ୍ବର ନପାଇଲେ ନିଜକୁ ବିଫଳ ଭାବିଥାଏ, ଅନ୍ୟଜଣେ ଅନ୍ୟର ସଫଳତା ଦେଖି ନିଜ ସପ୍ନକୁ ଛୋଟ ଭାବିବା ଆରମ୍ଭ କରେ । କେହି ପରୀକ୍ଷାର ଫଳକୁ ନେଇ ଭୟ କରେ, କେହି ଚାକିରିକୁ ନେଇ ଚିନ୍ତିତ, କେହି ପରିବାରର ଆଶା ପୂରଣ କରିପାରିବ କି ନାହିଁ ବୋଲି ରାତିରେ ନିଦ ହରାଏ । ଏମିତି ପ୍ରତ୍ୟେକ ମନ ପାଇଁ ଗୀତାର କୃଷ୍ଣ ଆଜି ମଧ୍ୟ ଏକ ଶାନ୍ତ ସ୍ୱରରେ କହୁଛନ୍ତି ତୁମ ହାତରେ ଅଛି ପରିଶ୍ରମ, ତୁମ ହାତରେ ଅଛି ସତ୍ୟନିଷ୍ଠା, ତୁମ ହାତରେ ଅଛି ଆଜିର କର୍ତ୍ତବ୍ୟଟ ଫଳକୁ ନେଇ ଭୟ କରନାହିଁ । ଏହାର ଅର୍ଥ ଫଳକୁ ଅବହେଳା କରିବା ନୁହେଁଚ ବରଂ ଫଳର ଭୟକୁ ନିଜ ପରିଶ୍ରମଠାରୁ ବଡ଼ ହେବାକୁ ନଦେବା । ଯେଉଁ ଛାତ୍ର ଆଜି ବିଫଳ ହୋଇଛି, ତା’ପାଇଁ କୃଷ୍ଣଙ୍କ ସନ୍ଦେଶଏକ ପରୀକ୍ଷାର ଫଳ ତୁମ ସମଗ୍ର ଜୀବନର ପରିଚୟ ନୁହେଁ । ଆଜି ଯେଉଁ ଦ୍ୱାର ବନ୍ଦ ଲାଗୁଛି, କାଲି ତାହାଠାରୁ ଭଲ ଏକ ଦ୍ୱାର ଖୋଲିପାରେ । ତେଣୁ ହାରିଯିବା ନୁହେଁ, ଆଉଥରେ ଉଠିବା ହିଁ କୃଷ୍ଣଙ୍କ ପଥ । ଆଜିର ଯୁବପିଢ଼ି ପାଇଁ କୃଷ୍ଣଙ୍କ ଆଉ ଏକ ବଡ଼ ଶିକ୍ଷା ହେଉଛିନିଜକୁ ଅନ୍ୟ ସହିତ ତୁଳନା କରନାହିଁ । ପ୍ରତ୍ୟେକ ମଣିଷର ଜୀବନର ରାସ୍ତା ଅଲଗା । କେହି ଶୀଘ୍ର ସଫଳ ହୁଏ, କେହି ଦେରିରେ । କେହିଙ୍କ ପଥ ସରଳ, କେହିଙ୍କ ପଥ କଣ୍ଟକିତ । କିନ୍ତୁ ମୂଲ୍ୟ ନିର୍ଣ୍ଣୟ ହୁଏ ଯାତ୍ରାର ଦୀର୍ଘତାରେ ନୁହେଁ, ଯାତ୍ରାର ସତ୍ୟତାରେ । ଶ୍ରୀକୃଷ୍ଣ ଓ ସୁଦାମାଙ୍କ ମିତ୍ରତା ଆମକୁ ଶିଖାଏ ଯେ ସତ୍ୟ ସମ୍ପର୍କର ମାପ ଧନ, ପଦବୀ କିମ୍ବା ପ୍ରତିଷ୍ଠା ନୁହେଁଚ ମାପ ହେଉଛି ହୃଦୟ । ଆଜି ଯେତେବେଳେ ସୋସିଆଲ ମିଡିଆରେ ଅନ୍ୟର ଚମକୁଥିବା ଜୀବନ ଦେଖି ଅନେକ ଯୁବକଯୁବତୀ ନିଜ ଜୀବନକୁ ଅପୂର୍ଣ୍ଣ ଭାବୁଛନ୍ତି, ସେତେବେଳେ କୃଷ୍ଣଙ୍କ ଜୀବନ ଆମକୁ ମନେ ପକାଏଦେଖାଯାଉଥିବା ସଫଳତା ହିଁ ଜୀବନର ସମଗ୍ର ସତ୍ୟ ନୁହେଁ । ମନର ଶାନ୍ତି, ଚରିତ୍ରର ଦୃଢ଼ତା, ଭଲ ମଣିଷ ହେବାର ସନ୍ତୋଷଏଗୁଡ଼ିକ ହିଁ ଜୀବନର ପ୍ରକୃତ ସମ୍ପଦ । ଓଡ଼ିଶାର ମାଟିରେ ଏହି କୃଷ୍ଣଭାବନା ଆହୁରି ଗଭୀର, କାରଣ ଏହା ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଭୂମି । ଏଠାରେ କୃଷ୍ଣ କେବଳ ପୁରାଣର ଚରିତ୍ର ନୁହେଁ । ସେ ଭକ୍ତିର ଅନୁଭବ, ଘରର ଦେବତା, ମାଆର ପ୍ରାର୍ଥନା ଓ ଓଡ଼ିଆ ମନର ଏକ ଅଂଶ । ତେଣୁ ଜନ୍ମାଷ୍ଟମୀର ଦୀପ ଜଳାଇବା ସମୟରେ ଆମେ ନିଜ ଭିତରର ଅନ୍ଧକାରକୁ ମଧ୍ୟ ଦେଖିବା । ଆମ ଭିତରର କ୍ରୋଧ, ଲୋଭ, ଈର୍ଷ୍ୟା ଓ ଅହଂକାର ହିଁ ଆଜିର କଂସ । ତାକୁ ପରାଜିତ କରିବା ପାଇଁ କୌଣସି ଅସ୍ତ୍ର ଦରକାର ନାହିଁ । ଦରକାର ସତ୍ୟ, ସଂଯମ, ପ୍ରେମ ଓ ଆତ୍ମବିଶ୍ୱାସ । ଯେଉଁ ଛାତ୍ର ଭୟକୁ ଜିତି ପୁଣି ପଢ଼ିବାକୁ ବସେ, ଯେଉଁ ଯୁବକ ବିଫଳତା ପରେ ପୁଣି ଚେଷ୍ଟା କରେ, ଯେଉଁ ମଣିଷ ଅନ୍ୟାୟ ଦେଖି ଚୁପ୍ ନରହି ସତ୍ୟ ପାଇଁ ଠିଆ ହୁଏସେହି ମଣିଷର ହୃଦୟରେ ହିଁ କୃଷ୍ଣ ଜନ୍ମ ନିଅନ୍ତି । ଜନ୍ମାଷ୍ଟମୀ ତେଣୁ ଆମକୁ କେବଳ ଅତୀତର ଏକ ଦିବ୍ୟ ଘଟଣା ସ୍ମରଣ କରାଏ ନାହିଁ । ଏହା ପ୍ରତିବର୍ଷ ଆମକୁ ନୂଆ ହେବାର ଅବସର ଦିଏ । ଆମେ ଯେଉଁଠି ଭାଙ୍ଗିଯାଇଛୁ, ସେଠି ଆଶା ଜନ୍ମ ନେଉ । ଯେଉଁଠି ଭୟ ଅଛି, ସେଠି ସାହସ ଜନ୍ମ ନେଉଚ ଯେଉଁଠି ଘୃଣା ଅଛି, ସେଠି ପ୍ରେମ ଜନ୍ମ ନେଉ । ମନ୍ଦିରରେ କୃଷ୍ଣଙ୍କ ଜନ୍ମୋତ୍ସବ ପାଳନ କରିବା ସହିତ ଆମ ମନରେ ମଧ୍ୟ ଏକ ନୂଆ କୃଷ୍ଣର ଜନ୍ମ ହେଉଏମିତି କୃଷ୍ଣ, ଯିଏ ଆମକୁ ସତ୍ୟ କହିବାର ସାହସ ଦେବେ, ବିଫଳତାରେ ଭାଙ୍ଗିପଡ଼ିବାକୁ ଦେବେ ନାହିଁ, ସଫଳତାରେ ଅହଂକାରୀ ହେବାକୁ ଦେବେ ନାହିଁ ଏବଂ ଅନ୍ୟର ଦୁଃଖରେ ଆମକୁ ନିରବ ରହିବାକୁ ଦେବେ ନାହିଁ । ଏହି ଜନ୍ମାଷ୍ଟମୀରେ ଜଣେ ଛାତ୍ର ଯଦି ନିଜକୁ କହିପାରେ ‘ମୁଁ ମୋର ସର୍ବଶ୍ରେଷ୍ଠ ପ୍ରୟାସ କରିବି’ । ଜଣେ ଅଭିଭାବକ ଯଦି ସନ୍ତାନକୁ କହିପାରନ୍ତି ତୁମ ନମ୍ବରଠାରୁ ତୁମେ ଜଣେ ଭଲ ମଣିଷ ହେବା ମୋ ପାଇଁ ବଡ଼’ ଏବଂ ଜଣେ ସମାଜ ଯଦି ନିଷ୍ପତ୍ତି ନିଏ ଆମେ ଦ୍ୱେଷ ନୁହେଁ, ମାନବିକତା ବାଛିବା’, ତେବେ ଏହି ପର୍ବ ସତ୍ୟରେ ସାର୍ଥକ ହେବ । ଯେଉଁ ରାତିରେ କୃଷ୍ଣ କାରାଗାରର ଅନ୍ଧକାରରେ ଜନ୍ମ ନେଇଥିଲେ, ସେହି ରାତି ଆଜି ମଧ୍ୟ ଆମକୁ ଏକ ଅମର ସତ୍ୟ କହେ ଅନ୍ଧକାର କେତେ ଗଭୀର ହେଲେ ବି, ଆଲୋକର ଜନ୍ମକୁ କେହି ଅଟକାଇପାରେ ନାହିଁ ।

ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ

ରାଜା ଜଜାତିଙ୍କ ପୁତ୍ର ଯଦୁ । ତାଙ୍କ ନାମ ଅନୁସାରେ ଯଦୁଂଶର ଉତ୍ପତ୍ତି । ଏହି ବଂଶରେ ମହାନ ରାଜାମାନଙ୍କ ଜନ୍ମ ହୋଇଥିଲା । ତନ୍ମଧ୍ୟରୁ ରାଜା ଭୋଜ ଅନ୍ୟତମ । ତାଙ୍କ ବଂଶର ନାମ ଭୋଜବଂଶ କିମ୍ବା ଭୋଜକୁଳ । ସତ୍ୟନିଷ୍ଠ, ନ୍ୟାୟପ୍ରିୟ, ପ୍ରଜାବତ୍ସଳ, ଧର୍ମାଙ୍କ ମଥୁରା ନରେଶ ଉଗ୍ରସେନ ଥିଲେ ଭୋଜବଂଶୀ । ତାଙ୍କ ପୁତ୍ର କଂସ ଓ ଦୁହିତା ଦେବକୀ । ସଭାବରେ କଂସ ଥିଲା ପିତାଙ୍କ ସମ୍ପୂର୍ଣ୍ଣ ବିପରୀତ । ଅତ୍ୟାଚାରୀ, ମହତ୍ୱାକାଂକ୍ଷୀ ଓ କ୍ରୂର । ଦୁରନ୍ତ ଦନୁଜ, ଚରମଚକ୍ରୀ । ଚକ୍ରାନ୍ତ ଥିଲା ତାର ଅଭ୍ରାନ୍ତ । ଭଉଣୀ ଦେବକୀର ଅଷ୍ଟମ ସନ୍ତାନ ତାର ମୃତ୍ୟୁର କାରଣ ହେବ ଆକାଶବାଣୀ ଶୁଣି ଭୟଭୀତ କଂସ ଦେବକୀ ଓ ବସୁଦେବଙ୍କୁ ବନ୍ଦୀ କରି ତାଙ୍କ ସନ୍ତାନ ମାନଙ୍କୁ ଗୋଟିଗୋଟି କରି ହତ୍ୟା କରିବାକୁ ଲାଗିଲା । ରାଜା ଉଗ୍ରସେନ ବିରୋଧ କରିବାରୁ ଗାଦିଚ୍ୟୁତ ହେଲେ । ତାଙ୍କୁ ମଧ୍ୟ ବନ୍ଦୀ ଜୀବନଯାପନ କରିବାକୁ ପଡିଲା । କଂସ ବଳପୂର୍ବକ ମଥୁରାର ରାଜସିଂହାସନ ଅଧିକାର କଲା । ନିଜେ ନିଜକୁ ମଥୁରାର ଏକଛତ୍ର ଶାସକ ଘୋଷିତ କଲା । ତାରି ଅତ୍ୟାଚାରରେ ପୃଥିବୀରେ ପାପ ଭାର ବଢିବାକୁ ଲାଗିଲା । ଅଧର୍ମର ବିନାଶ ପାଇଁ ଭଗବାନ ବିଷ୍ଣୁ ଅଷ୍ଟମ ଅବତାର ନେଲେ । ଭାଦ୍ରବ କୃଷ୍ଣପକ୍ଷ ରୋହିଣୀ ନକ୍ଷତ୍ର ସଂଯୁକ୍ତ ଅଷ୍ଟମୀ ତିଥିର ନିଶିଥରେ କାରାଗାର ବନ୍ଦିନୀ ଦେବକୀଙ୍କ ଅଷ୍ଟମ ଗର୍ଭସମ୍ଭୁତ ହେଲେ । ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଏହା ଅତ୍ୟନ୍ତ ଦୁର୍ଲଭ ଓ ଶୁଭ ଯୋଗ । ଶ୍ରୀକୃଷ୍ଣଙ୍କ ଜନ୍ମକୁଣ୍ଡଳୀରେ ପାଞ୍ଚଟି ଗ୍ରହ - ସୂର୍ଯ୍ୟ, ଚନ୍ଦ୍ର, ମଙ୍ଗଳ, ବୁଧ ଓ ଶନି ନିଜ ନିଜର ଉଚ୍ଚ ସ୍ଥାନରେ ଅଧିଷ୍ଠିତ ଥିଲେ । ସେ ଗୋଟିଏ ସାଧାରଣ ଶିଶୁ ଭଳି ଜନ୍ମ ହୋଇନଥିଲେ । ଶଙ୍ଖ, ଚକ୍ର, ଗଦା, ପଦ୍ମ ଧାରଣ କରି ଚତୁର୍ଭୁଜ ନାରାୟଣ ରୂପରେ ଦେବକୀ ଓ ବସୁଦେବଙ୍କ ଆଗରେ ପ୍ରକଟିତ ହୋଇଥିଲେ । ଦେବକୀ ଓ ବସୁଦେବଙ୍କ ପ୍ରାର୍ଥନାରେ ସେ ନିଜକୁ ସାମାନ୍ୟ ନବଜାତ ଶିଶୁ ରୂପରେ ପରିବର୍ତ୍ତିତ କରିଥିଲେ । କୃଷ୍ଣଙ୍କ ଯୋଗମାୟା ବଳରେ କାରାଗାରର ସମସ୍ତ ସନ୍ତ୍ରୀ ଓ ଜଗୁଆଳି ଗଭୀର ନିଦ୍ରାରେ ଶୋଇପଡ଼ିଥିଲେ । ବସୁଦେବ ଓ ଦେବକୀଙ୍କ ହାତ ଗୋଡ଼ରେ ପଡ଼ିଥିବା ଲୁହା ଶିକୁଳି ଆପେ ଆପେ ଖୋଲିଯାଇଥିଲା । ମାଟିତଳେ ଥିବା କଂସର ସବୁଠୁ ସୁରକ୍ଷିତ ଗୁପ୍ତ କାରାଗାରର ଫାଟକ ଆପେ ଆପେ ଉନ୍ମୁକ୍ତ ହୋଇଯାଇଥିଲା । ଦେବକୀ ଚେତାଶୂନ୍ୟ ଥିଲେ । ଯନ୍ତ୍ରଚାଳିତ ଭଳି ବସୁଦେବ ବାଳକୃଷ୍ଣଙ୍କୁ ଟୋକେଇରେ ମୁଣ୍ଡେଇ ଗୋକୁଳ ଅଭିମୁଖେ ଯାତ୍ରା କରିଥିଲେ । ଅମା ଅନ୍ଧକାର । ପ୍ରବଳ ବର୍ଷା ସହିତ ବିଜୁଳି ଓ ଘଡଘଡି । ପ୍ରକୃତି କିନ୍ତୁ ଶାନ୍ତ, ପ୍ରଫୁଲ୍ଲିତ । ବର୍ଷାରୁ ରକ୍ଷା କରିବା ପାଇଁ ସ୍ୱୟଂ ଶେଷନାଗ କୃଷ୍ଣଙ୍କ ଉପରେ ଛତା ଭଳି ଫଣା ଟେକିଥାନ୍ତି । ଉଜାଣି ଯମୁନା ଶ୍ରୀକୃଷ୍ଣଙ୍କ ଚରଣ ସ୍ପର୍ଶ ପାଇଁ ବ୍ୟସ୍ତ ବିବ୍ରତ, ଅତି ଆତୁର । ବଢ଼ି ଚାଲିଥାନ୍ତି । ବସୁଦେବ ବୁଢ଼ିଯିବା ଅବସ୍ଥାକୁ ଆସିବା ପରେ କୃଷ୍ଣ ନିଜ ପାଦ ବଢ଼ାଇ ଯମୁନାଙ୍କୁ ସ୍ପର୍ଶ କଲେ । ପ୍ରଭୁଙ୍କ ଚରଣ ସ୍ପର୍ଶରେ ଶାନ୍ତ ହୋଇ ଯମୁନା ବସୁଦେବଙ୍କୁ ବାଟ ଦେଲେ । ଯମୁନା ପାରି ହେବା ପରେ ଯୋଗମାୟାଙ୍କ ପ୍ରଭାବରେ ବସୁଦେବଙ୍କ ପାଦଚିହ୍ନ ଲିଭିଯାଉଥାଏ । କେହି ଯେମିତି ଜାଣିପାରିବେ ନାହିଁ ଯେ ଏହି ବାଟ ଦେଇ କିଏ ଯାଇଛି । ଶ୍ରୀକୃଷ୍ଣ ଗୋକୁଳରେ ନନ୍ଦରାଜାଙ୍କ ଘରେ ପହଞ୍ଚିବା ସମୟରେ ମାତା ଯଶୋଦା ଏକ କନ୍ୟା ସନ୍ତାନଙ୍କୁ ଜନ୍ମ ଦେଉଥାନ୍ତି । ପୌରାଣିକ ଆଖ୍ୟା ଅନୁଯାୟୀ ଶିଶୁ କନ୍ୟା ସ୍ୱୟଂ ଯୋଗମାୟା ଥିଲେ । ପ୍ରସବ ପରେ ମାତା ଏତେ କ୍ଲାନ୍ତ ଥିଲେ ଯେ ସେ କନ୍ୟା ନା ପୁତ୍ର ସନ୍ତାନ ଜନ୍ମ ଦେଇଛନ୍ତି ତାହା ଜାଣିପାରି ନଥିଲେ । ବସୁଦେବ ଚୁପଚାପ୍ ଶ୍ରୀକୃଷ୍ଣଙ୍କୁ ଯଶୋଦାଙ୍କ ପାଖରେ ଶୁଆଇ କନ୍ୟା ସନ୍ତାନକୁ ନେଇ ମଥୁରା କାରାଗାରକୁ ଫେରିଆସିଥିଲେ । ତାଙ୍କରି ପ୍ରତ୍ୟାବର୍ତ୍ତନ ପରେ କାରାଗାରର କବାଟ ପୂର୍ବପରି ବନ୍ଦ ହୋଇଯାଇଥିଲା । କଡ଼ି ଓ ବେଡ଼ି ହାତ ଓ ଗୋଡ଼ରେ ସ୍ୱୟଂ ଲାଗିଯାଇଥିଲା । ଏତେ ସବୁ ଘଟଣାର ଖୋଜଖବର କାହାକୁ ନଥିଲା । ଦେବକୀ, ବସୁଦେବ, ନନ୍ଦ, ଯଶୋଦା ଓ ମଥୁରା ଓ ଗୋକୁଳର କେହି କିଛି ଜାଣିପାରିନଥିଲେ ।

ବୃଷ ଲଗ୍ନରେ ଶ୍ରୀକୃଷ୍ଣଙ୍କ ଜନ୍ମ । ଏହାର ଅଧିପତି ହେଉଛନ୍ତି ଶୁକ୍ର ଯାହା ତାଙ୍କୁ ଆକର୍ଷଣୀୟ ବ୍ୟକ୍ତିତ୍ୱ ପ୍ରଦାନ କରିଥିଲା । ତାଙ୍କ ଜନ୍ମ କାଳରେ ଚନ୍ଦ୍ରଦେବ ବୃଷ ରାଶିରେ ଉଚ୍ଚ ଲଗ୍ନରେ ଅବସ୍ଥାନ କରୁଥିଲେ । ଏଥିପାଇଁ ଶ୍ରୀକୃଷ୍ଣଙ୍କ ଚେହେରା ଅତ୍ୟନ୍ତ ସୁନ୍ଦର, ଶାନ୍ତ ଓ ମୋହନୀୟ ଥିଲା । ସେ ରୋହିଣୀ ନକ୍ଷତ୍ରର ଚତୁର୍ଥ ଚରଣରେ ଜନ୍ମଗ୍ରହଣ କରିଥିବାରୁ କଳା, ସଙ୍ଗୀତ ଓ ମନ୍ତ୍ରମୁଗ୍ଧକର ଅସାଧାରଣ ଗୁଣର ଅଧିକାରୀ ହୋଇଥିଲେ । ସୂର୍ଯ୍ୟଦେବ ନିଜ ରାଶି ସିଂହରେ ଓ ଗୁରୁ ବୃହସ୍ପତି ମଧ୍ୟ ସରାଶିରେ ଶୁଭ ସ୍ଥିତିରେ ଥିଲେ ଯଦ୍ୱାରା ତାଙ୍କୁ ଅସୀମ ଜ୍ଞାନ ଓ ତେଜ ପ୍ରାପ୍ତ ହୋଇଥିଲା । ତୁଳା ରାଶିରେ ଥାଇ ଶନିଦେବଙ୍କ ବିଚ୍ଛା ରାଶି ଉପରେ ସପ୍ତମ ଦୃଷ୍ଟି ଥିଲା ଯାହା ତାଙ୍କୁ କଠୋର କର୍ମଯୋଗୀ ଏବଂ ନ୍ୟାୟଦାତା ଭାବେ ପ୍ରତିଷ୍ଠିତ କରାଇଥିଲା । ମଙ୍ଗଳ ମକର ରାଶିର ଉଚ୍ଚ ସ୍ଥିତିରେ ଅବସ୍ଥାନ କରୁଥିଲେ । ତେଣୁ ସେ ଅସୀମ ସାହସୀ ଏବଂ ଯୁଦ୍ଧ ନିପୁଣ ଥିଲେ । ବୁଧ ଗ୍ରହ କନ୍ୟା ରାଶିର ଉଚ୍ଚ ସ୍ଥାନରେ ଅବସ୍ଥାନ କରୁଥିବାରୁ ଶ୍ରୀକୃଷ୍ଣ ମହାନ କୂଟନୀତିଜ୍ଞ ଓ ବାକପଟୁ ଥିଲେ । ପାଞ୍ଚ ପାଞ୍ଚଟି ଗ୍ରହ ଉଚ୍ଚ କିମ୍ବା ସ୍ୱଗୃହୀ ହୋଇ ରହିବା ଅତି ବିରଳ । ଏହା ନାରାୟଣଙ୍କ ଅବତାର ପାଇଁ ଉଦ୍ଦିଷ୍ଟ ଜ୍ୟୋତିଷୀୟ ସଂଯୋଗ ଥିଲା ।



ଡ଼କ୍ଟର ପ୍ରମୋଦ କୁମାର ପଣ୍ଡା
ପ୍ରାକ୍ତନ ଜିଲ୍ଲା ଶିକ୍ଷା ଅଧିକାରୀ,
ସମ୍ବଲପୁର, ମୋ-୭୯୭୮୨୮୩୧୯୦

ଶ୍ରୀକୃଷ୍ଣଙ୍କ ଶରୀର ସାଧାରଣ ମଣିଷ ପରି ରକ୍ତ-ମାଂସରେ ଗଢ଼ା ନଥିଲା । ତାହା ଥିଲା ସଚ୍ଚିଦାନନ୍ଦ-ସତ୍ୟ, ଚେତନା ଓ ଆନନ୍ଦର ସମାହାର । ତାଙ୍କ ଶରୀରରୁ କେବେ ସ୍ୱେଦ ନିର୍ଗତ ହେଉନଥିଲା । ସେ ସଦା ଯୁବକ ଥିଲେ । ବାର୍ଦ୍ଧକ୍ୟ ତାଙ୍କୁ କେବେ ସ୍ପର୍ଶ କରିନଥିଲା । ମହାଭାରତ ଯୁଦ୍ଧ ସମୟରେ ତାଙ୍କ ବୟସ ପ୍ରାୟ ୮୦ ବର୍ଷରୁ ଅଧିକ ଥିଲା । କିନ୍ତୁ ସେ ଜଣେ ୨୦ ବର୍ଷ ବୟସର ଯୁବକ ପରି ଦେଖାଯାଉଥିଲେ । ତାଙ୍କ ଶରୀରରୁ ସବୁବେଳେ ପଦ୍ମଫୁଲ ଏବଂ ଚନ୍ଦନର ଏକ ମିଶ୍ରିତ ସୁଗନ୍ଧ ବାହାରୁଥିଲା । ଚାରିପାଖର ପରିବେଶକୁ ମହକାଇ ଦେଉଥିଲା ।

ପ୍ରାୟ ସମସ୍ତେ ଜାଣନ୍ତି ଯେ ବଳରାମ ହେଉଛନ୍ତି ଶ୍ରୀକୃଷ୍ଣଙ୍କ ବଡ଼ ଭାଇ । କିନ୍ତୁ ତାଙ୍କ ଜନ୍ମ ରହସ୍ୟ ବହୁତ ଗୁପ୍ତ ଥିଲା । ଅନେକଙ୍କୁ ଜଣାନଥିବ । ସେ ଦେବକୀଙ୍କ ସପ୍ତମ ଗର୍ଭର ସନ୍ତାନ ଥିଲେ । କଂସ ତାଙ୍କୁ ମଧ୍ୟ ମାରିଦେବା ଭୟ ଥିଲା । ଭଗବାନଙ୍କ ନିର୍ଦ୍ଦେଶରେ ଯୋଗମାୟା ମାତା ଦେବକୀଙ୍କ ଗର୍ଭରୁ ସେହି ଶିଶୁକୁ ଆକର୍ଷଣ କରିନେଇ ଗୋକୁଳରେ ରହୁଥିବା ବସୁଦେବଙ୍କ ପ୍ରଥମ ପତ୍ନୀ ରୋହିଣୀଙ୍କ ଗର୍ଭରେ ସ୍ଥାପନ କରିଥିଲେ । ଏହି ଆକର୍ଷଣ କାରଣରୁ ବଳରାମଙ୍କ ନାମ ‘ସଙ୍କର୍ଷଣ’ ହୋଇଥିଲା । କଂସ ଭାବିଥିଲା ଯେ ଦେବକୀଙ୍କ ସପ୍ତମ ଗର୍ଭ ନଷ୍ଟ ହୋଇଯାଇଛି ।

ପୁରୀ ଶ୍ରୀମନ୍ଦିରରେ ଜନ୍ମାଷ୍ଟମୀ ଦିନ ମହାପ୍ରଭୁଙ୍କ ଜନ୍ମ ନୀତି ସମ୍ପୂର୍ଣ୍ଣ ଗୁପ୍ତ ରଖାଯାଇଥାଏ । ରତ୍ନବେଦୀ ପଛପଟ ଏକ ନିର୍ଦ୍ଦିଷ୍ଟ ସ୍ଥାନରେ କେବଳ ଅଧିକାରପ୍ରାପ୍ତ ସେବାୟତମାନେ ପ୍ରଭୁଙ୍କ ଜନ୍ମ ବିଧି କରିଥାନ୍ତି । ସେହି ସମୟରେ ମନ୍ଦିରର ସମସ୍ତ ଆଲୋକ ଲିଭାଇ ଦିଆଯାଇ କାରାଗାର ପରି ଏକ ନିବିଡ଼ ଅନ୍ଧକାର ପରିବେଶ ସୃଷ୍ଟି କରାଯାଏ । ଏହି ନୀତି ଚାଲିଥିବା ବେଳେ ସାଧାରଣ ଭକ୍ତଙ୍କୁ ଦର୍ଶନ ବାରଣ ଥାଏ । ଶ୍ରୀମନ୍ଦିର ପରିସରରେ ବିରାଜିତା ମା’ ମଙ୍ଗଳାଙ୍କୁ ଶ୍ରୀଜଗନ୍ନାଥଙ୍କର ଜେଜେମା ବୋଲି ବିଶ୍ୱାସ କରାଯାଏ । ଜନ୍ମାଷ୍ଟମୀ ଦିନ ପ୍ରଭୁଙ୍କ ଜନ୍ମ ନୀତି ପୂର୍ବରୁ ମା’ ମଙ୍ଗଳାଙ୍କ ପାଖରୁ ସେବାୟତମାନେ ଆଜ୍ଞାମାଳ ବା ଅନୁମତି ନେଇଆସନ୍ତି । ତତ୍ପରେ ଶ୍ରୀକୃଷ୍ଣଙ୍କ ଜନ୍ମୋତ୍ସବ କାର୍ଯ୍ୟ ଆରମ୍ଭ ହୁଏ । ଜଗନ୍ନାଥ ସ୍ୱୟଂ ଶ୍ରୀକୃଷ୍ଣ । ତାଙ୍କ ମାନବୀୟ ଲୀଳାରେ ପରିବାରରଗୁରୁଜନମାନଙ୍କୁ କେତେ ସମ୍ମାନ ଦିଆଯାଏ ତାହା ମା’ ମଙ୍ଗଳାଙ୍କ ଆଜ୍ଞାମାଳରୁ ସ୍ପଷ୍ଟ ବୁଝିହୁଏ ।

ଶ୍ରୀକୃଷ୍ଣ କାରାଗାରରେ ଜନ୍ମଗ୍ରହଣ କରିଥିଲେ । ଆଧ୍ୟାତ୍ମିକ ଦୃଷ୍ଟିକୋଣରୁ ବିଚାର କଲେ କାରାଗାର ହେଉଛି ଆମର ଭୌତିକ ଶରୀର ଯେଉଥିରେ ପ୍ରତ୍ୟେକ ଜୀବ ବନ୍ଧା । କଂସ ହେଉଛି ମଣିଷର ଅହଂକାର । ଜଗୁଆଳୀ ହେଉଛନ୍ତି ମଣିଷର ପାଞ୍ଚ କର୍ମେନ୍ଦ୍ରିୟ - ଆଖି, କାନ, ନାକ, ଜିଭ, ଚର୍ମ । ଶ୍ରୀକୃଷ୍ଣ, ଯିଏ ସ୍ୱୟଂ ନାରାୟଣ - ଆନନ୍ଦ ଓ ଭଗବତ୍ ଚେତନା, ଜନ୍ମ ନେବା ମାତ୍ରେ ଏହି ଇନ୍ଦ୍ରିୟଗୁଡ଼ିକ ନିଦ୍ରାଭିଭୂତ ହୁଅନ୍ତି ଓ ଶିକୁଳି ରୂପୀ ମୋହମାୟାର ବନ୍ଧନ ଆପେ ଆପେ ଖୋଲିଯାଇଥାଏ । ଯୋଗେଶ୍ୱର ଶ୍ରୀକୃଷ୍ଣ ମଧ୍ୟରାତ

ଶୁକ୍ରବାର ୦୪।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ଜନ୍ମାଷ୍ଟମୀ



କୃଷ୍ଣ ଜନ୍ମାଷ୍ଟମୀ, ଯାହାକୁ ଜନ୍ମାଷ୍ଟମୀ ମଧ୍ୟ କୁହାଯାଏ, ଭାରତର ପ୍ରମୁଖ ହିନ୍ଦୁ ପର୍ବଗୁଡ଼ିକ ମଧ୍ୟରୁ ଗୋଟିଏ। ଏହା ଭଗବାନ କୃଷ୍ଣଙ୍କ ଜନ୍ମକୁ ପାଳନ କରେ। ହିନ୍ଦୁ ପୌରାଣିକ କଥା ଅନୁସାରେ, କୃଷ୍ଣ ପ୍ରେମ, କରୁଣା, ଉଷ୍ମତା ଏବଂ ଭକ୍ତିର ଦେବତା। ସେ କେବଳ ଭାରତରେ ନୁହେଁ ବରଂ ସାରା ବିଶ୍ୱରେ ସବୁଠାରୁ ଲୋକପ୍ରିୟ ଏବଂ ପ୍ରିୟ ଦେବତାମାନଙ୍କ ମଧ୍ୟରୁ ଜଣେ। କୃଷ୍ଣ ଜନ୍ମାଷ୍ଟମୀକୁ କୃଷ୍ଣ ଜୟନ୍ତୀ, ଗୋକୁଳାଷ୍ଟମୀ, ଶତମ ଆଠମ ଏବଂ ଆହୁରି ଅନେକ ନାମରେ ମଧ୍ୟ ଜଣାଶୁଣା। ଉତ୍ତର ଭାରତରୁ ଦକ୍ଷିଣ ପର୍ଯ୍ୟନ୍ତ, ଲୋକମାନେ ଏହି ଉତ୍ସବଗୁଡ଼ିକୁ ବହୁତ ଆନନ୍ଦ ଏବଂ ଉତ୍ସାହର ସହିତ ପାଳନ କରନ୍ତି।

ହିନ୍ଦୁ ପରମ୍ପରାରେ କୃଷ୍ଣ ଜନ୍ମାଷ୍ଟମୀର ଏକ ଗଭୀର ମହତ୍ତ୍ୱ ରହିଛି। ଏହା ବର୍ଷ ବର୍ଷ ଧରି ପାଳିତ ହୋଇଆସୁଛି। ପ୍ରକୃତରେ, କୃଷ୍ଣ ଜନ୍ମାଷ୍ଟମୀର ଇତିହାସ କଥା ଆସିଲେ, ଏହା ବହୁତ ସମୃଦ୍ଧ। ଏହି ଉତ୍ସବ ପ୍ରାୟ ୫,୨୦୦ ବର୍ଷ ପୁରୁଣା। ତେଣୁ, ଏହାକୁ ସବୁଠାରୁ ପୁରୁଣା ସ୍ଥିର ଉତ୍ସବ ମଧ୍ୟରୁ ଗୋଟିଏ କରିଦିଏ। ସେବେଠାରୁ, ଭାଦ୍ରପଦ ମାସର ୮ ତାରିଖରେ କୃଷ୍ଣ ପକ୍ଷରେ ଏହି ପର୍ବ ପାଳିତ ହୋଇଆସୁଛି। ଜନ୍ମାଷ୍ଟମୀ ଉପରେ ଭକ୍ତମାନେ କୃଷ୍ଣଙ୍କର ଶିଶୁ ରୂପକୁ ପୂଜା କରନ୍ତି, ଯାହାକୁ ଲଡୁ ଗୋପାଳ, ବାଲ କୃଷ୍ଣ କିମ୍ବା ବାଲ ଗୋପାଳ କୁହାଯାଏ।

କୃଷ୍ଣ ଜନ୍ମାଷ୍ଟମୀ ପାଳନର ସାଂସ୍କୃତିକ ମହତ୍ତ୍ୱ: କୃଷ୍ଣ ଜନ୍ମାଷ୍ଟମୀର ସାଂସ୍କୃତିକ ମହତ୍ତ୍ୱ ବହୁତ ବଡ଼। ଏହି ବର୍ଷ ଆମେ ଭଗବାନ କୃଷ୍ଣଙ୍କ ୫୨୫୩ତମ ଜନ୍ମବାର୍ଷିକୀ ପାଳନ କରୁଛୁ।

ସାଂସ୍କୃତିକ ମହତ୍ତ୍ୱ ଭଗବାନ କୃଷ୍ଣଙ୍କ ଜନ୍ମ କାହାଣୀ ସହିତ ଜଡିତ, ଯିଏ ଭଗବାନ ବିଷ୍ଣୁଙ୍କ ୮ମ ଅବତାର କିମ୍ବା ରୂପ ଭାବରେ ମଧ୍ୟ ଜଣାଶୁଣା। ଏହି ପର୍ବ କେବଳ କୃଷ୍ଣଙ୍କୁ ନୁହେଁ ବରଂ ତାଙ୍କ ପିତାମାତା, ମା ଦେବକୀ ଏବଂ ବାସୁଦେବଙ୍କୁ ମଧ୍ୟ ସମ୍ମାନ କରେ। ମା ଦେବକୀ କାରାଗାରରେ ଥିବା ସମୟରେ ଯେତେ କଷ୍ଟକର ପରିସ୍ଥିତି ସହିତ ସଂଘର୍ଷ କରିବାକୁ ପଡିଲା ତାହା ସତ୍ତ୍ୱେ, କୃଷ୍ଣଙ୍କୁ ଜନ୍ମ ଦେଇଥିଲେ। ଜନ୍ମାଷ୍ଟମୀ ପ୍ରେମ ଏବଂ ଧାର୍ମିକତାରେ ବିଶ୍ୱାସକୁ ପାଳନ କରେ। ଏହା କୃଷ୍ଣଙ୍କ କଂସ ଉପରେ ବିଜୟ, ମନ୍ଦ ଉପରେ ଭଲର ବିଜୟକୁ ମନେ ପକାଇଥାଏ।

ଜନ୍ମାଷ୍ଟମୀ ପୂଜା ବିଧି: ଘର ସଫା କରିବା ଏବଂ ପରେ ପୂଜା ସ୍ଥାନକୁ ସୁନ୍ଦର ଭାବରେ ପ୍ରସ୍ତୁତ କରିବାକୁ ପଡ଼େ। ଫୁଲ, ରଙ୍ଗ ଏବଂ ଅନ୍ୟାନ୍ୟ ଜିନିଷରେ ସଜାଯାଇଥାଏ।ୟ

ଉପବାସ କିମ୍ବା ଉପବାସ ବ୍ରତ: କୃଷ୍ଣଙ୍କ ଜନ୍ମ ପାଳନ କରିବା ପାଇଁ, ଭକ୍ତମାନେ ମଧ୍ୟ ଉପବାସ ପାଳନ କରନ୍ତି। ଏହା ଦୁଇ ପ୍ରକାରର ହୋଇପାରେ। ଆପଣ ଫଳ କିମ୍ବା କ୍ଷୀର ବାଛିପାରିବେ। କିମ୍ବା ଆପଣ ପାଣି ବିନା ନିର୍ଜଳା ବ୍ରତ ପାଳନ କରିପାରିବେ। ଉପବାସ ହେଉଛି ପ୍ରଭୁଙ୍କ ପ୍ରତି ଆପଣଙ୍କର ପ୍ରେମ ଏବଂ ଆତ୍ମସମର୍ପଣ ପ୍ରଦର୍ଶନ କରିବା।
ମୂର୍ତ୍ତି ଅଭିଷେଗମ: ମଧ୍ୟରାତ୍ରିରେ, ଆପଣ ଅଭିଷେଗମ ଭଳି ବିଧି କରିପାରିବେ। ଆପଣ ଅଭିଷେକ ପୂଜା ପାଇଁ ପଞ୍ଚାମୃତ, ଗଙ୍ଗାଜଳ ଭଳି ଜିନିଷ ବ୍ୟବହାର କରିପାରିବେ।
ପୋଷାକ ପରିଧାନ ଏବଂ ସାଜସଜ୍ଜା: ବର୍ତ୍ତମାନ, ଆପଣଙ୍କ ବାଲ ଗୋପାଳଙ୍କୁ ସୁନ୍ଦର ପୋଷାକ ପିନ୍ଧାନ୍ତୁ ଏବଂ ତାଙ୍କ ଉପସ୍ଥିତିକୁ ସ୍ୱାଗତ କରନ୍ତୁ।
କଳାକାର ଏବଂ ଭଜନ: କୃଷ୍ଣଙ୍କ ନବଜାତ ଶିଶୁ ଅବତାରକୁ ସ୍ୱାଗତ କରିବା ପାଇଁ ମଧ୍ୟରାତ୍ରିରେ କୃଷ୍ଣ ଜନ୍ମାଷ୍ଟମୀ ଆରତୀ ଏବଂ ଭଜନ ମଧ୍ୟ ଘିଅ ଦିଆ ଏବଂ ଦୀପ ସହିତ କରାଯାଏ।
ନୈବେଦ୍ୟ: ଏହି ବିଧିରେ ପ୍ରତିମାଙ୍କୁ ଖାଦ୍ୟ ଅର୍ପଣ କରାଯାଏ। ଏଥିରେ ଫଳ, ଶୁଖିଲା ଫଳ, ଖୀର କିମ୍ବା ଅନ୍ୟାନ୍ୟ ପ୍ରକାରର ଭୋଗ ସାମଗ୍ରୀ ଅନ୍ତର୍ଭୁକ୍ତ ହୋଇପାରେ।
ଝୁଲା ଉତ୍ସବ: ଝୁଲା ସମାରୋହରେ କୃଷ୍ଣ ଜନ୍ମାଷ୍ଟମୀ ଭଜନ କିମ୍ବା ଲୋରୀ ସହିତ କୃଷ୍ଣଙ୍କ ପାଳିଆକୁ ସାମାନ୍ୟ ହଲାଇବା ଅନ୍ତର୍ଭୁକ୍ତ।
ପରାଣ: ଆରତୀ ଏବଂ ପ୍ରସାଦ ସାରିସାରିବା ପରେ, ଆପଣ ପରାଣ ମୁହୂର୍ତ୍ତରେ ଆପଣଙ୍କର ବ୍ରତ ଭାଙ୍ଗି ପାରିବେ।
ଅତିରିକ୍ତ ପରମ୍ପରା: ଦହି ହାଣ୍ଡି ଏବଂ ରାସ ଲୀଳା ଭଳି ଅତିରିକ୍ତ ବିଧି ମଧ୍ୟ ବିଭିନ୍ନ ଅଞ୍ଚଳରେ କରାଯାଏ।

'ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ବା କୃଷ୍ଣ ଜନ୍ମାଷ୍ଟମୀ, କୃଷ୍ଣାଷ୍ଟମୀ, ସାତମ୍ ଆଠମ୍, ଗୋକୁଳାଷ୍ଟମୀ, ଅଷ୍ଟମୀ ରୋହିଣୀ, ଶ୍ରୀକୃଷ୍ଣ ଜୟନ୍ତୀ, ଶ୍ରୀ ଜୟନ୍ତୀ ବା କେବଳ ଜନ୍ମାଷ୍ଟମୀ ନାମରେ ମଧ୍ୟ ଜଣାଶୁଣା। ବିଷ୍ଣୁଙ୍କର ଅବତାରୀ ପୁରୁଷ ପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମଦିନକୁ ହିନ୍ଦୁମାନେ ଜନ୍ମାଷ୍ଟମୀ ରୂପେ ପାଳନ କରିଥାନ୍ତି।

ଏହା ହିନ୍ଦୁ ପଞ୍ଜିକା ଅନୁସାରେ ଭାଦ୍ରବ ମାସ କୃଷ୍ଣ ପକ୍ଷ ଅଷ୍ଟମୀ ତିଥିରେ ପାଳନ କରାଯାଏ। ଏଇ ଦିନ ଲଗ୍ନରେ ରୋହିଣୀ ନକ୍ଷତ୍ର ରହିଥାନ୍ତି। ଏହା ଗ୍ରେଗୋରିଆନ (ଇଂରାଜୀ) କ୍ୟାଲେଣ୍ଡରରେ ସର୍ବଦା ଅଗଷ୍ଟ ୧୫ରୁ ସେପ୍ଟେମ୍ବର ୧୫ ଭିତରେ ହିଁ ଆସିଥାଏ। ଉତ୍ତର ଭାରତ ଓ ଦକ୍ଷିଣ ଭାରତରେ ଗଣନା ପଦ୍ଧତିର ବୈଷମ୍ୟ ଯୋଗୁଁ ଏହାର ପାଳନ ଗୋଟିଏ ଦିନ ଆଗପଛ ହୋଇଥାଏ। ଯେପରିକି ୨୦୧୧ ମସିହାରେ ଉତ୍ତର ଭାରତରେ ଏହା ୨୨ ଅଗଷ୍ଟରେ ପାଳନ କରାଯାଇଥିଲେ ମଧ୍ୟ ଦକ୍ଷିଣ ଭାରତରେ (କେରଳାଦି ରାଜ୍ୟରେ) ୨୧ ଅଗଷ୍ଟରେ ପାଳିତ ହୋଇଥିଲା। ଭାଦ୍ର କୃଷ୍ଣାଷ୍ଟମୀ ଅର୍ଦ୍ଧରାତ୍ର ସମୟରେ ଜନ୍ମାଷ୍ଟମୀ ହିନ୍ଦୁ ଜଗତରେ ପାଳିତ ହୋଇଥାଏ। କିନ୍ତୁ ବିଷ୍ଣୁ ପୁରାଣରେ କୃଷ୍ଣଙ୍କର ଜନ୍ମ ଶ୍ରାବଣମାସ କୃଷ୍ଣ ଅଷ୍ଟମୀରେ ହୋଇଥିବାର ଉଲ୍ଲେଖ ରହିଛି। ମୁଖ୍ୟଚାନ୍ଦ୍ରମାସ ଓ ଗୌଣ ଚାନ୍ଦ୍ରମାସ ଗଣନା ଏ ପ୍ରଭେଦର କାରଣ ବୋଲି ଅନୁମେୟ। ୪୧%୪୨% ଶ୍ରୀକୃଷ୍ଣ ମାନବ ସମାଜକୁ କର୍ମଯୋଗର ଶିକ୍ଷା ଦେଇଛନ୍ତି। ଶ୍ରୀମଦ୍ଭଗବଦ୍‌ଗୀତାରେ କର୍ମ ଅନୁସାରେ ଫଳ ମିଳିବ ବୋଲି ସେ ଉଲ୍ଲେଖ କରିଛନ୍ତି। ତେଣୁ ଜନ୍ମାଷ୍ଟମୀର ପାଳନ ଅବସରରେ ଜଣେ ପ୍ରକୃତ କର୍ମଯୋଗୀ ହେବାପାଇଁ ଶପଥ ନିଆଯାଏ। ଫଳର ଆଶା ନ ରଖି ବିଶ୍ୱର ସେବା କରିବା ହେଉଛି ପ୍ରକୃତ କର୍ମଯୋଗ। ଗୀତାରେ ଶ୍ରୀକୃଷ୍ଣଙ୍କ ପ୍ରଦର୍ଶିତ ପଥ ଅନୁସରଣ କରି ଯେ କେହି ସ୍ଥିତପ୍ରଜ୍ଞ ହୋଇପାରେ। ମହାପୁରୁଷମାନେ ଦେଖାଇଦେଇଥିବା ପଥରେ ଯାଇ ଇତରଲୋକେ ସୁଖ, ଶାନ୍ତି ଓ ସମୃଦ୍ଧିକୁ ସହଜରେ ହାସଲ କରିପାରିବେ।

● ବୈଶିଷ୍ଟ୍ୟ

ଭାଦ୍ରବମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିକୁ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମଦିବସ ବା ଜନ୍ମାଷ୍ଟମୀ ରୂପେ ପାଳନ କରାଯାଏ। ହିନ୍ଦୁମାନଙ୍କର ଏହା ଏକ ମୂଖ୍ୟ ପର୍ବ। ବେଦବାଣୀ ଓ ଜ୍ୟୋତିଷ ଗଣନାନୁସାରେ ଭଗବାନ ଶ୍ରୀକୃଷ୍ଣ ଦ୍ୱାପର ଯୁଗର ଶେଷ ଭାଗରେ ଧରାଧାମରେ ଅବତୀର୍ଣ୍ଣ ହୋଇଥିଲେ। ତାଙ୍କର ଲୀଳା ଅବଧୀ ଥିଲା ୧୨୫ ବର୍ଷ ୭ ମାସ। ଯେଉଁ ଦିନ କୃଷ୍ଣଙ୍କର ପରଲୋକ ହେଲା ସେଦିନଠାରୁ କଳି ଯୁଗ ଆରମ୍ଭ ହୋଇଛି ଏବଂ ବର୍ତ୍ତମାନ କଳିଭୋଗବ ୫୧୧୩ ଚାଲିଛି। ତେଣୁ ଆଜକୁ ୫୩୮୮ ବର୍ଷ ପୂର୍ବେ ଲୀଳା ପୁରୁଷୋତ୍ତମ ଏହି ଧରାଧାମରେ ଅବତରଣ କରିଥିଲେ।ଗବେଷକଙ୍କ ମତରେ ଖ୍ରୀଷ୍ଟପୂର୍ବ ୩୨୨୭ ପୂର୍ଣ୍ଣମାନ୍ତ ଭାଦ୍ର କୃଷ୍ଣ ଅଷ୍ଟମୀ ତିଥିରେ ତାଙ୍କର ଜନ୍ମ ହେଇଥିଲା।

ଅବତାର ଅର୍ଥ ଅବତୀର୍ଣ୍ଣ ହେବା, ଭକ୍ତମାନଙ୍କୁ ଦିବ୍ୟାନନ୍ଦ ପ୍ରଦାନ ନିମିତ୍ତ ଓ ଭଗବତ ଧର୍ମ ଠିକ ସ୍ଥାନରେ ଲାଗି ଦେବକୀଙ୍କ ଗର୍ଭରୁ ଶ୍ରୀକୃଷ୍ଣ ଜନ୍ମ ନେଇଥିଲେ। ଶଙ୍ଖ, ଚକ୍ର, ଗଦା, ପଦ୍ମଧାରୀ ସରୂପରେ ମାତାପିତାଙ୍କୁ ଦର୍ଶନ ଦେଇଥିଲେ। ବାଳକ ରୂପରେ ଲୀଳା ଛଳରେ ଦୈତ୍ୟମାନଙ୍କୁ ସଧାମକୁ ପଠେଇ ପୃଥିବୀର ପାପ ଭାର ଲାଘବ କରିଥିଲେ। ବ୍ରହ୍ମା, ଶଙ୍କର ସନକାଦି ମୂନିଋଷିଙ୍କର ପୂଜ୍ୟ ହୋଇମଧ୍ୟ ସାଧାରଣ ବାଳକ ପରି ଲୀଳା କରୁଥିଲେ। ମାନବ ଜାତିର ଉନ୍ନତିକଳ୍ପେ ଭଗବାନ ଶ୍ରୀକୃଷ୍ଣ ଭିନ୍ନ ଭିନ୍ନ ଭୂମିକାରେ ଅବତୀର୍ଣ୍ଣ ହେଇ ଲୀଳା କରିଥିଲେ। ମହାଭାରତ ଯୁଦ୍ଧକୁ ଏଡେଇବା ପାଇଁ ଶାନ୍ତିର ବାର୍ତ୍ତାନେଇ ଦୁର୍ଯ୍ୟୋଧନଙ୍କ ନିକଟକୁ ଗମନ କରିଥିଲେ।ଏଠାରେ ଫରବ୍ରହ୍ମ ଶ୍ରୀକୃଷ୍ଣ ଶାନ୍ତିଦୂତର ଭୂମିକା ନିଭାଇ ଥିଲେ। ମହାଭାରତ ଯୁଦ୍ଧକ୍ଷେତ୍ରରେ ଅର୍ଜୁନଙ୍କ ରଥର ସାରଥୀହେଇ ରଥକୁ ସୁଚାରୁ ରୂପେ ଚାଳନା କରିଥିଲେ। ଯୁଦ୍ଧର ପ୍ରାରମ୍ଭରେ ନିଜର ଜ୍ଞାତି କୁଟୁମ୍ବମାନଙ୍କୁ ଅବଲୋକନ କରି ଅର୍ଜୁନଙ୍କ ମନରେ ବିଷାଦ ଆସିଥିଲା ଓ ଯୁଦ୍ଧ ନକରିବା ପାଇଁ ଶ୍ରୀକୃଷ୍ଣଙ୍କୁ ମନାକରିଦେଇଥିଲେ। ଏଠାରେ ଭଗବାନ ଗୁରୁ ରୂପରେ ଅବତୀର୍ଣ୍ଣ ହେଇ ଅର୍ଜୁନଙ୍କୁ ଗୀତାଜ୍ଞାନ ପ୍ରଦାନ କରି ଧର୍ମସ୍ଥାପନ ପାଇଁ ଯୁଦ୍ଧ କରିବାଲାଗି ତାଙ୍କୁ ମନେଇବାରେ ସକ୍ଷମ ହେଇଥିଲେ।କୂଟନୀତି ପ୍ରୟୋଗ କରି ପାଣ୍ଡବମାନଙ୍କୁ ଯୁଦ୍ଧରେ ଜିତାଇଥିଲେ। ଏଠାରେ ତାଙ୍କୁ ବିଚକ୍ଷଣ କୂଟନୀତିଜ୍ଞ ରୂପରେ ମାନ୍ୟତା ଦିଆଯାଏ।

ମହାଭାରତ ଯୁଦ୍ଧରେ ଅର୍ଜୁନଙ୍କୁ ନିମିତ୍ତମାତ୍ର କରି ମାନବ ସମାଜକୁ ଯେଉଁ ସାଂଖ୍ୟଯୋଗ, କର୍ମଯୋଗ, ଜ୍ଞାନଯୋଗ ଓ ଭକ୍ତିଯୋଗ ଶିକ୍ଷାପ୍ରଦାନ କରିଛନ୍ତି,ତାହାକୁ ପାଥେୟ କରି ବିଷୟାସକ୍ତ ଅଜ୍ଞାନ ଜୀବ ନିଜର ସାଧାରଣ ଜୀବନରେ ବାସ୍ତବ ସମସ୍ୟାକୁ ଉପଲବ୍ଧି କରି ନିଜକୁ ଉଦ୍ଧାର କରୁଛନ୍ତି। ଏହା ଭଗବତ ଗୀତା ନାମରେ ବିଶ୍ୱ ବିଖ୍ୟାତ। ଭଗବତ ଗୀତା ବିଶ୍ୱ ସାହିତ୍ୟ ଭଣ୍ଡାରରେ ଏକ ଅନନ୍ୟ ସ୍ଥାନ ଅଧିକାର କରିଛି। ଏଥିରେ ରଚିତ ହେଇଥିବା ଭଗବାନ ଶ୍ରୀକୃଷ୍ଣଙ୍କର ମୁଖନିଃସୃତ ବାଣୀ ଦିବ୍ୟ ଓ ସନାତନ।

● ପୌରାଣିକ

ଦ୍ୱାପର ଯୁଗରେ ପ୍ରବଳ ପ୍ରତାପୀ କଂସକୁ ବଧ କରିବା ନିମନ୍ତେ ମାନବ ରୂପରେ ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ଧରାବତରଣ କରିଥିଲେ ଭଗବାନ ବିଷ୍ଣୁ। ଏହା ଥିଲା ତାଙ୍କର ଶ୍ରୀକୃଷ୍ଣ ଅବତାର। କଂସଦ୍ୱାରା ବନ୍ଦୀ ଭଗ୍ନୀ ଦେବକୀଙ୍କ ଗର୍ଭରୁ ବନ୍ଦିଶାଳାରେ ଅର୍ଦ୍ଧ ରାତ୍ରୀରେ ରୋହିଣୀ ନକ୍ଷତ୍ର- ବୃଷରାଶିର ସଂଯୋଗ ସମୟରେ କୃଷ୍ଣ ଜନ୍ମ ଲାଭ କରିଥିଲେ। ବନ୍ଦିଶାଳାରେ ମାତା-ପିତାଙ୍କୁ ଶ୍ରୀକୃଷ୍ଣ ଜଣାଇଥିଲେ ତାଙ୍କର ଧରାବତରଣ ଉଦ୍ଦେଶ୍ୟ। ସେ ଦୁଷ୍ଟ ଶକ୍ତିର ବିନାଶ ଓ ଧର୍ମ ପ୍ରତିଷ୍ଠା ନିମନ୍ତେ ମାନବ ରୂପ ଧାରଣ କରିଛନ୍ତି ଏବଂ ତାଙ୍କର ମାନବ ଲୀଳା ହିଁ ପୃଥିବୀରୁ ସମସ୍ତ ପ୍ରକାର କଳୁଷ ନାଶ କରିପାରିବ। ପୃଥିବୀକୁ କଂସର ଅତ୍ୟାଚାରରୁ ମୁକ୍ତ କରିବା ନିମନ୍ତେ ବ୍ରହ୍ମାଙ୍କ ସହ ଦେବଗଣଙ୍କ ଅନୁରୋଧ ରକ୍ଷାକରି ସେ ଜନ୍ମ ନେଇଛନ୍ତି। ଗୋପରେ ନନ୍ଦରାଜାଙ୍କ ଘରେ ବାଲ୍ୟ ଲୀଳା କରିବେ। ରାକ୍ଷସ ନିପାତ ପାଇଁ ତାଙ୍କୁ ନନ୍ଦରାଜାଙ୍କ ଘରେ ରହିବାକୁ ପଡ଼ିବ, ତେଣୁ ସେଠାରେ ଜନ୍ମ ନେଇଥିବା ବିଜୁଳୀ କନ୍ୟାକୁ ବନ୍ଦୀଶାଳାକୁ ଆଣି ତାଙ୍କୁ ନେଇ ଗୋପପୁରରେ ନନ୍ଦରାଜାଙ୍କ ଘରେ ସମସ୍ତଙ୍କ ଅଗୋଚରରେ ଥୋଇଦେଇ ଆସିବାକୁ ପିତାଙ୍କୁ କହିଲେ। ପରଂବ୍ରହ୍ମଙ୍କ ଆଜ୍ଞାକୁ ମାନି ପିତା ବସୁଦେବ ନବଜାତ ପୁତ୍ରକୁ କୋଳରେ ଧରି ଅନ୍ଧାର ରତିରେ ବାହାରିଲେ। ଜଗନ୍ନାଥ ଦାସଙ୍କ ଭାଗବତରେ ବର୍ଣ୍ଣିତ କଥାମୃତ ଅନୁଯାୟୀ ବନ୍ଦିଶାଳା ଦିବ୍ୟ ଆଲୋକରେ ଆଲୋକିତ ହେଇଗଲା, ବସୁଦେବଙ୍କ ଗୋଡ଼ରୁ ବେଡ଼ି ଖୋଲିଗଲା ଏବଂ ବନ୍ଦିଶାଳାର ଦ୍ୱାର ମଧ୍ୟ ଆପେଆପେ ଖୋଲିଗଲା।ପ୍ରବଳ ବର୍ଷା ସାଙ୍ଗକୁ ଅନ୍ଧାର ରାତିରେ ବସୁଦେବ ପୁତ୍ରକୁ ନେଇ ଉଛୁଳି ଉଠୁଥିବା ଯମୁନା ନଦୀ ପାର ହେଇ ଗୋପପୁର ଗଲେ। ପ୍ରଭୁ ବର୍ଷାରେ ତିନ୍ତି ଯାଉଥିବାରୁ ବାଟରେ ନାଗରାଜା ଅନନ୍ତ ବାସୁକି ନିଜର ବିଶାଳ ଫଣା ଢାଙ୍କି ଚାଲିଲେ।ସବୁ ବାଧାବିଘ୍ନ ଅତିକ୍ରମ କରି ଶ୍ରୀକୃଷ୍ଣଙ୍କୁ ନେଇ ନନ୍ଦଘରେ ଛାଡିଥିଲେ ବସୁଦେବ। ପ୍ରଭୁ ଶ୍ରୀକୃଷ୍ଣଙ୍କ ଏହି ପବିତ୍ର ଜନ୍ମ ଦିନକୁ ଜନ୍ମାଷ୍ଟମୀ ଭାବେ ପାଳନ କରାଯାଏ।

● ଓଡ଼ିଶାରେ

ଓଡ଼ିଶାର ପୁରପଲ୍ଲୀରେ ଏହି ଉତ୍ସବ ମହା ସମାରୋହରେ ପାଳନ କରାଯାଏ। ଏହିଦିନ ଲୋକେ ଉପବାସ ରଖିଥାନ୍ତି, ଓ ରାତ୍ରି ୧୨ ଘଟିକାକୁ କୃଷ୍ଣଜନ୍ମ ଉତ୍ସବ ପାଳନ କରିସାରି ଉପବାସ ଭାଙ୍ଗିଥାନ୍ତି। ଏହିଦିନ ଗାଁର ଭାଗବତ ଟୁଙ୍ଗୀମାନଙ୍କରେ ଅଥବା କାହାରି ଘର ବା ମଠ ମନ୍ଦିରରେ ହରିବଂଶ ପୁରାଣ ପାଠ କରାଯାଏ। ହରିବଂଶ ପୁରାଣ ଅତି ଦୀର୍ଘ ହୋଇଥିବାରୁ କେଉଁଠି କେଉଁଠି ଖଣ୍ଡିକିଆ ହରିବଂଶ ପଢ଼ିଥାନ୍ତି। ଶ୍ରୀମନ୍ଦିରରେ ପାଳିତ ପର୍ବପର୍ବାଣିମାନଙ୍କ ଭିତରେ ଜନ୍ମାଷ୍ଟମୀ ଅନ୍ୟତମ। ଓଡ଼ିଶାରେ ବୈଷ୍ଣବ ମତବାଦର ବହୁଳ ପ୍ରଭାବ ରହିଥିବାରୁ ଏହି ପର୍ବ ଓଡ଼ିଆ ଜନମାନସରେ ଏକ ସତନ୍ତ୍ର ସ୍ଥାନ ଗ୍ରହଣ କରିଛି। ଲୋକମାନେ ମଧ୍ୟ ଜନ୍ମାଷ୍ଟମୀ ବ୍ରତ ବହି ପାଠ କରିଥାନ୍ତି।


ଜନ୍ମାଷ୍ଟମୀର ପରବର୍ତ୍ତୀ ଦିନ ନନ୍ଦୋତ୍ସବ ପାଳନ କରାଯାଏ। ନନ୍ଦରାଜ ଓ ଯଶୋଦାରାଣୀଙ୍କ ଆନନ୍ଦକୁ ମନେ ପକାଇବାପାଇଁ ଏହି ଦିନ ଲୋକେ ଗାୟନ କୀର୍ତ୍ତନ କରିଥାନ୍ତି ଓ ନିଜର ଉପବାସ ଭାଙ୍ଗି ବଡ଼ି ସକାଳୁ ମିଷ୍ଟାନ୍ନ ଆଦାନ ପ୍ରଦାନ କରିଥାନ୍ତି ଓ ସେବନ କରିଥାନ୍ତି।

● ଭାରତରେ

ଜୟଭାରତ ସେବାସଂଘର ସଦସ୍ୟମାନଙ୍କ ଦେଇ ଗଠିତ ମାନବ ମିନାର ଯାହା ଉପରେ ଲଟକାଯାଇଥିବା ଦହିହାଣ୍ଡିକୁ ଭାଙ୍ଗିବାପାଇଁ ଉଦ୍ୟତ ଉତ୍ତର ପ୍ରଦେଶର ମଥୁରାରେ ଶ୍ରୀକୃଷ୍ଣ ଜନ୍ମଗ୍ରହଣ କରିଥାବାରୁ ଏଠାରେ ଏହି ଉତ୍ସବ ବିଶେଷ ଉଲ୍ଲାସରେ ପାଳିତ ହୋଇଥାଏ। କୃଷ୍ଣଙ୍କର କ୍ରୀଡ଼ାଭୂମୀ ଗୋକୁଳ ଓ ବୃନ୍ଦାବନରେ ଅସଂଖ୍ୟ ଜନଗହଳି ହୋଇଥାଏ ଓ ଏଠାରେ ଏହି ଉତ୍ସବ ପ୍ରାୟ ସାତଦିନବ୍ୟାପି ପାଳିତ ହୋଇଥାଏ। କୁହାଯାଏ। ଗୁଜରାଟର ଦ୍ୱାରକାରେ ଥିବା ଦ୍ୱାରିକାଧିଶ ମନ୍ଦିରରେ ମଧ୍ୟ ଏହି ଉତ୍ସବ ବହୁତ ଆଡ଼ମ୍ବରରେ ପାଳିତ ହୋଇଥାଏ। ଏହାଛଡ଼ା ପଶ୍ଚିମ ବଙ୍ଗରେ ଶ୍ରୀଚୈତନ୍ୟ ଓ ନିତ୍ୟାନନ୍ଦ ମହାପ୍ରଭୁଙ୍କ ଜନ୍ମସ୍ଥାନ ନବଦ୍ୱୀପରେ ମଧ୍ୟ ଜନ୍ମାଷ୍ଟମୀ ହର୍ଷୋଲ୍ଲାସରେ ପାଳିତ ହୋଇଥାଏ। ଲୋକେ ଉପବାସ ରଖି ଶ୍ରୀକୃଷ୍ଣଙ୍କ ଜନ୍ମ ଓ ଲୀଳା ବର୍ଣ୍ଣନାରେ ସମୃଦ୍ଧ ଶ୍ରୀମଦ୍ଭାଗବତର ଦଶମ ସ୍କନ୍ଧ ପଢ଼ିଥାନ୍ତି। ଜାଗୁଠାରେ ଏହିଦିନ ଗୁଡ଼ି ଉଡ଼ାଇବାର ପ୍ରଥା ରହିଛି।

● ମହାରାଷ୍ଟ୍ର

ଜନ୍ମାଷ୍ଟମୀକୁ ମମ୍ବାଇ ଏବଂପୁନାରେ ଲୋକେ ଦହି ହାଣ୍ଡି ନାମରେ ବେଶୀ ଜାଣିଥାନ୍ତି। ଗୋଟିଏ ମାଟିହାଣ୍ଡିରେ ଘୋଳଦହି ପୁରାଇ ଏକ ନିର୍ଦ୍ଦିଷ୍ଟ ଉଚ୍ଚତାରେ ଏହାକୁ ଓହଳାଇ ଦିଆଯାଇଥାଏ। ଏହାପରେ ଲୋକମାନେ ସମୂହ ତିଆରି କରି ଜଣକ ଉପରେ ଜଣେ ଠିଆହୋଇ ଏକ ମିନାର ଗଠନ କରନ୍ତି ଓ ଉପରେ ଥିବା ଲୋକଟି ଏକ ଶକ୍ତ ଜିନିଷରେ ବାଡ଼େଇ ସେହି ହାଣ୍ଡିକୁ ଭାଙ୍ଗିଥାଏ। ଏଥିପାଇଁ ଅନେକ ନଡ଼ିଆ ବ୍ୟବହାର କରିବାକୁ ପସନ୍ଦ କରିଥାନ୍ତି, କାରଣ ନଡ଼ିଆକୁ ହିନ୍ଦୁ ଧର୍ମରେ ଶୁଭ ବୋଲି ଧରାଯାଏ। ହାଣ୍ଡି ଭାଙ୍ଗିଗଲାପରେ ସେଥିରେଥିବା ଦହି ସମସ୍ତଙ୍କ ଉପରେ ବହିଯାଏ। ଏହାକୁ ସାମୂହିକ ପ୍ରଚେଷ୍ଟା ବା ଏକତାର ସଫଳତା ବୋଲି ପ୍ରତୀକାତ୍ମକ ରୂପେ ବିବେଚନା କରାଯାଏ। ସହରର ବିଭିନ୍ନ ସ୍ଥାନରେ ହାଣ୍ଡିର ଆୟୋଜନ ବିଭିନ୍ନ ଗୋଷ୍ଠୀର ଲୋକମାନେ କରିଥାନ୍ତି ଓ ନବଯୁବକମାନେ ଏଥିରେ ଭାଗନେଇଥାନ୍ତି। ଏମାନଙ୍କୁ ଗୋବିନ୍ଦ ପାଠକକୁହାଯାଏ। ଏହି ଗୋବିନ୍ଦପାଠକମାନେ ସହର ସାରା ବୁଲି ବୁଲି ଅଧିକରୁ ଅଧିକ ହାଣ୍ଡିଭାଙ୍ଗିବାକୁ ଚେଷ୍ଟା କରିଥାନ୍ତି। ଏମାନେ ପରସ୍ପରସହିତ ପ୍ରତିଦ୍ୱନ୍ଦୀତା କରିଥାନ୍ତି। କାରଣ ହାଣ୍ଡିଭାଙ୍ଗିଲେ ସେମାନଙ୍କୁ ଲକ୍ଷ ଲକ୍ଷ ଟଙ୍କାର ପୁରସ୍କାର ମିଳିଥାଏ। କେତେକ ସ୍ଥାନରେ ଏହା ରାଜନୈତିକ ଅଭିସନ୍ଧିଯୁକ୍ତ ହୋଇଥାଏ। ମୁମ୍ବାଇର ଦରବାର, ଲୋୟର ପାରେଲ, ଓର୍ଲି, ମଜଗାଓଁ, ଲାଲବାଗ୍, ଥାଣେ ଓ ପୁଣେରେ ବାବୁ ଗେନୁ, ମଣ୍ଡାଇରେ ଆୟୋଜିତ ହାଣ୍ଡି ପ୍



ଶୁକ୍ରବାର ୪।୯।୨୦୨୬
ଅକ୍ଷର
AKHYARA ODISHA | ଓଡ଼ିଶା

ରିଆମାଳ ପଞ୍ଚାୟତ ସମିତିର ଏକାଦଶ ଅଧିବେଶନ ଅନୁଷ୍ଠିତ



ରିଆମାଳ, ୩।୯(ଅକ୍ଷର ଓଡ଼ିଶା): ଦେବଗଡ଼ ଜିଲ୍ଲା ରିଆମାଳ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଆଜି ପଞ୍ଚାୟତ ସମିତିର ଏକାଦଶ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ବ୍ଲକ ଅଧୀନ ସମସ୍ତ ପଞ୍ଚାୟତର ଜନପ୍ରତିନିଧି, ସମିତି ସଭ୍ୟ-ସଭ୍ୟା ଓ ସରପଞ୍ଚମାନେ ଯୋଗଦେଇଥିଲେ। ବୈଠକରେ ବ୍ଲକର ବିଭିନ୍ନ ପଞ୍ଚାୟତର ସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟ ଓ ଜନସାଧାରଣଙ୍କ ସମସ୍ୟାର ସମାଧାନ ନେଇ ଆଲୋଚନା କରାଯାଇଥିବା ଜଣାପଡ଼ିଛି। ଏଥିସହ ବିଭିନ୍ନ ବିଭାଗର ଚାଲିଥିବା ଯୋଜନା ଓ କାର୍ଯ୍ୟର ସମୀକ୍ଷା କରାଯାଇଥିଲା। ଜନପ୍ରତିନିଧିମାନେ ନିଜ ନିଜ ଅଞ୍ଚଳର ସମସ୍ୟା ଉପସ୍ଥାପନ କରିବା ସହ ଏହାର ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି କରିଥିଲେ।

ବାରମ୍ବାର ଅଭିଯୋଗ ପରେ ବି ସୁଧୁରୁନି ରାସ୍ତା ଅବସ୍ଥା



ଆଠଗଡ଼,୩।୯(ଅକ୍ଷର ଓଡ଼ିଶା): ବାରମ୍ବାର ଅଭିଯୋଗ ଓ ଦାବି ସତ୍ତ୍ୱେ ସୁଧୁରୁନାହିଁ ରାସ୍ତାର ଅବସ୍ଥା। ପଞ୍ଚମୁଖୀ ଛକରୁ ଅନୁଗୁଳ ଓ କାକୁଡ଼ିଆ ଯାଉଥିବା ରାସ୍ତା ସହ ଅନନ୍ତ ନାରାୟଣ ଉଚ୍ଚ ବିଦ୍ୟାଳୟରୁ ବାଣେଶ୍ୱରନାଶି ଯାଉଥିବା ରାସ୍ତା ଦୀର୍ଘଦିନ ଧରି ଶୋଚନୀୟ ଅବସ୍ଥାରେ ପଡ଼ିରହିଛି। ରାସ୍ତାରେ ସୃଷ୍ଟି ହୋଇଥିବା ଖାଲଖମା ଓ ଅସମତଳ ପରିସ୍ଥିତି ଯୋଗୁଁ ଯାତାୟାତରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷକରି ଦୁଇଚକିଆ ଯାନ ଚାଳକମାନେ ଅଧିକ ବିପଦରେ ପଡୁଛନ୍ତି। ରାସ୍ତାର ଦୁରବସ୍ଥା ଯୋଗୁଁ ଛୋଟବଡ଼ ଦୁର୍ଘଟଣା ଘଟୁଥିବା ଅଭିଯୋଗ ହେଉଛି। ଏହାସହ ରାସ୍ତାରେ ଯାତାୟାତ କରୁଥିବା ସ୍କୁଲ ଛାତ୍ରଛାତ୍ରୀ, ବୃଦ୍ଧ ଓ ସାଧାରଣ ଲୋକେ ମଧ୍ୟ ଭୟ ଓ ଆଶଙ୍କା ମଧ୍ୟରେ ଯାତାୟାତ କରୁଛନ୍ତି। ରାସ୍ତା ମରାମତି ପାଇଁ ସ୍ଥାନୀୟ ଲୋକେ ବାରମ୍ବାର ସମ୍ପୃକ୍ତ ବିଭାଗ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ସ୍ଥାୟୀ ସମାଧାନ ହୋଇନଥିବାରୁ ଜନଅସନ୍ତୋଷ ବଢ଼ିବାରେ ଲାଗିଛି। ଲୋକଙ୍କ ଦୈନନ୍ଦିନ ଯାତାୟାତ ଓ ସୁରକ୍ଷା ସହ ଜଡ଼ିତ ଏହି ରାସ୍ତାଗୁଡ଼ିକର ତୁରନ୍ତ ମରାମତି କରିବାକୁ ଅଞ୍ଚଳବାସୀ ଦାବୀ କରିଛନ୍ତି। ଏବେ ପ୍ରଶ୍ନ କାହିଁକି ରାସ୍ତାର ଅବସ୍ଥା ସୁଧୁରୁନାହିଁ। କେବେ ହେବ ସ୍ଥାୟୀ ମରାମତି ? ଏବଂ କେବେ ଭାଙ୍ଗିବ ପୂର୍ତ୍ତ ବିଭାଗର ନିଦ ? ଏନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଦିନକୁ ଦିନ ଅସନ୍ତୋଷ ବଢ଼ିବାରେ ଲାଗିଛି।

ରାଜ୍ୟସ୍ତରୀୟ ସମ୍ମାନଲାଗି ମନୋନୀତ ହିଞ୍ଜିଳିକାଟୁର ସାହାପୁର ପଞ୍ଚାୟତ

ହିଞ୍ଜିଳିକାଟୁ,୩।୯(ଅବନି କାନ୍ତ ପଟ୍ଟନାୟକ): ଚଳିତ ମାସ ୫ ତାରିଖ (ଗୁରୁଦିବସ)ରେ ରାଜ୍ୟ ସରକାରଙ୍କ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ଲୋକସେବା ଭବନ କନଭେନସନ ସେଣ୍ଟରଠାରେ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ ଉତ୍ସବ ପାଳିତ ହେବାକୁ ଯାଉଛି। ଏହି ରାଜ୍ୟସ୍ତରୀୟ ପୁରସ୍କାର ସମାରୋହରେ ଗଞ୍ଜାମ ଜିଲ୍ଲା ହିଞ୍ଜିଳିକାଟୁ ବ୍ଲକରୁ ବିଭିନ୍ନ ଶ୍ରେଷ୍ଠତା ହାସଲ କରିଥିବା ବିଜେତା ମାନଙ୍କୁ ସମ୍ମାନିତ କରାଯିବ। ଏହି ପରିପ୍ରେକ୍ଷୀରେ ହିଞ୍ଜିଳିକାଟୁ ବ୍ଲକ୍ ଅନ୍ତର୍ଗତ ସାହାପୁର ଗ୍ରାମ ପଞ୍ଚାୟତ ୨୦୨୫ ପାଇଁ ରାଜ୍ୟସ୍ତରୀୟ ସମ୍ମାନ ପାଇଁ ମନୋନୀତ ହୋଇଛି।ପି ଏମ ଶ୍ରୀ ସରକାରୀ ବୃନ୍ଦାବନ ଉଚ୍ଚ ବିଦ୍ୟାଳୟ ଆଲୁମିନି କମିଟି (ପୁରାତନ ଛାତ୍ର ସଂସଦ)୨୦୨୪ ପାଇଁ ପୁରସ୍କାର ପାଇବାକୁ ଯୋଗ୍ୟ ହୋଇଥିବା ବେଳେ ସାଧାରଣ ବିଜ୍ଞାନ ବିଭାଗର ୨୦୨୫ ପାଇଁ ପି ଏମ ଶ୍ରୀ ସରକାରୀ ବୃନ୍ଦାବନ ସରକାରୀ ଉଚ୍ଚ ବିଦ୍ୟାଳୟ ଶିକ୍ଷୟତ୍ରୀ ସୁଜାତା ପ୍ରଧାନଙ୍କୁ ଶ୍ରେଷ୍ଠ ଶିକ୍ଷୟତ୍ରୀ ଭାବେ ପୁରସ୍କୃତ କରାଯିବ। ହିଞ୍ଜିଳିକାଟୁ ବ୍ଲକର ଏଭଳି ରାଜ୍ୟସ୍ତରୀୟ ସଫଳତା ପାଇଁ ସ୍ଥାନୀୟ ଅଞ୍ଚଳରେ ଖୁସିର ଲହରୀ ଖେଳିଯାଇଛି।

ଖଣ୍ଡପଡ଼ା ପୁଲିସ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ



ଖଣ୍ଡପଡ଼ା ୩।୯ (ଅକ୍ଷର ଓଡ଼ିଶା) ଖଣ୍ଡପଡ଼ା ପୁଲିସ ପକ୍ଷରୁ ନିଶା ନିବାରଣ ନେଇ ୨ ଟି ଶିକ୍ଷାନୁଷ୍ଠାନରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଖଣ୍ଡପଡ଼ା ବ୍ଲକ ଅଧୀନ ରୟତ ଢୋଲମରା ଗ୍ରାମର ବାପୁଜୀ ବିଦ୍ୟାପୀଠ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଷ୍ଠାନର ପ୍ରଧାନ ଶିକ୍ଷକ ସୁବାସ ଚନ୍ଦ୍ର ନାଏକ ପୌରହିତ୍ୟ କରିଥିଲେ।ଖଣ୍ଡପଡା ଥାନାଧିକାରୀ କୃତିବାସ ହରିଚନ୍ଦନ କାର୍ଯ୍ୟକ୍ରମରେ ଯୋଗଦେଇ ଏକ ନିଶାମୁକ୍ତ ଓ ସୁସ୍ଥ ସମାଜ ଗଠନରେ ଛାତ୍ର ଛାତ୍ରୀମାନଙ୍କର କିଭଳି ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି ସେ ସଂପର୍କରେ ଆଲୋକପାତ କରିବା ସହ ଛାତ୍ରଛାତ୍ରୀମାନେ ଭଲ ପାଠ ପଢି ସମାଜର ପଥ ପ୍ରଦର୍ଶକ ହେବାକୁ ପରାମର୍ଶ ଦେଇଥିଲେ।ସହକାରୀ ଶିକ୍ଷକ କୈଳାସ ଚନ୍ଦ୍ର କରଣ, ବିଦ୍ୟାପୀଠ ପରିଚାଳନା କମିଟିର ସଭାପତି ପ୍ରାଣକୃଷ୍ଣ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।କୋସକା ଫାଣ୍ଡି ଅଧିକାରୀ ଜୟଦେବ ରଣା କାର୍ଯ୍ୟକ୍ରମରେ ସଂଯୋଜନା କରିଥିଲେ।ଅନୁଷ୍ଠାନର ସମସ୍ତ ଛାତ୍ରଛାତ୍ରୀ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।ସେହିପରି ଖଣ୍ଡପଡ଼ା ପିଏମଶ୍ରୀ ରାମଚନ୍ଦ୍ର ଉଚ୍ଚ ବିଦ୍ୟାଳୟରେ ପୁଲିସ ପ୍ରଶାସନ ପକ୍ଷରୁ ନିଶା ନିବାରଣ ନେଇ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।

ଛାତ୍ରଛାତ୍ରୀମାନଙ୍କୁ ନେଇ ମଡେଲ ୟୁଥ୍ ଗ୍ରାମସଭା ଅନୁଷ୍ଠିତ

କୁଚିଣ୍ଡା,୩।୯ (ଚତୁର୍ଭୁଜ ଜୟପୁରିଆ): ଆଜିର ଛାତ୍ରଛାତ୍ରୀଙ୍କୁ ଆସନ୍ତାକାଲିର ଦାୟିତ୍ୱବାନ ନାଗରିକ ଓ ଦକ୍ଷ ନେତା ଭାବେ ଗଢ଼ିତୋଳିବା ଉଦ୍ଦେଶ୍ୟରେ ଏକଲବ୍ୟ ମଡେଲ ଆବାସିକ ବିଦ୍ୟାଳୟ (EMRS) ପକ୍ଷରୁ କୁଚିଣ୍ଡା କଲେଜ ଅଡିଟୋରିୟମରେ ଏକ 'ମଡେଲ ୟୁଥ ଗ୍ରାମସଭା' କାର୍ଯ୍ୟକ୍ରମ ସଫଳତାର ସହ ଅନୁଷ୍ଠିତ ହୋଇଯାଇଛି। ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟର ଅଧକ୍ଷ ଡ଼ଃ ଜ୍ୟୋସ୍ନାପ୍ରିୟା ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା, ଗଣତାନ୍ତ୍ରିକ ପ୍ରକ୍ରିୟା, ସ୍ଥାନୀୟ ଶାସନ ବ୍ୟବସ୍ଥା ଏବଂ ନିଷ୍ପତ୍ତି ଗ୍ରହଣ ପ୍ରଣାଳୀ ସମ୍ପର୍କରେ ଛାତ୍ରଛାତ୍ରୀମାନଙ୍କୁ ପ୍ରତ୍ୟକ୍ଷ ଅନୁଭୂତି ପ୍ରଦାନ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା। ଏହି ସମାରୋହରେ କୁଚିଣ୍ଡା କଲେଜର ଅଧକ୍ଷ ପ୍ରମୋଦ ସାଇଁ ମୁଖ୍ୟ ଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନିତ ଅତିଥି ଭାବରେ ଇଂରାଜୀ ବିଭାଗର ଅଧ୍ୟାପକ କାହ୍ନୁ ଚରଣ ମୁନ୍ନା ଏବଂ ବିଶିଷ୍ଟ ଶିକ୍ଷାବିତ୍ ଓରାମ ସାର୍ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କୁ ନେତୃତ୍ୱ ନେବାର ଗୁଣାବଳୀ ଓ ନାଗରିକ ଦାୟିତ୍ୱ ସମ୍ପର୍କରେ ଉତ୍ସାହିତ କରିଥିଲେ। ଛାତ୍ରଛାତ୍ରୀମାନେ ଏକ ବାସ୍ତବ ଗ୍ରାମସଭାର ରୂପରେଖ ସୃଷ୍ଟି କରି ଗ୍ରାମ୍ୟ ଉନ୍ନୟନ, ଶିକ୍ଷା, ପରିମଳ ଓ ସାମାଜିକ ସମସ୍ୟାର ସମାଧାନ ଉପରେ ଯୁକ୍ତିପୂର୍ଣ୍ଣ ଆଲୋଚନା କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ଉପସ୍ଥିତ ରହି ଛାତ୍ରଛାତ୍ରୀମାନଙ୍କ ପ୍ରୟାସକୁ ଉତ୍ସାହିତ କରିଥିଲେ। କାର୍ଯ୍ୟକ୍ରମକୁ ଶିକ୍ଷୟିତ୍ରୀ ରାଧା ପାଣ୍ଡେ ପରିଚାଳନା କରିଥିବାବେଳେ, ବିଦ୍ୟାଳୟ ର ଅଧକ୍ଷା ଜ୍ୟୋସ୍ନାପ୍ରିୟା ବେହେରା ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ଏଥିରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସହିତ ଶିକ୍ଷକ ଶିକ୍ଷୟିତ୍ରୀ ଚିଙ୍କୁ ସାହୁ, ସଞ୍ଜିବ ସାହୁ, ମୁକେଶ ବେହେରା, ଅଭିଷେକ ଶର୍ମା, ସାତୀ ବର୍ମା, କାନ୍ତା ରାଣୀ, ଉଜ୍ଜ୍ୱଳ ମିଶ୍ର, ରବିନ୍ଦ୍ର ଦାଶ, ମୋନିକା, ରୁଦ୍ର ସେଠୀ ପ୍ରମୁଖ ସାମିଲ ହୋଇଥିଲେ।

କାଠ ବୋଝାଇ ଟ୍ରାକଟର ବନବିଭାଗ ଦ୍ୱରା ଜବତ

ନିମାପଡ଼ା, ୩।୯ (ଅକ୍ଷର ଓଡ଼ିଶା): ବିଜୟ ବେହେରା ନିମାପଡା ବ୍ଲକ ଅନ୍ତର୍ଗତ ତୁଳସୀପୁର ସଭାମଣ୍ଡପ ନିକଟରେ ଏକ କାଠ ବୋଝାଇ ଆସୁଥିବା ଗାଡ଼ିକୁ ଅନ୍ତରଙ୍ଗ ବନ ପ୍ରାଣୀ ବନା ଅଞ୍ଚଳ ଦ୍ୱାରା ଜବତ କରାଯାଇଛି ଉକ୍ତ ଗାଡିଟିରେ ଗମ୍ଭାରୀ ପଣସ କାଠ ଯାଉଥିବା ବେଳେ କୋଣସି ବୈଧ ଟିଟି ପରିମିଟି ନ ଥିବାରୁ ବନ ବିଭାଗ ଦ୍ୱରା ଗାଡି ଟିକୁ ରେଞ୍ଜର ଅନ୍ତରଙ୍ଗ ନିଦର୍ଶ କ୍ରମେ ବନ ପାଳ କୈଳାସ ନାୟକ ବନ ରକ୍ଷି ନିର୍ମଳ ପାତ୍ର ବନ ଲତା ସାହୁ ଓ ସୁବାଷ ଗଡ଼ ନାୟକ ଜବତ କରି ଗାଡି ଚାଳକ କୁ କୋର୍ଟ ଚାଲାଣ କରାଯାଇଛି।

'ହେ କୃଷ୍ଣ'

ଡ. ମାହେଶ୍ୱରୀ ପ୍ରସାଦ
ପାଣିଗ୍ରାହୀ, ସମ୍ବଲପୁର

ହେ ଶ୍ରୀକୃଷ୍ଣ
ଆମକୁ ସେ ପଥ ଦେଖାଅ
ଯେଉଁ ପଥ ଦେଖାଇ ଥିଲ
ତୁମ ସଖା ଅର୍ଜୁନଙ୍କୁ
ମହାଭାରତ ଯୁଦ୍ଧ ସମୟରେ ।
ହେ ପ୍ରଭୁ ତୁମେ ପରା ନେଇଯାଅ
ମଣିଷକୁ ଅନ୍ଧାରରୁ
ଆଲୋକ ଆଡକୁ,
ତୁମେ ଆମକୁ ସେ ଆଲୋକିତ ପଥ
ଦେଖାଇଦିଅ ହେ ଶ୍ରୀକୃଷ୍ଣ ।
କଥା ଦେଉଛୁଁ
ଆପଣ ଦେଖାଇଥିବା ପଥ
ନିଶ୍ଚୟ ଅନୁସରଣ କରିବୁ ।



ଏତିକି ବିନତୀ ହରେ ମୁରାରୀ

ଆଜି ପରା ତୁମ ପୁଣ୍ୟ ଜନ୍ମାଷ୍ଟମୀ
ଆସ ପ୍ରଭୁ ବନମାଳୀ
ସୁଖ ଦୁଃଖ ଭରା ଜୀବନ ଯାତ୍ରାରେ
ଦିଅ ଶୁଭାଶିଷ ଢାଳି
ଶ୍ରଦ୍ଧା ଜାଗୁ ଜନମନେ
ସତ୍ୟ ନ୍ୟାୟ ନୀତି ସେନେହ ପୀରତି
ଭରିଯାଉ ହୃଦ କୋଣେ ।
ମାତା ଦେବକୀଂକ ଗର୍ଭରୁ ଜନ୍ମିଲ
ବଢିଲ ଯଶୋଦା କୋଳେ
ପୁତନା ସହିତ କେଶୀ ବକା ଅଘା
ନାଶିଲ ବାଲ୍ୟତ କାଳେ
ଦେଖି ତୁମ ରୂପ ବେଶ
ମଂଚରୁ ଖସିଲା ଦୁରାଚାରୀ କଂସ
ତା'ଜୀବନ ହେଲା ଶେଷ ।
ଗୋପପୁରେ ତୁମ ଶୈଶବ କାହାଣୀ
ପଢି ଖୁସୀ ହୁଏ ମନ
ଗିରି ଗୋବର୍ଦ୍ଧନ ହାତରେ ଧରିଲ
ବଂଚାଇଲ କୋଟି ପ୍ରାଣ
ଧନ୍ୟ ତୁମ କାହ୍ନା ବେଶ
ଦିବ୍ୟ ସରୂପରେ ସଙ୍ଗିକୁ ମୋହିଲ
ଗୋପୀଂକୁ କରିଲ ବଶ ।
ଆସ ବନମାଳୀ ଶୁଣ ମୋର ଅଳି
ଦିଅ ସର୍ବେ ଦିବ୍ୟ ଜ୍ଞାନ
ସତ୍ୟ ନ୍ୟାୟ ନୀତି ଆଦରନ୍ତୁ ଜନେ
ମନେଉ ହେଉ ସର୍ଗଧାମ
ଆସ ପ୍ରଭୁ ଅବତରି
ତୁମ ଆଗମନେ ରାଗ ହିଂସା ଦ୍ୱେଷ
ଧୀରେ ଯାଉ ଅପସରି ।
ତୁମେ ଲୀଳାମୟ ବ୍ରହ୍ମାଣ୍ଡ କରତା
ଆହେ ପ୍ରଭୁ ଦୀନବନ୍ଧୁ
ଏକିକି ବିନତୀ ହେ ହରେ ମୁରାରୀ
ଦୁଃଖ ଶୁଣ କୃପାସିନ୍ଧୁ
ତୁମେ ଆଦି ତୁମେ ଅନ୍ତ
ତୁମ ଜନ୍ମଦିନେ ଏତିକି ଗୁହାରି
ଦୂରାଅ ଭବୁ ଆପଦ ।

ରାମଚନ୍ଦ୍ର ବେହେରା
ତେନ୍ତୁଳିପଦା, ଜଗତସିଂହପୁର
୭୩୫୫୬୩୪୩୪୬

ଜନ୍ମାଷ୍ଟମୀ

ଭାଦ୍ରବ କୃଷ୍ଣ ଅଷ୍ଟମୀ ହେଲେ
ହରି ଜନମ ପଡ଼େ
କୃଷ୍ଣପ୍ରେମରେ ଭକ୍ତିଭାବରେ
ଏହି ମନଟା ଜଡ଼େ ।
ଭାଗବତର ଦଶମ ସ୍କନ୍ଧ
ଗୋପଲୀଳାର କଥା
ମନେପକାଇ ଦିଏ ସଭିଙ୍କୁ
ହରି ଜନମ ଯଥା
ଶ୍ରୀକୃଷ୍ଣ ଜନ୍ମ ଅଧ୍ୟାୟ ଗୋଟି
ପଠନେ ମନ ଉଡ଼େ ।
କଂସର ଅତ୍ୟାଚାର ସହିବି
ସହି ହେଲାନି ଆଉ
ପୃଥିବୀ ଗାଭୀ ରୂପେ ପ୍ରାର୍ଥନା
ବାଢିଲା ବେଳ ଥାଉ
ସମସ୍ତ ଦେବଗଣ ଚଳିଲେ
କ୍ଷୀର ସିନ୍ଧୁର କଡ଼େ ।
ଅନନ୍ତଶାୟୀ ନାରାୟଣ ଯେ
ତାଙ୍କୁ ପ୍ରସନ୍ନ ହେଲେ
ଧରାର ଦୁଃଖ ନିବାରଣର
ପ୍ରତିଶ୍ରୁତି ଯେ ଦେଲେ
ଧରଣୀ ମନ ଖୁସି ହୋଇଲା
ଆନନ୍ଦ ଅଶ୍ରୁ ଗଡ଼େ ।
ଶେଷରେ କଂସ ବନ୍ଦୀଶାଳାରେ
ଶ୍ରୀକୃଷ୍ଣ ଆବିର୍ଭାବ
ଦେବକୀଙ୍କର ଅଷ୍ଟମ ଗର୍ଭେ
ହୋଇଲେ ଜନ୍ମଲାଭ
ସେଦିନ ରାତି ଅଶାନ୍ତ ଥିଲା
ମେଘ ବରଷା ଝଡ଼େ ।


ନିରଞ୍ଜନ ସାହୁ
ନିହଲ ପ୍ରସାଦ, ଗଁଦିଆ ପାଟଣା
ଢେଙ୍କାନାଳ

ସତ୍ୟ ଓ ଧର୍ମର ଜୟ ହେଉ

ଶ୍ରୀମଦ୍ ଭାଗବତ ଗୀତା ଚତୁର୍ଥ ଅଧ୍ୟାୟର ଶ୍ଲୋକ ନଂ ୭-୮ରେ ଲେଖାଅଛି, ଯଦା ଯଦା ହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତଃ, ଅଭ୍ୟୁତ୍ଥାନମ୍ ଅଧର୍ମସ୍ୟ ତଦାତ୍ମାନମ୍ ସୃଜାମ୍ୟହମ୍, ପରିତ୍ରାଣାୟଃ ସାଧୁନାଂ ବିନାଶାୟଃ ଚ ଦୁଷ୍କୃତାଂ ଧର୍ମ ସଂସ୍ଥାପନାର୍ଥାୟଃ ସମ୍ଭବାମି ଯୁଗେ ଯୁଗେ। ଅର୍ଥାତ୍ ଯେତେ ବେଳେ ଧର୍ମର କ୍ଷୟ ଓ ଅଧର୍ମର ବୃଦ୍ଧି ହୁଏ ସେତେ ବେଳେ ଧର୍ମର ପ୍ରତିଷ୍ଠା ପାଇଁ ମୋର ଆବିର୍ଭାବ ହୁଏ।

ପବିତ୍ର କୋରାନ କୁହେ ପ୍ରତ୍ୟେକ ଯୁଗରେ ଓ ପ୍ରତ୍ୟେକ ଜାତି ଏବଂ ପ୍ରତ୍ୟେକ ଗୋଷ୍ଠୀରେ ନବୀ, ରସୁଲ ବା ଅବତାରମାନେ ସଚେତକ ବା ପଥପ୍ରଦର୍ଶକ ଭାବେ ଆବିର୍ଭାବ ହୋଇଥାନ୍ତି । ଇସଲାମ କୁହେ କୌଣସି ଅବତାରଙ୍କ ମଧ୍ୟରେ ପାର୍ଥକ୍ୟ ନକରି ସେମାନଙ୍କୁ ସମ୍ମାନ ପ୍ରକଟ କରିବା ଉଚିତ୍ । ସତ୍ୟ ଯୁଗରେ ନୃସିଂହ ଅବତାର ଆସିଥିଲେ । ପାପି ହିରଣ୍ୟକଷପକୁ ବଧ କରି ଅବତାରତ୍ୱର ସମ୍ମାନ ଓ ମର୍ଯ୍ୟାଦା ସ୍ଥାପିତ କରିଥିଲେ । ତ୍ରେତୟା ଯୁଗରେ ରାମଚନ୍ଦ୍ର ଅବତାରତ୍ୱର ବେଷରେ ଆସିଥିଲେ। ପାପି ରାବଣର ସୁନାର ଲଙ୍କାକୁ ଧ୍ୱଂସକରି ରାବଣକୁ ନିପାତ କଲେ । ଏବଂ ଅଧର୍ମକୁ ବିନାଶ କରି ଧର୍ମକୁ ପ୍ରତିଷ୍ଠା କଲେ । ସେହିଭଳି ଦ୍ୱାପର ଯୁଗରେ ଶ୍ରୀକୃଷ୍ଣ ଅବତାର ରୂପରେ ଆସି ପାପି କଂସର ଅନ୍ୟାୟ ଓ ଅତ୍ୟାଚାରକୁ ଦମନ କରି ''ବିନାଶୟଃ ଚ ଦୁଷ୍କୃତାମ୍''ର ନିଦର୍ଶନ ଦେଖାଇଲେ । ନବୀଶ୍ରେଷ୍ଠ ପୈଗମ୍ବର ହଜରତ ମୁହମ୍ମଦ ସଲ୍ଲମ କୁହନ୍ତି ଭାରତ ବର୍ଷରେ କହ୍ନେଆ ନାମକ ଜଣେ ଅବତାର ଆସିଛନ୍ତି, ଯାହାଙ୍କ ରଙ୍ଗ ଶ୍ୟାମଳ ।

ପବିତ୍ର ଜନ୍ମାଷ୍ଟମୀ ଦିବସ ଶ୍ରୀକୃଷ୍ଣଙ୍କ ଜନ୍ମ ଦିନ । ଜନ୍ମ ଦିନର ସ୍ମୃତିରକ୍ଷା ଉତ୍ସବ ପାଳନ ସରୂପ ପୂଜାର୍ଚନା ଓ ପିଠାପଣା ଆଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ । କିନ୍ତୁ ଏହି ବାହ୍ୟ ଉପଚାର ସହିତ ମନରେ ପ୍ରକୃତ କୃଷ୍ଣ ପ୍ରେମ ଜାଗ୍ରତ କରିବା ତଥା ତାଙ୍କର ଆଧ୍ୟାତ୍ମିକ ଜୀବନ ଚରିତ ଏବଂ ସାଙ୍କେତିକ ଭାଷାକୁ ବୁଝିବା ଆବଶ୍ୟକ । ଶ୍ରୀକୃଷ୍ଣ ଥିଲେ ଗୋପ ଓ ଗୋପୀମାନଙ୍କ ପାଳକ । ଯାହାଙ୍କୁ ଅନ୍ୟ ଅର୍ଥରେ ଗୋପାଳ କୁହାଯାଏ । ଶ୍ରୀକୃଷ୍ଣ ବିଷୟରେ କୁହାଯାଏ କି ସେ ଗୋପୀମାନଙ୍କର ବସ୍ତ୍ର ହରଣ କରି ତାଙ୍କ ସହ ଜଳକେଳୀ କରୁଥିଲେ । ଅର୍ଥାତ୍ ସେ ତାଙ୍କ ମାନ୍ୟକାରୀ ମାନଙ୍କ ଠାରୁ ସେମାନଙ୍କ ଧର୍ମ ଭୀରୁତାର ଜୀର୍ଣ୍ଣନ ଓ ମଳିନ ପୋଷାକକୁ ହଟାଇ ଐଶ୍ୱରୀୟ ବାଣୀ ଦ୍ୱାରା ଧର୍ମପିପାସୁଙ୍କ ତୃଷା ନିବାରଣ କରୁଥିଲେ । କୁହାଯାଏ ଶ୍ରୀକୃଷ୍ଣ ବଂଶୀ ବଜାଇ ଗୋପୀମାନଙ୍କୁ ନିଜର କରିନେଉଥିଲେ । ଜାଣିବା ଉଚିତ୍ ଯେ ବଂଶୀର ନିଜସ କୌଣସି ଧ୍ୱନୀ ନାହିଁ । ଯେକେହି ତାକୁ ବଜାଇଥାଏ ତାର ଧ୍ୱନୀ ବଂଶୀ ଦ୍ୱାରା ଧ୍ୱନିତ ହୋଇଥାଏ । ଅର୍ଥାତ୍ କୃଷ୍ଣ ଥିଲେ ପରମେଶ୍ୱରଙ୍କ ହସ୍ତର ଦିବ୍ୟବଂଶୀ । ଐଶ୍ୱରୀକ ବାଣୀ ତାଙ୍କ ମାଧ୍ୟମରେ ଧ୍ୱନିତ ହେଉଥିଲା । ସେ ଈଶ୍ୱରଙ୍କ ବାଣୀକୁ ଗୋପୀମାନଙ୍କୁ ଶୁଣାଉ ଥିଲେ । ସେହି ଈଶ୍ୱର ପ୍ରେମୀମାନେ ଐଶୀବାଣୀ ଧ୍ୱନୀରେ ପାଗଳ ହୋଇ ଘର, ଦ୍ୱାର, କୁଳ ଓ ମାନ ମର୍ଯ୍ୟାଦାକୁ ତେଜି ତାଙ୍କରି ଆଡ଼କୁ ଧାଇଁ ଆସୁଥିଲେ । ଶ୍ରୀକୃଷ୍ଣଙ୍କ ସହ ରାଧା ନାମ ବେଶ ପରିଚିତ । ଯିଏ ଧ୍ୟାନ କରେ ନିଜ ଆରାଧ ଦେବତାଙ୍କୁ, ସେ ହେଉଛନ୍ତି ରାଧା । ଏହି ଶବ୍ଦଟି ଆରାଧନା ଶବ୍ଦରୁ ଉଦ୍ଭୁତ । କୃଷ୍ଣ ନାମ ଜପ କରିବା ଓ ଧ୍ୟାନରତ ହେବାରେ ଉପାସନାକାରୀର ଜୀବନ ଉଦ୍ଭାସିତ ହୋଇଥାଏ । ଗୀତାରେ ଶ୍ରୀକୃଷ୍ଣ କହିଛନ୍ତି, ''ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ । ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିସ୍ୟାମି ମା ଶୁଚଃ । '' ଅର୍ଥାତ୍ ହେ ଅର୍ଜୁନ ! ତୁମେ ସବୁ ମନ ଗଢା ଧର୍ମ ତ୍ୟାଗ କରି ମୋର ଶରଣ ନିଅ । ମୁଁ ତୁମକୁ ସବୁ ପାପରୁ ମୁକ୍ତି ଦେବି । ଶୋଚନା କରନାହିଁ । ଏହି ଦେହଧାରୀ ମାନବାବତାର ହିଁ ସକଳ ଚିନ୍ତନ ଓ ଶକ୍ତିର ମୂଳଉତ୍ସ । ସେମାନେ ଈଶ୍ୱରଙ୍କୁ ପାଇବାର ମୂଳ ଆଧାର ହୋଇ ଆସିଥାନ୍ତି। ଏଯୁଗର ପଥପ୍ରଦର୍ଶକ ତଥା ଅହମଦୀୟା ମୁସଲିମ ସମ୍ପ୍ରଦାୟର ପ୍ରତିଷ୍ଠାତା ହଜରତ ମିର୍ଜା ଗୁଲାମ ଅହମଦ କୁହନ୍ତି, ସର୍ବଶକ୍ତିମାନ ଅଃଃ ମୋତେ ଶ୍



ଶୁକ୍ରବାର ୦୪।୦୯।୨୦୨୬
ଅକ୍ଷର
AKHYARA ODISHA | ଓଡ଼ିଶା

ସୀମାନ୍ତ ତୁରୁଡିହୀରେ ଫୁଟବଲ୍ ମହାକୁମ୍ଭ

କଳିଙ୍ଗ ଫୁଟବଲ୍ ଟୁର୍ଣ୍ଣାମେଣ୍ଟରେ ମୁହାଁମୁହିଁ ୮ ଦଳ, ଦୁଇ ଦିନ ଧରି ଜମିବ ଖେଳର ରୋମାଞ୍ଚ

ରାଇଘର, ୦୩/୦୯ (ଭୁବନେଶ୍ୱର ସୁନାନୀ) ନବରଙ୍ଗପୁର ଜିଲ୍ଲାର ଉପାନ୍ତ ଅଞ୍ଚଳ ତୁରୁଡିହୀ ଆଜି ଫୁଟବଲ୍ ଉତ୍ସବରେ ଉତ୍ସବମୁଖର ହୋଇଉଠିଛି। ଆଜିଠାରୁ ଆରମ୍ଭ ହୋଇଛି ବହୁ ପ୍ରତୀକ୍ଷିତ କଳିଙ୍ଗ ଫୁଟବଲ୍ ଟୁର୍ଣ୍ଣାମେଣ୍ଟ। ଦୁଇ ଦିନ ଧରି ଚାଲିବାକୁ ଥିବା ଏହି ଫୁଟବଲ୍ ମହାସମରରେ ମୋଟ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ରାଞ୍ଚି, କଟକ, କେରଳ, କର୍ଣ୍ଣାଟକ, ଭିଲାଇ, ସମ୍ବଲପୁର, ନେପାଳ, ଓ କଲକତା ର ଦଳ ମଇଦାନକୁ ଓହ୍ଲାଇବାରୁ ତୁରୁଡିହୀର ଫୁଟବଲ୍ ମଇଦାନରେ ଦେଖିବାକୁ ମିଳିବ ଜୋରଦାର ପ୍ରତିଦ୍ୱନ୍ଦ୍ୱିତା। ଗୋଟିଏ ପଟେ ବିଜୟର ଲକ୍ଷ୍ୟ, ଅନ୍ୟପଟେ ଦର୍ଶକଙ୍କ ଉତ୍ସାହ ଦୁଇ ଦିନ ଧରି ଫୁଟବଲ୍ ପ୍ରେମୀଙ୍କ ପାଇଁ ଏହି ମ୍ୟାଚ୍ ହେବ ମୁଖ୍ୟ ଆକର୍ଷଣ। ଏହି ଟୁର୍ଣ୍ଣାମେଣ୍ଟକୁ ସଫଳ କରିବା ପାଇଁ ଫୁଟବଲ୍ କଳିଙ୍ଗ କମିଟିର ସଭାପତି ଗୋପୁ ମଜୁମଦାର, ଉପସଭାପତି ତାପସ ସରକାର, ସମ୍ପାଦକ ଦୀପଙ୍କର ବିଶ୍ୱାସ, ସହସମ୍ପାଦକ ଅସିତ ଦେ, କୋଷାଧକ୍ଷ ବିଶ୍ୱଜିତ ମଜୁମଦାର, ଆଶିଷ ବାରୋଇଙ୍କ ସମେତ ଗ୍ରାମବାସୀମାନେ ସହଯୋଗ କରିଛନ୍ତି।

ଡାକ୍ତରୀ ପାଠ ପଢିବା ପାଇ ସହାୟତାର ହାତ ବଢ଼ାଇଲେ ବିଧାୟକ



ପାରଳାଖେମୁଣ୍ଡି, ୩/୯(ତାରିଣୀ ପ୍ରସାଦ ପଣ୍ଡା): ଚଳିତ ନିଟ ପରୀକ୍ଷାରେ ୨୧ ତମ ରାଙ୍କ ହାସଲ କରିଥିବା ଗଜପତି ଜିଲ୍ଲାର ଗରିବ ଚାଷୀ ପୁଅ କାଂହୁଙ୍କୁ ଡାକ୍ତରୀ ପାଠ ପଢିବା ପାଇଁ ପାରଳା ବିଧାୟକ ରୂପେଶ କୁମାର ପାଣିଗ୍ରାହୀ ସହାୟତାର ହାତ ବଢ଼ାଇଛନ୍ତ। ଗଜପତି ଜିଲ୍ଲା ରାୟଗଡ ବ୍ଲକର ଗରିବୀ ଚାଷୀ କୁଳର ପୁଅ କାଂହୁ ଭୂୟାଁ ଚଳିତ ଏସଟି ବର୍ଗରେ ଓଡ଼ିଶାରେ ନିଟ ପରୀକ୍ଷାରେ ୨୧ ତମ ରାଙ୍କ ହାସଲ କରିଛନ୍ତି। ଆର୍ଥିକ ଅନଟନ ଯୋଗୁଁ ଡାକ୍ତରୀ ଶିକ୍ଷା ଜାରି ରଖିବା ନେଇ ଚିନ୍ତାରେ ଥିବା ଏହି ଚାଷୀ ପରିବାରର ଯୁବକଙ୍କୁ ଡାକ୍ତରୀ ପାଠ ପଢିବା ପାଇଁ ପାରଳାଖେମୁଣ୍ଡି ବିଧାୟକ ସାହାର୍ଯ୍ୟ ପ୍ରଦାନ କରାଯାଇଥିବା ସୂଚନା ମିଳିଛି. ଡାକ୍ତରୀ ଶିକ୍ଷା ପାଇଁ ଆବଶ୍ୟକ ସହାୟତା ଯୋଗାଇ ଯୁବକଙ୍କ ଭବିଷ୍ୟତ ଗଢ଼ିବାରେ ସହଯୋଗ କରିଥିବାରୁ ପରିବାର ପକ୍ଷରୁ ବିଧାୟକଙ୍କୁ କୃତଜ୍ଞତା ଜଣାଯାଇଛି। ସୂଚନା ଅନୁଯାୟୀ, ଅତ୍ୟନ୍ତ ସାଧାରଣ ଚାଷୀ ପରିବାରରୁ ଆସିଥିବା ଏହି ଯୁବକ ନିଜର ପାଠପଢ଼ା ଜାରି ରଖି ଆଗକୁ ବଢ଼ିବାକୁ ଚାହୁଁଥିଲେ। କିନ୍ତୁ ପରିବାରର ଆର୍ଥିକ ସ୍ଥିତି ତାଙ୍କ ଉଚ୍ଚଶିକ୍ଷାରେ ବାଧା ସୃଷ୍ଟି କରୁଥିଲା। ଏ ସମ୍ପର୍କରେ ଜାଣିବା ପରେ ବିଧାୟକ ରୂପେଶ ପାଣିଗ୍ରାହୀ ଯୁବକଙ୍କୁ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ। ବିଧାୟକଙ୍କ ସହଯୋଗରେ ଯୁବକଙ୍କ ଡାକ୍ତରୀ ଶିକ୍ଷା ଜାରି ରଖିବାର ଆଶା ସଞ୍ଚାର ହୋଇଛି। ନିଜର ସପ୍ନ ପୂରଣ କରିବା ସହ ଭବିଷ୍ୟତରେ ଜଣେ ଡାକ୍ତର ହୋଇ ସମାଜର ସବୁ ବର୍ଗର ଲୋକଙ୍କୁ ସେବା ପ୍ରଦାନ କରିବେ ବୋଲି କାଂହୁ ଭୂୟାଁ କହିଛନ୍ତି।

ଅବ୍ୟବସ୍ଥା ଘେରରେ ସରକାରୀ ଆଶ୍ରମ ବିଦ୍ୟାଳୟ

ଅଧିକାଂଶ ଭଙ୍ଗା ଘରେ ବିପଦପୂର୍ଣ୍ଣ ଅବସ୍ଥାରେ ପାଠ ପଢୁଛନ୍ତି ଛାତ୍ରଛାତ୍ରୀ

ଫିରିଙ୍ଗିଆ, ୩/୯ (ଅକ୍ଷର ଓଡ଼ିଆ) : କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଉପାନ୍ତ ଅଞ୍ଚଳ କୁଇରୁ ମାଣ୍ଡୁ ପଞ୍ଚାୟତର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ (ଓଡିଶା ସରକାର) ଦ୍ୱାରା ପରିଚାଳିତ ଅନ୍ତେବାସୀ ବିଦ୍ୟାଳୟ ସରକାରୀ ଆଶ୍ରମ ବିଦ୍ୟାଳୟ ବାଘ ଡଙ୍ଗେରୀ ବର୍ତମାନ ବହୁ ଅବ୍ୟବସ୍ଥା ଦେଇ ଗତି କରୁଛି । ବର୍ତମାନ ବିଦ୍ୟାଳୟ ରେ ଶିଶୁ ବାଟିକା ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୧୬୩ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଥିବା ବେଳେ ଅନ୍ତେବାସୀ ହିସାବରେ ୫୫ ଜଣ ଛାତ୍ରୀ ଓ ଅନ୍ତେବାସୀ ହିସାବରେ ୧୦୨ ଜଣ ବାଳକ ରହି ପାଠ ପଢୁଛନ୍ତି କିନ୍ତୁ ବିଦ୍ୟାଳୟଟି ବହୁ ପୁରାତନ ହୋଇଥିବା ବେଳେ ବିଦ୍ୟାଳୟର ଅବସ୍ଥା ଅତି ସାଙ୍ଘାତିକ ହୋଇ ପଡିଛି । ବିଦ୍ୟାଳୟ ରେ ଏତେ ସଂଖ୍ୟକ ଛାତ୍ର ଛାତ୍ରୀ ରେ ମାତ୍ର ୨ ଜଣ ଶିକ୍ଷକ ରେ ଜଣେ ମେଟ୍ରୋନ ରେ ପିଲାଙ୍କ ଭବିଷ୍ୟତ ଗଢ଼ା ହେଉଛି । ପ୍ରଧାନ ଶିକ୍ଷକ ତାଳ ଭଞ୍ଜ କହିଁର ସମସ୍ତ ଦାୟିତ୍ୱ ନେଉଥିବା ବେଳେ ପିଲାଙ୍କୁ ଜଗିବାରେ ସମୟ ଯାଉଛି ପାଠ ପଢ଼ାଇବା ଦୂରର କଥା କାଗଜ କଲମ ସହ ସମସ୍ତ ଙ୍କ ବିଭିନ୍ନ ଦାୟିତ୍ୱ ବୁଝିବାରେ ସମୟ ଯାଉଛି ଅନ୍ୟ ଜଣେ ଶିକ୍ଷକ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଏତେ ଛାତ୍ର ଛାତ୍ରୀଙ୍କୁ ସମ୍ଭାଳିବା କଷ୍ଟ ସାଧ୍ୟ ହୋଇ ପଡିଛି । ବର୍ତମାନ ବିଦ୍ୟାଳୟର ପାଚେରୀ ସବୁଆଡେ ଭାଙ୍ଗି ରୁଜି ନଷ୍ଟ ହୋଇ ପଡ଼ିଥିବା ବେଳେ ଅଧିକାଂଶ ଘରର ଛାତ ରୁ ପାଣି ଗଳୁଛି ଅଧିକାଂଶ କୋଠା ବିପଦ ସଙ୍କୁଳ ଅବସ୍ଥାରେ ପଡି ରହିଛି ବିଦ୍ୟାଳୟ ଗୃହରେ କାହିଁ କେଉଁ କାଳରୁ ମରାମତି ନାହିଁ କି ସାଧାରଣ ଭାବରେ କାନ୍ଥରେ ଚୂନ ଟିକିଏ ବି ଲାଗି ନାହିଁ ଯାହାଦ୍ୱାରା କାନ୍ଥ ରେ ଶିଉଳି ବାନ୍ଧି ଗଛ ଲତା ମାଡି ଗଲାଣି । ମାତ୍ର ଦୁଇ ଟି କୋଠରୀ ରେ ଏତେ ସଂଖ୍ୟକ ଛାତ୍ର ଛାତ୍ରୀ ବସି ପାଠ ପଢୁଛନ୍ତି ଯାହାଦ୍ୱାରା ପାଠ ପଢ଼ାରେ ବ୍ୟାଘାତ ଶୃଷ୍ଟି ହେଉଛି । ଅନାବଶ୍ୟକ ଭାବରେ ଅଧିକାଂଶ କୋଠା କାମରେ ନ ଲାଗି ଛାତ୍ର ଛାତ୍ରୀ ଙ୍କ ପାଇଁ ବିପଦ ସାଜିଛି ଯାହାକୁ ନେଇଁ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ସଦସ୍ୟାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି । ପୂର୍ବରୁ ସପ୍ତମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଯାଉଥିଲେ ମଧ୍ୟ ବିଦ୍ୟାଳୟର ପରିସ୍ଥିତି ଦେଖି ଅଧିକାଂଶ ଅଭିଭାବକ ବିଦ୍ୟାଳୟରୁ ନିଜ ପିଲାଙ୍କୁ ବିଦ୍ୟାଳୟରୁ ବାହାର କରି ଅନ୍ୟ ବିଦ୍ୟାଳୟ ରେ ପାଠ ପଢାଇବାରୁ ବର୍ତମାନ ଷଷ୍ଠ ଓ ସପ୍ତମ ଶ୍ରେଣୀ କୁ ବନ୍ଦ ରଖାଯାଇଛି । ଦାୟିତ୍ୱ ରେ ଥିବା ବିଭାଗୀୟ ଅଧକାରୀ ସବୁ ଜାଣି ଶୁଣି ଚୁପ ରହିଥିବା ବେଳେ କାହାର ସମସ୍ୟା ପ୍ରତି ଗୁରତ୍ୱ ନଥିବାରୁ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଉଛି । ତୁରନ୍ତ ବିଦ୍ୟାଳୟରେ ସମସ୍ତ ସମସ୍ୟା କୁ ଗୁରୁତ୍ୱ ଦେଇ ଏହାର ସମାଧାନ ନ କଲେ ବିଦ୍ୟାଳୟର ଭବିଷ୍ୟତ ସହ ଛାତ୍ରଛାତ୍ରୀ ଙ୍କ ଭବିଷ୍ୟତ ଯେ ଅନ୍ଧାର ନ ହେବ ତାହା କାହି ହେବ ନାହିଁ । ଅନ୍ୟପଟେ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟ ଏବଂ ଅଭିଭାବକ ମାନେ ତୁରନ୍ତ ବିଦ୍ୟାଳୟ ରେ ଆଉ ୩ ଜଣ ଶିକ୍ଷକ ଯୋଗାଇ ଦେବା ସହ ଭଙ୍ଗା ପାଚେରୀ ଓ ଭଙ୍ଗା ଘର ମରାମତି ସହ ବିଦ୍ୟାଳୟରେ କାନ୍ଥ ବାଡ଼ କଲର କରିବାକୁ ଦାବି କରିଛନ୍ତି। କିଛି ଅଭିଭାବକ ସମସ୍ତ ବ୍ୟବସ୍ଥା ନ କଲେ ଆଗାମୀ ଦିନରେ ବିଦ୍ୟାଳୟ ବାହାରେ ଛାତ୍ର ଛାତ୍ରୀଙ୍କୁ ରଖି ତାଲା ପକାଇବୁ ବୋଲି ଚେତାବନୀ ଦେଇଛନ୍ତି । ଅନ୍ୟପଟେ ଏହି ଘଟଣାକୁ ନେଇଁ ଫିରିଙ୍ଗିଆ ବ୍ଲକ ସମ୍ପ୍ରସାରଣ ଅଧିକାରିଣୀ ଇପ୍ସିତା ଜେନା ଙ୍କୁ ପଚାରିବାରୁ ସେ ବିଦ୍ୟାଳୟର ଶିକ୍ଷକ ସମସ୍ୟା ରହିଛି ବର୍ତମାନ ଗେଷ୍ଟ ଟିଚର ସିଲେକ୍ସନ ସରିଛି ଦିଆଯିବ ଆଉ ପାଚେରୀ ସମସ୍ୟା ଓ ଅନ୍ୟ ସମସ୍ୟା ସମାଧାନ ପାଇଁ ଉପରିସ୍ଥ ଅଧିକାରୀ ଙ୍କୁ ଅବଗତ କରିଛନ୍ତି ଏହା ମଧ୍ୟ ସମାଧାନ କିଭଳି ଶୀଘ୍ର ହୋଇ ପାରିବ ସେନେଇ ପ୍ରୟାସ କରାଯାଉଛି ବୋଲି କହିଛନ୍ତି ।



- ❖ ବାଘଡଙ୍ଗେରୀ ଦୁଇ ଶିକ୍ଷକରେ ୧୬୩ ଛାତ୍ରଛାତ୍ରୀ, ପାଠ ପଢ଼ାରେ ବ୍ୟାଘାତ
- ❖ ତୁରନ୍ତ ଶିକ୍ଷକ ଯୋଗାଇବା ସହ ବିଦ୍ୟାଳୟ ପାଚେରୀ ଓ ଭଙ୍ଗା ଗୃହ ମରାମତି ଦାବୀ
- ❖ ସମାଧାନ ନ ହେଲେ ବିଦ୍ୟାଳୟ ଫାଟକରେ ତାଲା ଦେବା ସହ ଆନ୍ଦୋଳନ ଚେତାବନୀ

ରାସ୍ତା ଓ ବଜାର ଅବରୋଧ କରୁଥିବା ଉଠା ଦୋକାନୀଙ୍କୁ ତାଗିଦ

ଅସ୍ତରଙ୍ଗରେ ପ୍ରଶାସନ ଫେଲ

କାକଟପୁର, ୩/୯(ଅକ୍ଷର ଓଡ଼ିଶା) ପାର୍ବଣ ଋତୁ ପୂର୍ବରୁ କାକଟପୁର ବଜାରରେ ଭିଡ଼ ଓ ଯାତାୟାତ ସମସ୍ୟାକୁ ନଜରରେ ରଖି ସ୍ଥାନୀୟ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ଗୁରୁବାର କାକଟପୁର ବଜାର ଅଞ୍ଚଳରେ ରାସ୍ତା କଡ଼ ଓ ସର୍ବସାଧାରଣ ସ୍ଥାନରେ ବସିଥିବା ଉଠା ଦୋକାନୀମାନଙ୍କୁ ଦୋକାନ ଉଠାଇ ନେବା ପାଇଁ ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଛି। ପାର୍ବଣ ସମୟରେ ବଜାରରେ ଗ୍ରାହକଙ୍କ ଭିଡ଼ ବୃଦ୍ଧି ପାଇବା ସହିତ ଯାତାୟାତ ମଧ୍ୟ ବଢ଼ିଥାଏ। ଏଭଳି ସମୟରେ ରାସ୍ତା ଉପରେ ଅବ୍ୟବସ୍ଥିତ ଭାବେ ଉଠା ଦୋକାନ ବସିବା ଯୋଗୁଁ ଟ୍ରାଫିକ ସମସ୍ୟା ଓ ସାଧାରଣ ଲୋକଙ୍କ ଯାତାୟାତରେ ବାଧା ସୃଷ୍ଟି ହେବାର ଆଶଙ୍କା ରହିଛି। ଏହାକୁ ଦୃଷ୍ଟିରେ ରଖି ପ୍ରଶାସନ ପକ୍ଷରୁ ଆଜି ବଜାରରେ ଯାଞ୍ଚ କରାଯାଇ ଦୋକାନୀମାନଙ୍କୁ ଆବଶ୍ୟକ ପରାମର୍ଶ ଓ ତାଗିଦ କରାଯାଇଥିଲା। ସ୍ଥାନୀୟ ତହସିଲଦାରଙ୍କ ଦାୟିତ୍ୱରେ ଏହି ଅଭିଯାନରେ କାକଟପୁର ବିଡିଓ ନାରାୟଣ ଦୀକ୍ଷିତ, ଅତିରିକ୍ତ ତହସିଲଦାର ନିରଞ୍ଜନ ପାତ୍ର, କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁ, ଏଏସ୍ଆଇ ରମେଶ ଚନ୍ଦ୍ର ନିଶାଙ୍କଙ୍କ ସମେତ ପ୍ରଶାସନ ଓ ପୁଲିସ ବିଭାଗର କର୍ମଚାରୀମାନେ ଉପସ୍ଥିତ ଥିଲେ। ପାର୍ବଣ ପୂର୍ବରୁ ବଜାରରେ ଶୃଙ୍ଖଳା, ସ୍ୱଚ୍ଛତା ଓ ସୁଗମ ଯାତାୟାତ ବ୍ୟବସ୍ଥା ନିଶ୍ଚିତ କରିବା ଦିଗରେ ପ୍ରଶାସନର ଏଭଳି ପଦକ୍ଷେପକୁ ସାଧାରଣରେ ସ୍ୱାଗତ କରାଯାଇଛି। ଆଗାମୀ ଦିନରେ ମଧ୍ୟ ବଜାର ଅଞ୍ଚଳରେ ଅବ୍ୟବସ୍ଥିତ ଭାବେ ଦୋକାନ ବସାଇବା ଓ ଯାତାୟାତରେ ବାଧା ସୃଷ୍ଟି କରୁଥିବା ବ୍ୟବସାୟୀଙ୍କ ବିରୋଧରେ ପ୍ରଶାସନ ଦୃଢ଼ ପଦକ୍ଷେପ ନେବ ବୋଲି ଆଶା ପ୍ରକାଶ ପାଇଛି।



୩୦୦ ଲିଟର ଦେଶୀ ମଦ ଜବତ

ଆଠଗଡ଼,୩/୯(ଅକ୍ଷର ଓଡ଼ିଶା) କଟକ ଜିଲ୍ଲାର ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ୫୫ ନମ୍ବର ଜାତୀୟ ରାଜପଥର ଖୁଣ୍ଟୁଣୀ ମହାବିଦ୍ୟାଳୟ ରାସ୍ତାରେ ଖୁଣ୍ଟୁଣୀ ପୁଲିସ ଦ୍ୱାରା ଗତକାଲି ରାତିରେ ପାଟ୍ରୋଲିଂ କରୁଥିବାବେଳେ ଖବର ପାଇ ଏକ ଇନୋଭା କାରରେ ଦେଶୀ ମଦ ଯାଉଥିବା ତାକୁ ପିଛା କରି ରାଧାକିଶୋର ପୁର ଛକରେ ଧରିଥିଲା ।ଉକ୍ତ କାରକୁ ଅଟକାଇ ଯାଞ୍ଚ କରିବା ବେଳେ ସେଥିରୁ ୩୦୦ ଲିଟର ଦେଶୀ ମଦ ବାହାରିଥିଲା ।ମଦ ଜବତ ସହ ଇନୋଭା କାର ଜବତ କରିଛି ।ରାତିର ଅନ୍ଧାରର ସୁଯୋଗ ନେଇ ଡ୍ରାଇଭର ଫେରାର ହୋଇଯାଇଛି ।ଏ ସଂକ୍ରାନ୍ତରେ ଖୁଣ୍ଟୁଣୀ ପୁଲିସ ଏକ ମାମଲା ୨୭୯/୨୬ ରୁଜୁ କରିଥିବା ଖୁଣ୍ଟୁଣୀ ଥାନା ଆଇଆଇସି ଶ୍ରୀ ଜହର ଆବେଦିନ ସୂଚନା ଦେଇଛନ୍ତି।

ଅନ୍ନଦାତା ସୁଖୀ ଭବଃ

Kharif 26-27 Farmer Registration Status as on 3-9-2026

Sl.No.	District	No. of Societies Engaged	Total No. of Societies Participated			No. of Farmers Registered in Kharif 26-27	No. of Farmers having Agristack ID	Total No. of Farmers Registered in Kharif 25-26	% of Farmers Registered	Day Registration
			PACS/LAMPCS	Pani Panchayat	Total					
1	MAYURBHANJ	52	52	-	52	96,160	32,722	83,820	115	3,146
2	JAGATSINGHPUR	111	111	-	111	56,866	28,617	49,685	114	985
3	KENDRAPADA	120	120	-	120	58,830	21,196	52,092	113	1,505
4	PURI	205	205	-	205	67,341	26,770	59,998	112	930
5	BARAGADA	57	57	-	57	1,78,917	55,386	1,63,728	109	2,329
6	KORAPUT	23	20	3	23	48,075	13,195	44,104	109	561
7	DEBAGADA	29	29	-	29	23,287	10,946	21,414	109	293
8	BOUDH	45	45	-	45	49,754	17,313	45,991	108	648
9	KALAHANDI	75	74	-	74	1,30,370	48,653	1,21,181	108	1,923
10	NAYAGADA	162	162	-	162	62,270	24,253	57,972	107	1,365
11	SUNDARAGADA	84	83	1	84	66,486	15,966	61,977	107	2,281
12	KANDHAMALA	22	22	-	22	4,113	1,899	3,845	107	109
13	SUBARNAPUR	75	75	-	75	76,215	12,499	71,578	106	1,077
14	GANJAM	410	409	-	409	1,66,226	52,997	1,56,713	106	3,599
15	KENDUJHAR	95	95	-	95	83,742	29,868	79,108	106	2,944
16	BALANGIR	158	158	-	158	1,10,537	32,201	1,05,031	105	3,700
17	SAMBALPUR	45	45	-	45	67,396	19,442	65,142	103	1,579
18	ANUGOLA	97	97	-	97	50,537	18,316	49,060	103	1,754
19	NUAPADA	26	26	-	26	52,824	23,075	51,339	103	1,324
20	JHARSUGUDA	44	44	-	44	23,713	9,667	23,219	102	506
21	MALKANGIRI	45	45	-	45	48,613	11,050	48,168	101	1,556
22	DHENKANAL	111	111	-	111	54,093	20,161	56,112	96	2,263
23	KHORDHA	144	144	-	144	50,852	18,831	52,956	96	1,451
24	RAYAGADA	14	14	-	14	20,523	6,380	21,486	96	630
25	GAJAPATI	45	45	-	45	14,836	4,426	15,616	95	334
26	KATAKA	242	241	-	241	69,679	31,305	73,790	94	3,013
27	BALESHWAR	148	148	-	148	1,13,758	53,439	1,25,576	91	2,589
28	JAJPUR	166	161	-	161	53,360	21,209	59,960	89	1,713
29	NABARANGPUR	13	13	-	13	44,867	13,797	50,919	88	2,206
30	BHADRAK	114	110	-	110	74,507	28,309	96,232	77	4,925
Total		2,977	2,961	4	2,965	20,18,747	7,03,888	19,67,812	103	53,238

ସୁପୋଷିତ ଓଡିଶା ମିଶନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବେଲଗୁଣ୍ଡା, ୦୩/୦୯ : ଆଞ୍ଚଳିକ ସ୍ନାତକ ମହାବିଦ୍ୟାଳୟ କ୍ଷତ୍ରିୟବରପୁରଠାରେ ଓଡିଶା ସରକାରଙ୍କ ଉଚ୍ଚଶିକ୍ଷା ବିଭାଗ ରାଜ୍ୟ ଏନ ଏସ ଏସ ଶାଖା, ମହିଳା ଏବ ଶିଶୁ ବିକାଶ ବିଭାଗର ମିଳିତ ଆନୁକୂଲ୍ୟରେ ସୁପୋଷିତ ଓଡିଶା ମିଶନ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମହାବିଦ୍ୟାଳୟର ଅଧକ୍ଷ ଡ଼ଃ ଗିରିଧର ନୟାକଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି. ଏହି କାର୍ଯ୍ୟକ୍ରମରେ ବେଲଗୁଣ୍ଡା ବ୍ଲକ ଓଉୱଡ଼ ସୁପରଭାଇଜର ଶ୍ରୀମତୀ ବିଜୟଲକ୍ଷ୍ମୀ ଗୌଡ଼ ପରିଚାଳନାକରିଥିବା ବେଳେ ପୋଷଣ ବିଭାଗର ଅଧିକାରୀ ମାନସ ରଞ୍ଜନ ଦାସ ଶୂନରୁ ଛଅ ବର୍ଷର ଶିଶୁ ମାନଙ୍କ ଉନ୍ନତି ସକାଶେ ଓଡିଶା ସରକାରଙ୍କ ସୁପୋଷିତ



ମିଶନ ବିଷୟରେ ତାଲିମ ପ୍ରାପ୍ତ ସେଚ୍ଛାସେବୀ ମାନଙ୍କୁ ବକ୍ତବ୍ୟ ପ୍ରଦାନ କରିବା ସହିତ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏହି ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ବେଲଗୁଣ୍ଡା ବ୍ଲକର ଚାରି ଜଣ ସେକ୍ଟର ର ସୁପରଭାଇଜର , ପ୍ରତ୍ୟେକ ସେକ୍ଟର ଅଙ୍ଗନବାଡି କର୍ମୀ, ଆଶା ଓ ଆମ ମହାବିଦ୍ୟାଳୟର ଦର୍ଶନ ଶାସ୍ତ୍ର ବିଭାଗର ବରିଷ୍ଠ ପ୍ରଫେସର ବିଦ୍ୟାଧର ସାଇଁ, ପ୍ରଶାସନିକ ଅଧିକାରୀ ଡ଼ଃ ଇ . ରବିନାରାୟଣ ପାତ୍ର, ବିପ୍ରଚରଣ ତ୍ରିପାଠୀ , ଓଡ଼ିଆ ବିଭାଗର ଅଧ୍ୟାପକ, ସଞ୍ଜତ କୁମାର ଦାସ,ପ୍ରାଣୀ ବିଜ୍ଞାନ ଅଧ୍ୟାପକ ରଞ୍ଜତ କୁମାର ଦାସ, ରାଜନୀତି ବିଜ୍ଞାନର ଅଧ୍ୟାପକ ଅନିଲ କୁମାର ସାଇଁ, ଉଦ୍ଭିଦ ବିଜ୍ଞାନର ଅଧ୍ୟାପିକା ଅନିତା ତ୍ରିପାଠୀ, ଇଂଲିଶ ବିଭାଗର ଅଧ୍ୟାପିକା ସୁଶ୍ରୀ ଧରିତ୍ରୀ ରାଣୀ ବିଷାଇ, ଗଣିତ ବିଭାଗର ଅଧ୍ୟାପିକା ସୁଶ୍ରୀ କେ ସାତି ରାଓ, ଅର୍ଥ ନୀତି ବିଭାଗର ଅଧ୍ୟାପକ ଦେବଦତ୍ତ ଗୌଡ଼, ଇତିହାସ ବିଭାଗର ଅଧ୍ୟାପିକା ସୁଶ୍ରୀ ଆରତୀ ସେଠୀ, ଶୈକ୍ଷିକ ଓ ଅଣ ଶୈକ୍ଷିକ କର୍ମଚାରି ପ୍ରଭୁତି ଉପସ୍ଥିତ ହୋଇ ସହଯୋଗ କରିଥିଲେ. ପରିଶେଷରେ ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପକ ସିମାଞ୍ଚଳ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ।

ସୁପର ୪୦ ଛାତ୍ରଛାତ୍ରୀମାନଙ୍କର ଆଭିମୁଖୀକରଣ କାର୍ଯ୍ୟକ୍ରମ

ଡାବୁଗାଁ, ୦୩/୦୯ (ଅକ୍ଷର ଓଡିଶା) : ନବରଙ୍ଗପୁର ଜିଲ୍ଲା ଡାବୁଗାଁ ସଦର ସରକାରୀ (ନୂତନ)ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ଠାରେ ଜିଲ୍ଲାର ଦଶମ ଶ୍ରେଣୀ ର ସୁପର ୪୦ ଜଣ ଛାତ୍ର ଛାତ୍ରୀଙ୍କୁ ନେଇ ଏକ ଦିବସୀୟ ଆଭିମୁଖି କରଣ ତାଲିମ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ଛାତ୍ରଛାତ୍ରୀଙ୍କୁ ଉତ୍ତମ ଫଳାଫଳ ପାଇଁ ଗୁଣାତ୍ମକ ଶିକ୍ଷା ପ୍ରଦାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ଓ ଏହି କାର୍ଯ୍ୟକ୍ରମ ରେ ଜିଲ୍ଲାରେ ପୂର୍ବରୁ ହୋଇଥିବା ଚୟନ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିବା ୪୦ ଜଣ ଛାତ୍ର ଛାତ୍ରୀ, ସେମାନଙ୍କ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ସାଧନ ଶିକ୍ଷକ ଯୋଗ ଦେଇଥିଲେ। ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀ ସାହୁ ଛାତ୍ର ଛାତ୍ରୀ ମାନଙ୍କୁ ପରୀକ୍ଷା ପୂର୍ବରୁ କିପରି ଦୃଢ ବିଶ୍ୱାସ ର ସହିତ ସମସ୍ତ ସଂଶୟ ଦୂର କରି ପରୀକ୍ଷା ପାଇଁ ପ୍ରସ୍

ଶୁକ୍ରବାର ୦୪।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା

ପାଳନ ହେଲା ସଂସ୍କୃତ ଦିବସ



ଧରାକୋଟ ୦୩/୦୯(ଅକ୍ଷର ଓଡ଼ିଶା) ଧରାକୋଟ ସ୍ଥିତ ଶ୍ରୀରାଜ ଉଚ୍ଚ ବିଦ୍ୟାଳୟରେ ସଂସ୍କୃତ ସପ୍ତାହ ପାଳନ ଅବସରରେ ସଂସ୍କୃତ ଦିବସ ଉତ୍ସବ ଆଡ଼ମ୍ବର ସହକାରେ ପାଳନ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ମିନତି କୁମାରୀ ପାତ୍ରଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା ବେଳେ ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଅବସର ପ୍ରାପ୍ତ ସଂସ୍କୃତ ଶିକ୍ଷକ ପଣ୍ଡିତ ଶ୍ରୀ ଦୁର୍ଗା ପ୍ରସାଦ ପଣ୍ଡା । ପୁରାତନ କାଳରୁ ଆଜି ପର୍ଯ୍ୟନ୍ତ ରହିଥିବା ସଂସ୍କୃତର ଆବଶ୍ୟକତା ଉପରେ ସେ ପିଲା ମାନଙ୍କୁ ମାର୍ଗଦର୍ଶନ କରିଥିଲେ । ସମ୍ମାନୀତ ଅତିଥି ଭାବେ ଧରାକୋଟ କ୍ଲଷ୍ଟରର ସି ଆର ସି ସି ଜଗନ୍ନାଥ ପଡ଼ିଆରୀ, ପିଏମଶ୍ରୀ କଳାସୁତା ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗଣପତି ଗମାଙ୍ଗ ଯୋଗ ଦେଇ ପିଲାମାନଙ୍କ ପାଇଁ ସଂସ୍କୃତ ଶିକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସଂସ୍କୃତ ଦିବସ ଉପଲକ୍ଷେ ବିଦ୍ୟାଳୟରେ ସଂସ୍କୃତ ଭାଷଣ, ଶ୍ଲୋକାବୃତ୍ତି, ପ୍ରବନ୍ଧ ରଚନା, ନୃତ୍ୟ ପରିବେଷଣ ଓ ନାଟକ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଏଥିରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା । କାର୍ଯ୍ୟକ୍ରମ ରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ଶ୍ରୀମତି ଶ୍ୱେତାଳୀ ପାତ୍ର, ବରିଷ୍ଠ ଶିକ୍ଷକ ବିରୁପାକ୍ଷ ପଣ୍ଡା ଉପସ୍ଥିତ ରହିଥିଲେ। ବିଦ୍ୟାଳୟର ସଂସ୍କୃତ ଶିକ୍ଷକ ପଣ୍ଡିତ ସୁରେଶ କୁମାର ପାତ୍ର ଓ ସଂସ୍କୃତ ଶିକ୍ଷୟିତ୍ରୀ ସୁନୀତା ପଣ୍ଡା କାର୍ଯ୍ୟକ୍ରମକୁ ସୂଚାରୁରୂପେ ପରିଚାଳନା କରିଥିଲେ । ଏଥିରେ ସମସ୍ତ ଶିକ୍ଷକ ଶିକ୍ଷୟତ୍ରୀ ଓ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।

ବିଦ୍ୟୁତ ସଂସ୍ପର୍ଶରେ ଆସି ମହିଳା ଗୁରୁତର

ବୁଗୁଡ଼ା :୦୩/୦୯(ଅକ୍ଷର ଓଡ଼ିଶା): ବୁଗୁଡ଼ା ବ୍ଲକ ମାଣିତରା ପଞ୍ଚାୟତ ଅନ୍ତର୍ଗତ ତାମିରି ଗ୍ରାମରେ ବିଦ୍ୟୁତ୍ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ସୁଦଷ୍ଟା ନାଇକ (୪୯) ନାମକ ଜନୈକା ମହିଳା ଗୁରୁତର ଆହତ ହୋଇଥିବା ଜଣାଯାଇଛି । ଘଟଣାରୁ ପ୍ରକାଶ ଯେ, ବୁଧବାର ପାହାନ୍ତିଆରେ ସୁଦେଷ୍ଟା ଗାଧୋଇବାକୁ ଯାଉଥିବା ବେଳେ ଅଙ୍ଗନୱାଡି କେନ୍ଦ୍ର ଓ ପୋଖରୀ ନିକଟରେ ଖୋଲାମେଲାରେ ଥିବା ଏକ ଟ୍ରାନ୍ସଫର୍ମର ସଂସ୍ପର୍ଶରେ ଆସି ବିଦ୍ୟୁତ୍ ଧକ୍କାରେ ଆହତ ହୋଇ ପଡିଥିଲେ । କିଛି ସମୟ ପରେ ସ୍ଥାନୀୟ ଲୋକେ ତାଙ୍କୁ ଅଚେତ ଅବସ୍ଥାରେ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଞ୍ଜନଗର ମେଡିକାଲକୁ ପଠାଇଥିଲେ ।ସେଠାରେ ଚିକିତ୍ସା ପରେ ତାଙ୍କର ଅବସ୍ଥାରେ ସୁଧାର ଆସିଥିବା ଜଣାଯାଇଛି । ତେବେ ଗ୍ରାମ ମଧ୍ୟରେ ଲଟାବୁଦା ଘେରରେ ଥିବା ଏହି ଟ୍ରାନ୍ସଫର୍ମର ଚାରିପାଖରେ ସୁରକ୍ଷା ପାଚେରୀ ନଥିବାରୁ ଅଙ୍ଗନୱାଡି କେନ୍ଦ୍ରର ଶିଶୁଙ୍କ ସମେତ ସାଧାରଣ ଲୋକଙ୍କ ସୁରକ୍ଷା ନେଇ ଚିନ୍ତା ପ୍ରକାଶ ପାଇଛି । ଫଳରେ ଏଭଳି ଘଟଣାର ଯେଭଳି ପୁନରାବୃତ୍ତି ନଘଟେ ସେଥି ପ୍ରତି ବିଦ୍ୟୁତ୍ ବିଭାଗ ଦୃଷ୍ଟି ଦେଇ ଯଥାଶୀଘ୍ର ସୁରକ୍ଷା ପାଚେରୀ ନିର୍ମାଣ କରିବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦୃଢ ଦାବି ହୋଇଛି ।

ପୂଜ୍ୟପୂଜା ପକ୍ଷରୁ ‘ଜଣା ଅଜଣା’ କାର୍ଯ୍ୟକ୍ରମ

ପୁରୀ, ୩ ।୯ (ଅକ୍ଷର ଓଡ଼ିଶା):ବିଶ୍ୱମ୍ଭର ବିଦ୍ୟାପୀଠ ଛାତ୍ରଛାତ୍ରୀଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି ‘ଜଣା ଅଜଣା’ ପ୍ରଶ୍ନୋତ୍ତରୀ କାର୍ଯ୍ୟକ୍ରମ । ଛାତ୍ରଛାତ୍ରୀଙ୍କ ମଧ୍ୟରେ ଆଧ୍ୟାତ୍ମିକ ଜ୍ଞାନର ପ୍ରସାର ସାଙ୍ଗକୁ ଜିଜ୍ଞାସା



ଜାଗ୍ରତ ଉଦ୍ଦେଶ୍ୟରେ ଭୁବନେଶ୍ୱରର ‘ପୂଜ୍ୟପୂଜା ଓଡ଼ିଶା’ ପକ୍ଷରୁ ଆୟୋଜିତ କାର୍ଯ୍ୟକ୍ରମରେ ପିଲାମାନଙ୍କୁ ଭଗବତ ଗୀତା ସମେତ ପେରାଣିକ କଥାବସ୍ତୁ ସମ୍ପର୍କିତ ପ୍ରଶ୍ନ ପଚରାଯାଇଥିଲା । ସଠିକ ଉତ୍ତର ରଖିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ ପୂର୍ବକ ଉତ୍ସାହିତ କରାଯାଇଥିଲା । ପ୍ରଧାନଶିକ୍ଷୟିତ୍ରୀ ଶୁଭଶ୍ରୀ ଦାଶଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ସୁକାନ୍ତ ପ୍ରଧାନ,ବିଶ୍ୱମ୍ଭର ବିଦ୍ୟାପୀଠ ପ୍ରାଇଜ ମେମୋରିଆଲ ଟ୍ରଷ୍ଟର କାର୍ଯ୍ୟକାରୀ ସଭାପତି ଗିରିଶ ଚନ୍ଦ୍ର ନାୟକ ଓ ‘ଅଭିନନ୍ଦନିକା’ ସମ୍ପାଦକ ଶ୍ୟାମ ପ୍ରକାଶ ସେନାପତି ପ୍ରମୁଖ ଅତିଥିଭାବେ ଯୋଗଦେଇ ପିଲାମାନଙ୍କୁ ଆଧ୍ୟାତ୍ମିକ ତତ୍ତ୍ୱ ବୁଝାଇବା ସହ ଉତ୍କଳର ବରପୁତ୍ରମାନଙ୍କ ବାବଦରେ ସମ୍ୟକ ଧାରଣା ଦେଇଥିଲେ । ପୂଜ୍ୟପୂଜା ଅନୁଷ୍ଠାନର ସମ୍ପାଦକ ରମାକାନ୍ତ ମିଶ୍ର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

ବହୁ ଚର୍ଚ୍ଚିତ ମୋବାଇଲ ସପ୍ ଚୋରୀ ଘଟଣା

ଦିନରେ ଫେରୀବାଲା ରାତିରେ ଲୁଟେରା



ଅଷ୍ଟରଙ୍ଗୀ/୯(ଅକ୍ଷର ଓଡ଼ିଶା)ଅଗଷ୍ଟ ମାସ ୧୮ ତାରିଖ ରେ ଅଷ୍ଟରଙ୍ଗ ଥାନା ରେ ଏକ ଅଭିଯୋଗ ମୁତାବକ ଅଷ୍ଟରଙ୍ଗ ମୁଖ୍ୟବଜାରରେ ଥିବା ମହାନ୍ତି କମ୍ୟୁନିକେସ ମୋବାଇଲ ଦୋକାନ ରୁ ଏକ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଆଉ କିଛି ଅର୍ଥ ୧୭ ତାରିଖ ବିଳମ୍ବିତ ରାତ୍ର ରେ ଚୋରୀ ହୋଇଛି, ଏହାକୁ ନେଇ ଅଷ୍ଟରଙ୍ଗ ଥାନା ଅଞ୍ଚଳ ରେ ଏକ ଭୟ ର ବାତାବରଣ ସୃଷ୍ଟି ହୋଇଥିଲା, ଏହାକୁ ନେଇ ଅଷ୍ଟରଙ୍ଗ ବଜାର କମିଟି ତରଫରୁ ଅଷ୍ଟରଙ୍ଗ ଥାନା ସମ୍ମୁଖରେ ଏକ ଶାନ୍ତିପୂର୍ଣ୍ଣ ଧାରଣା ଦିଆଯାଇଥିଲା, ପରେ ନିମାପଡା ଏସ୍ ଡିପିଓ ଜନାର୍ଦ୍ଦନ ପାଢ଼ୀ ଆଲୋଚନା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା, ଏହି ଘଟଣା ର କିଛି ଦିନ ପରେ ଆସାମୀ ମାନେ ଗିରଫ ନହେବାରୁ ବଜାର କମିଟି ର ସ୍ୱତନ୍ତ୍ର ଟିମ୍ ପୁରୀ ଜିଲ୍ଲା ଆରକ୍ଷୀ ଅଧକ୍ଷ ପ୍ରତୀକ ସିଂ ଙ୍କୁ ସାକ୍ଷାତ କରିଥିଲେ, ଏହି ଆସାମୀ ମାନଙ୍କୁ ଧରିବା ପାଇଁ ସ୍ୱତନ୍ତ୍ର ଟିମ୍ ପୁରୀ ପୋଲିସ ତରଫରୁ କରାଯାଇଥିଲା ଏଥିରେ ନିର୍ଣ୍ଣାୟକ ଭୂମିକା ରେ ଥିଲେ ଚାରିଛକ ଥାନା ଅଧିକାରୀ ଶୁଭରାଜ ପ୍ରିୟଦର୍ଶିନୀ ମହାନ୍ତି, ଏହି ସ୍ୱତନ୍ତ୍ର ଟିମ୍ ବିଭିନ୍ନ ସିସିଟିଭି ଓ ବୈଷୟିକ୍ଷିଧ୍ୟ ଯାଞ୍ଚ ପରେ ଜାଣିବାକୁ ପାଇଥିଲେ ଉତ୍ତରପ୍ରଦେଶ ରେ ଆସାମୀ ଙ୍କ ଉପସ୍ଥିତ, ସେଠି ଏହି ସ୍ୱତନ୍ତ୍ର ଟିମ୍ ପହଞ୍ଚି ଉତ୍ତରପ୍ରଦେଶ ର ଶାମିଲ ଜିଲ୍ଲା ଝିନଝାନା ଥାନା ଅଧୀନରୁ ଜିସାନ (୫୪), ସୌକିନ (୩୫) କୁ ଗିରଫ କରିଥିଲେ, ପରେ ବିଭିନ୍ନ ସ୍ଥାନରୁ ମୋବାଇଲ ଚୋରୀ କରି ଯେଉଁ ଦୋକାନ ରେ ବିକ୍ରି କରୁଥିଲେ ସେହି ବ୍ୟବସାୟୀ ଙ୍କୁ ଉତ୍ତରପ୍ରଦେଶ କାନ୍ଧଲା ଥାନା ଅଧୀନରୁ ଗିରଫ କରିଥିଲେ, ମାତ୍ର ଏହି ଚୋରୀ ର ମାଷ୍ଟର ମାଇଣ୍ଡ କାକଟପୁର ଅଞ୍ଚଳ ଭଣ୍ଡାଘର ର ଯିଏ ଆସାମୀ ଜିସାନ ର ପୁଅ ପର୍ଭେଜ ଫେରାର ଅଛନ୍ତି, ଜିସାନ ପୂର୍ବରୁ କାକଟପୁର ଭଣ୍ଡାଘର ରେ ବିବାହ କରିଥିଲେ ମାତ୍ର କୌଣସି ବ୍ୟକ୍ତିଗତ ସମସ୍ୟା ରୁ ସେ କାକଟପୁର ଛାଡି ଉତ୍ତରପ୍ରଦେଶ ରେ ରହୁଥିଲେ ଆଉ ତାଙ୍କ ପୁଅ ପର୍ଭେଜ ଏଠି ଜଣେ ଫେରିବାଲା ବେପାରୀ ଥିଲେ, ଧରା ଯାଇଥିବା ଆସାମୀ ମଧ୍ୟ ବିଭିନ୍ନ ସ୍ଥାନରେ ଫେରିବାଲା ବ୍ୟବସାୟ କରୁଥିଲେ, ଆଉ ମହାନ୍ତି କମୁନିକେସନ କୁ ଆସି ଏହିଭଳି କାଣ୍ଡ ଘଟାଇ ଗୋଟେ ବାଇକ ମାଧ୍ୟମ ରେ ଜାହାନିଆ କାକଟପୁର ରାସ୍ତା ରେ ଫେରାର ହୋଇଥିଲେ ଆଉ ଉକ୍ତ ବକ୍ସର ବାଇକ କୁ କୌଣସି ଜଙ୍ଗଲ ସ୍ଥାନରେ ଫିଙ୍ଗି ଟ୍ରେନ ମାଧ୍ୟମ ରେ ଓଡିଶା ଛାଡି ଫେରାର ହୋଇଥିଲେ, ଏବେ ପୁରୀ ପୋଲିସ ର ସ୍ୱତନ୍ତ୍ର ଟିମ୍ ଏମାନଙ୍କୁ ଧରିବାରେ ସଫଳତା ପାଇଛି ମାତ୍ର ବର୍ତ୍ତମାନ ସୁଦ୍ଧା ଫେରାର ପର୍ଭେଜ କୁ ଧରିବାକୁ ଉଦ୍ୟମ ଜାରି ରହିଛି, ଏମାନଙ୍କ ନିକଟରୁ ୪୦ ଟି ମୋବାଇଲ ଫୋନ ସହ ନଗଦ ୧ଲକ୍ଷ ୮୦ ହଜାର ଟଙ୍କା ଓ ଦୁଇ ଗୋଟି ଲୁହା ଶାବଳ ଜବତ କରାଯାଇଛି, ଅଷ୍ଟରଙ୍ଗ ଥାନା କେଶ ନମ୍ବର ୨୧୭/୨୬ ଆଧାର ରେ କୋର୍ଟ ଚାଲାଣ କରାଯିବାକୁ ନେଇ ପୁରୀ ଜିଲ୍ଲା ଏସପି ପ୍ରତୀକ ସିଂ ପ୍ରେସ ବିଜ୍ଞପ୍ତି ମାଧ୍ୟମ ରେ ସୂଚନା ଦେଇଛନ୍ତି ।

ଟେଣ୍ଡର କାମ ପ୍ରତ୍ୟାହାର ପାଇଁ ଯୁବକଙ୍କୁ ଅପହରଣ ଅଭିଯୋଗ

ବନ୍ଧୁକ ଦେଖାଇ ଧମକ ଟଙ୍କା ଓ ଦସ୍ତାବିଜ ଛଡ଼ାଇ ନେଇଥିବା ଅଭିଯୋଗ

ପଦ୍ମପୁର ୦୩/୦୯(ଅକ୍ଷର ଓଡ଼ିଶା): ଟେଣ୍ଡର କାମ ପ୍ରତ୍ୟାହାର କରିବାକୁ ଧମକ ଦେଇ ଜଣେ ଯୁବକଙ୍କୁ ଅପହରଣ, ମାଡ଼ ମାରିବା ଓ ବନ୍ଧୁକ ଦେଖାଇ ଭୟଭୀତ କରାଯାଇଥିବା ନେଇ ବିଜେପୁର ଥାନାରେ ଅଭିଯୋଗ ହୋଇଛି । ଅଭିଯୋଗକାରୀ ହେଲେ ପୁଟୁକା ଗ୍ରାମର ରାଜକୁମାର ମେହେର (୨୮) ।ଅଭିଯୋଗ ଅନୁଯାୟୀ, ସେପ୍ଟମ୍ବର ୧ ତାରିଖ ଅପରାହ୍ନ ପ୍ରାୟ ୧ଟା ୩୦ରେ ରାଜକୁମାର ଟେଣ୍ଡର ସମ୍ପର୍କିତ ସମସ୍ତ କାଗଜପତ୍ର ଧରି ବିଜେପୁର ଏନ୍ଏସି କାର୍ଯ୍ୟାଳୟକୁ ଯାଉଥିଲେ । ଏହି ସମୟରେ ମହେଶ ଦେବତା, ନରସିଂହ ଓରଫ ପପୁ ପୂଜାରୀ, କୌଶିକ ପାଣିଗ୍ରାହୀଙ୍କ ସମେତ ପ୍ରାୟ ୨୦ରୁ ୩୦ ଜଣ ଲୋକ ଏକ ଥାଁ ଗାଡ଼ିରେ ତାଙ୍କୁ ଜୋରଜବରଦସ୍ତ ଉଠାଇ ନେଇ ସରଣ୍ଡାପାଲି ନିକଟ ଏକ ନିଛାଟିଆ ସ୍ଥାନକୁ ନେଇଥିବା ଅଭିଯୋଗ ହୋଇଛି ।ସେଠାରେ ବନ୍ଧୁକ ଦେଖାଇ ଟେଣ୍ଡର କାମରୁ ଓହରିଯିବା ପାଇଁ ଧମକ ଦିଆଯିବା ସହ ତାଙ୍କ ପାଖରେ ଥିବା ୧୦ ହଜାର ୩ଶହ ଟଙ୍କା, ଲାଇସେନ୍ସ ଓ ଅନ୍ୟାନ୍ୟ କାଗଜପତ୍ର ନେଇଯାଇଥିବା ରାଜକୁମାର ଅଭିଯୋଗ କରିଛନ୍ତି । ଏପରିକି ଏକ ଖାଲି କାଗଜରେ ତାଙ୍କ ଦସ୍ତଖତ ନେଇ ତାଙ୍କୁ ମାଡ଼ ମାରିବା ସହ ଜାତିଆଣ ଗାଳିଗୁଲଜ କରାଯାଇଥିବା ମଧ୍ୟ ସେ ଅଭିଯୋଗ କରିଛନ୍ତି । ପୁଣି ତାଙ୍କ ଓ ତାଙ୍କ ପିଲାମାନଙ୍କୁ ହତ୍ୟା କରିବାର ଧମକ ଦେଇ ଟେଣ୍ଡର ଲିଖିତ ଦସ୍ତାବିଜରେ ଦସ୍ତଖତ କରାଇଥିବା ଅଭିଯୋଗ ହୋଇଛି । ଏହା ସହ ତାଙ୍କ ହାତରେ ଜୋରଜବରଦସ୍ତ ବନ୍ଧୁକ ଧରାଇ ଫଟୋ ଉଠାଇବା ଏବଂ ଏଥ୍ୟା ମାମଲାରେ ଫସାଇବାକୁ ଧମକ ଦିଆଯାଇଥିବା ସେ ପୁଲିସକୁ କହିଛନ୍ତି ।ଭୟ କାରଣରୁ ଅଭିଯୋଗ କରିବାରେ ବିଳମ୍ବ ହୋଇଥିବା ରାଜକୁମାର ପ୍ରକାଶ କରିଛନ୍ତି । ତାଙ୍କ ଅଭିଯୋଗ ଆଧାରରେ ବିଜେପୁର ଥାନା ପୁଲିସ କେସ୍ ନମ୍ବର ୨୪୭, ତାରିଖ ୦୩.୦୯.୨୦୨୬ରେ ବିଏନ୍ଏସ୍ର ବିଭିନ୍ନ ଧାରା, ଆର୍ମସ୍ ଆକ୍ଟ ଏବଂ ଏସ୍ସି/ଏସ୍ଟି ଅତ୍ୟାଚାର ନିବାରଣ ଆଇନର ସମ୍ପୃକ୍ତ ଧାରାରେ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଉପରୋକ୍ତ ଅଭିଯୋଗଗୁଡ଼ିକର ସତ୍ୟତା ପୁଲିସ ତଦନ୍ତ ପରେ ଅଧିକସ୍ପଷ୍ଟ ହେବ ବୋଲି ସୂଚନା ମିଳିଛି ।

୨୦୦୮-୨୦୧୮ ନିଯୁକ୍ତ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅନୁଦାନ ଦାବି

କେନ୍ଦ୍ରାପଡ଼ା, ୦୩/୦୯(ଅକ୍ଷର ଓଡ଼ିଶା): ରାଜ୍ୟରେ ୨୦୦୮ରୁ ୨୦୧୮ ମଧ୍ୟରେ ବେସରକାରୀ ଅନୁଦାନପ୍ରାପ୍ତ କଲେଜରେ ନିଯୁକ୍ତ ହୋଇଥିବା ଅଧ୍ୟାପକ ଓ କର୍ମଚାରୀଙ୍କୁ ତୁରନ୍ତ ସରକାରୀ ଅନୁଦାନ ପ୍ରଦାନ ଦାବି ଜୋରଦାର ହୋଇଛି । ଏହି ଦାବିକୁ ନେଇ ଓଡ଼ିଶା ରାଜ୍ୟ ବେସରକାରୀ ଅଧ୍ୟାପକ ଓ କର୍ମଚାରୀ ସଂଘ ଆନୁକୂଲ୍ୟରେ ତୁଳସୀ ମହିଳା ମହାବିଦ୍ୟାଳୟର ବେସରକାରୀ ଅଧ୍ୟାପକମାନଙ୍କ ପକ୍ଷରୁ ଓଡ଼ିଶାର ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ପୋଷ୍ଟାଲ ଜରିଆରେ ଏକ ଦାବିପତ୍ର ପଠାଯାଇଛି । ସଂଘ ପକ୍ଷରୁ କୁହାଯାଇଛି ଯେ, ୨୦୦୮ରୁ ୨୦୧୮ ମଧ୍ୟରେ ନିଯୁକ୍ତ ଅନେକ ଅଧ୍ୟାପକ ଓ କର୍ମଚାରୀ ଦୀର୍ଘବର୍ଷ ଧରି ସରକାରୀ ଅନୁଦାନରୁ ବଞ୍ଚିତ ହୋଇଆସୁଛନ୍ତି । ଏହାଦ୍ୱାରା ସେମାନେ ଆର୍ଥିକ ଓ ସାମାଜିକ ସମସ୍ୟାର ସମ୍ମୁଖୀନ ହେଉଥିବା ସଂଘ ଦାବି କରିଛି । ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଅଧ୍ୟାପକ ଓ କର୍ମଚାରୀଙ୍କ ମନୋବଳ ବୃଦ୍ଧି ପାଇଁ ୨୦୦୮-୨୦୧୮ ମଧ୍ୟରେ ନିଯୁକ୍ତ ଯୋଗ୍ୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ଅତିଶୀଘ୍ର ସରକାରୀ ଅନୁଦାନ ପ୍ରଦାନ କରିବାକୁ ଦାବିପତ୍ରରେ ଅନୁରୋଧ କରାଯାଇଛି ।ଏହି ଦାବିପତ୍ର ପଠାଇବା କାର୍ଯ୍ୟକ୍ରମରେ ଅନୁରାଧା ବେହେରା, ରଞ୍ଜିତ ଦାସ, ପ୍ରଭାକର ମଲ୍ଲିକ ଓ ହରେକୃଷ୍ଣ ପଣ୍ଡାଙ୍କ ସମେତ ଅନ୍ୟ ଅଧ୍ୟାପକମାନେ ଉପସ୍ଥିତ ଥିଲେ ।

ପ୍ରଶ୍ନ ପତ୍ର ବ୍ୟାଙ୍କ ପ୍ରସ୍ତୁତି ନିମନ୍ତେ ୩ ଦିନିଆ କର୍ମଶାଳା ଅନୁଷ୍ଠିତ



ନୟାଗଡ଼ ୦୩/୦୯(ଅକ୍ଷର ଓଡ଼ିଶା) :- ଶାରୀରିକ ଶିକ୍ଷା ଓ ଧନ୍ଦାମୂଳକ ଶିକ୍ଷା ବିଷୟରେ ଶ୍ରେଣୀ ପ୍ରଶ୍ନ ବ୍ୟାଙ୍କ ପ୍ରସ୍ତୁତି ନିମନ୍ତେ ଜିଲ୍ଲା ଶିକ୍ଷା ଓ ପ୍ରଶିକ୍ଷଣ ପ୍ରତିଷ୍ଠାନ , ନୟାଗଡ଼, ରାଜସୁନାଖଳାଠାରେ ୩ ଦିନିଆ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି ।ଏହି କର୍ମଶାଳା କୁ ଅଧକ୍ଷ ଶ୍ରୀଯୁକ୍ତ ବିଜୟ କୁମାର ତ୍ରିପାଠୀଙ୍କ ଦ୍ୱାରା ଉଦଘାଟନ କରାଯାଇଥିଲା । ଏଥିରେ ମୋଟ ୫୪ ଜଣପ୍ରଶିକ୍ଷକ ଓ ପ୍ରଶିକ୍ଷିକାଯୋଗଦେଇଥିଲେ ।କର୍ମଶାଳାରେ ଅନୁଷ୍ଠାନର ସହକର୍ମୀ ତଥା ଦୀପକ କୁମାର ପ୍ରଧାନ , ପ୍ରତାପ କୁମାର ମହାପାତ୍ର ଓ ଶିଖା ସିଆଲ୍ ପ୍ରଶ୍ନପତ୍ର ଓ ପ୍ରଶ୍ନ ବ୍ୟାଙ୍କ ପ୍ରସ୍ତୁତିର ବିଭିନ୍ନ ଦିଗ ଉପରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦକ୍ଷତାଭିତ୍ତିକ, ଶିକ୍ଷଣ ଫଳାଫଳ ଆଧାରିତ ତଥା ଛାତ୍ରଛାତ୍ରୀଙ୍କ ଜ୍ଞାନ ଓ ଦକ୍ଷତା ମୂଲ୍ୟାୟନକୁ ଗୁରୁତ୍ୱ ଦେଇ ପ୍ରଶ୍ନ ପ୍ରସ୍ତୁତି ଉପରେ ବିଶେଷ ଅଭ୍ୟାସ କରାଯାଇଥିଲା ।ମନୋରଞ୍ଜନ ଦାଶ, ମାନସ କୁମାର ସାହୁ, ସ୍ୱାଗତିକା ଶରଣ, ବିଶ୍ୱରଞ୍ଜନ ପଟ୍ଟନାୟକ, ବଟକୃଷ୍ଣ ସାହୁ ଓ ସନ୍ତୋଷ କୁମାର ମିଶ୍ରଙ୍କ ସମେତ ଅନ୍ୟ ସହକର୍ମୀମାନଙ୍କ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମଟି ସୁସଂଗଠିତ ଓ ଶୃଙ୍ଖଳିତ ଭାବେ ସମ୍ପନ୍ନ ହୋଇଥିଲା ।ଏହି ତିନି ଦିନିଆ କର୍ମଶାଳାରେ ପ୍ରଶିକ୍ଷକ ଓ ପ୍ରଶିକ୍ଷିକାମାନେ ନିଜ ଅନୁଭୂତି ଓ ଜ୍ଞାନ ବିନିମୟ କରିବା ସହ ପ୍ରଶ୍ନ ବ୍ୟାଙ୍କ ପ୍ରସ୍ତୁତିରେ ସକ୍ରିୟ ଭାବେ ଅଂଶଗ୍ରହଣ କରିଥିଲେ । ପରିଶେଷରେ ଅଧକ୍ଷ ବିଜୟ କୁମାର ତ୍ରିପାଠୀ ସମସ୍ତ ଶିକ୍ଷକ-ଶିକ୍ଷୟିତ୍ରୀ, ପ୍ରଶିକ୍ଷକ-ପ୍ରଶିକ୍ଷିକା ଓ ସହଯୋଗୀମାନଙ୍କୁ ଧନ୍ୟବାଦ ଅର୍ପଣ କରିବା ସହ କର୍ମଶାଳାର ସମାପନ ଘୋଷଣା କରିଥିଲେ ।

ଭିଜିଲାନ୍ସ ଜାଲରେ ଯାଜପୁର ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର

ଔଷଧ ଦୋକାନ ଲାଇସେନ୍ସ ପାଇଁ ୬ ହଜାର ଲାଞ୍ଚ ନେଉଥିବା ବେଳେ ଧରାପଡ଼ିଲେ



ଯାଜପୁର୦୩/୦୯(ଅକ୍ଷର ଓଡ଼ିଶା) : ଯାଜପୁର ଜିଲ୍ଲା ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର (ଅତିରିକ୍ତ ଦାୟିତ୍ୱ: ଜଗତସିଂହପୁର) ସଞ୍ଜୟ କୁମାର ହାଁସଦାଙ୍କୁ ଓଡ଼ିଶା ଭିଜିଲାନ୍ସ ଗୁରୁବାର ଲାଞ୍ଚ ନେବା ଅଭିଯୋଗରେ ଗିରଫ କରିଛି । ଏକ ହୋଲସେଲ ମେଡିସିନ ଷ୍ଟୋରର ଲାଇସେନ୍ସ ପ୍ରଦାନ ପାଇଁ ଭୁବନେଶ୍ୱରସ୍ଥିତ ଡ୍ରଗ୍ସ କଣ୍ଟ୍ରୋଲର ମୁଖ୍ୟ କାର୍ଯ୍ୟାଳୟକୁ ସୁପାରିସ ପତ୍ର ପଠାଇବା ଲାଗି ସେ ଜଣେ ଆବେଦନକାରୀଙ୍କଠାରୁ ୬ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ଟିମ୍ ତାଙ୍କୁ ରଙ୍ଗେହାତ ଧରିଛି ।ଘଟଣାରୁ ପ୍ରକାଶ ଯେ, ଅଭିଯୋଗକାରୀ ଗତ ୧୧.୦୫.୨୦୨୫ ତାରିଖରେ ହୋଲସେଲ ଔଷଧ ଲାଇସେନ୍ସ ପାଇଁ ଆବେଦନ କରିଥିଲେ । ମାତ୍ର ସହକାରୀ ଡ୍ରଗ୍ସ କଣ୍ଟ୍ରୋଲର ଶ୍ରୀ ହାଁସଦା ତାଙ୍କ ଫାଇଲ୍ ଆଗକୁ ନବଢ଼ାଇ ବାରମ୍ବାର ଦୌଡ଼ାଇବା ସହ ୬ ହଜାର ଟଙ୍କା ଲାଞ୍ଚ ଦାବି କରିଥିଲେ। ନିରୁପାୟ ହୋଇ ଆବେଦନକାରୀ ଭିଜିଲାନ୍ସ କର୍ତ୍ତୃପକ୍ଷଙ୍କ ଦ୍ୱାରସ୍ଥ ହୋଇଥିଲେ ।ପୂର୍ବ ଯୋଜନା ମୁତାବକ, ଅଭିଯୋଗକାରୀ ଅଫିସରେ ନପାଇ ତାଙ୍କ ସହ ଫୋନରେ ଯୋଗାଯୋଗ କରିବା ପରେ, ଶ୍ରୀ ହାଁସଦା ତାଙ୍କୁ ପାରାଦୀପ–କଟକ ୫୩ ନମ୍ବର ଜାତୀୟ ରାଜାପଥ ଜୟପୁର ଛକକୁ ଡକାଇଥିଲେ । ସେଠାରେ ନିଜ ୱାଗନ-ଆର କାର ଭିତରେ ବସାଇ ସେ ଟଙ୍କା ଗ୍ରହଣ କରୁଥିବା ବେଳେ ଭିଜିଲାନ୍ସ ଟିମ୍ ଚଢ଼ାଉ କରି ତାଙ୍କୁ କାବୁ କରିଥିଲା । ତାଙ୍କ ନିକଟରୁ ସମସ୍ତ ଲାଞ୍ଚ ଟଙ୍କା ଜବତ କରାଯାଇଛି ।ଗିରଫ ପରେ ଆୟ ବହିର୍

କେନ୍ଦୁଝରରେ ହ୍ରାସ ପାଉଛି ଗୋ-ସମ୍ପଦ

ପ୍ରତି ବ୍ଲକ ଓ ସହରାଞ୍ଚଳରେ ଗୋଶାଳା ପ୍ରତିଷ୍ଠା ଦାବି



କେନ୍ଦୁଝର:୦୩/୦୯(ଦିଲ୍ଲୀପ କୁମାର ସାହୁ) - ଦିନକୁ ଦିନ କେନ୍ଦୁଝର ଜିଲ୍ଲାରେ ଗୋ-ସମ୍ପଦ ହ୍ରାସ ପାଉଥିବା ନେଇ ସାଧାରଣରେ ଉଦ୍‌ବେଗ ପ୍ରକାଶ ପାଇଛି । ଚାରଣଭୂମିର ଅଭାବ, ଗୁହାଳ ଅଭାବ, ଗୋ-ପଶୁଙ୍କ ଚିକିତ୍ସାରେ ଅବହେଳା, ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ ଖଣି କାର୍ଯ୍ୟ ବୃଦ୍ଧି, ଗୋ-ଚାଲାଣ ଏବଂ ଗୋପାଳନ ପ୍ରତି ଲୋକଙ୍କ ଆଗ୍ରହ କମିବା ଏହାର ପ୍ରମୁଖ କାରଣ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି । ଏକଦା ପାହାଡ଼, ଜଙ୍ଗଲ ଓ ନଦନଦୀରେ ପରିପୂର୍ଣ୍ଣ କେନ୍ଦୁଝରର ଗ୍ରାମୀଣ ଅର୍ଥନୀତିରେ ଗାଈ, ମଇଁଷି ଓ ଅନ୍ୟାନ୍ୟ ପଶୁସମ୍ପଦର ଗୁରୁତ୍ୱ ଥିଲା । ତେବେ ପରିବର୍ତ୍ତିତ ପରିସ୍ଥିତିରେ ଚାରଣଭୂମି ସଂକୁଚିତ ହେବାସହ ଜଙ୍ଗଲ ଓ ପାହାଡ଼ ଅଞ୍ଚଳରେ ବିଭିନ୍ନ କାର୍ଯ୍ୟକଳାପ ବୃଦ୍ଧି ପାଇଥିବାରୁ ପଶୁମାନଙ୍କ ପାଇଁ ଖାଦ୍ୟ ସଂକଟ ଦେଖାଦେଇଛି । ଏହାର ପ୍ରଭାବରେ ଗୋପାଳନ ବ୍ୟବସାୟରେ ଲୋକଙ୍କ ଆଗ୍ରହ କମୁଥିବା ଅଭିଯୋଗ ହୋଇଛି । ସହରାଞ୍ଚଳରେ ମଧ୍ୟ ଖୋଲାଜମି ଓ ଚାରଣଭୂମିର ଅଭାବ ଗୋ-ସମ୍ପଦ ହ୍ରାସର ଅନ୍ୟତମ କାରଣ ବୋଲି କୁହାଯାଉଛି । ଗାଈ ପାଳନ କରୁଥିବା ଲୋକଙ୍କୁ ଉପଯୁକ୍ତ ଚିକିତ୍ସା ସୁବିଧା, ପଶୁ ଚିକିତ୍ସକ ଓ ଆବଶ୍ୟକ ସେବା ସମୟରେ ମିଳୁନଥିବା ନେଇ ମଧ୍ୟ ଜନଅଭିଯୋଗ ରହିଛି । ଏହାଛଡ଼ା ଗୋ-ଚାଲାଣ ଉପରେ କଡ଼ା ନଜରଦାରି ନଥିବାରୁ ଜିଲ୍ଲାରୁ ବହୁ ଗୋ-ସମ୍ପଦ ଅନ୍ୟ ଅଞ୍ଚଳକୁ ଚାଲାଣ ହେଉଥିବା ଅଭିଯୋଗ ହୋଇଛି । ସରକାରୀ ୨୦ତମ ପଶୁସମ୍ପଦ ଗଣନା, ୨୦୧୯ ଅନୁଯାୟୀ କେନ୍ଦୁଝର ଜିଲ୍ଲାରେ ୬,୨୬,୮୩୩ଟି ଗୋରୁ, ୫,୭୦୭ଟି ମଇଁଷି, ୫,୧୬,୩୨୧ଟି ଛେଳି ଓ ୫୧,୦୪୦ଟି ମେଣ୍ଢା ଥିବା ଦର୍ଶାଯାଇଛି । ଏହି ପରିସଂଖ୍ୟାନକୁ ଆଧାର କରି ଜିଲ୍ଲାର ପଶୁସମ୍ପଦ ସୁରକ୍ଷା ଓ ବିକାଶ ଦିଗରେ ଠୋସ୍ ପଦକ୍ଷେପ ଆବଶ୍ୟକ ବୋଲି ଦାବି ହେଉଛି । ଗୋପାଳନକୁ ଲାଭଜନକ କରିବା ସହ ଗ୍ରାମୀଣ ଲୋକଙ୍କୁ ଏହି ବ୍ୟବସାୟ ପ୍ରତି ଆକୃଷ୍ଟ କରିବାପାଇଁ ଚାରଣଭୂମି ସୃଷ୍ଟି, ନିୟମିତ ପଶୁ ଚିକିତ୍ସା ସେବା, ପଶୁଧନ ନିରୀକ୍ଷକ ନିଯୁକ୍ତି ଏବଂ ଗୋ-ଚାଲାଣ ଉପରେ କଡ଼ା ନଜରଦାରି ଦାବି ହୋଇଛି । ଏଥିସହ ପ୍ରତ୍ୟେକ ବ୍ଲକ ଓ ସହରାଞ୍ଚଳରେ ସରକାରୀ ଭାବେ ଗୋଶାଳା ପ୍ରତିଷ୍ଠା କରାଯାଇ ଅସହାୟ ଓ ବୁଲା ଗୋରୁଙ୍କ ରକ୍ଷଣାବେକ୍ଷଣ କରାଯିବାକୁ ଦାବି ଉଠିଛି ।

ଗୁଣିଗାରେଡ଼ି ସନ୍ଦେହରେ ଆଦିବାସୀ ଦମ୍ପତିଙ୍କୁ ହତ୍ୟା ଘଟଣା

ଆଉ ତିନି ଅଭିଯୁକ୍ତଙ୍କୁ ଗିରଫ କଲା ପୁଲିସ



ହରିଚନ୍ଦନପୁର, ୦୩/୦୯(ଶୂନ୍ୟରଞ୍ଜନ ଘଣା): ଗୁଣିଗାରେଡ଼ି ସନ୍ଦେହରେ ଆଦିବାସୀ ଦମ୍ପତିଙ୍କୁ ଅତି ବିଭତ୍ସ ଭାବେ ହତ୍ୟା କରି ଜଙ୍ଗଲ ମଧ୍ୟରେ ଥିବା ଏକ ଅପରିତ୍ୟକ୍ତ କୂଅରେ ଫିଙ୍ଗି ଦେବା ଘଟଣାରେ ଦୈତାରୀ ପୁଲିସକୁ ବଡ଼ ସଫଳତା ମିଳିଛି । ଫେରାର ଥିବା ଅନ୍ୟ ୩ ଜଣ ଅଭିଯୁକ୍ତଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିବାସହ ସମ୍ପୂର୍ଣ୍ଣ ହତ୍ୟାକାଣ୍ଡ ଉପରୁ ରହସ୍ୟ ଉନ୍ମୋଚନ କରିଛି ।ସୂଚନା ଅନୁଯାୟୀ, ଦୈତାରୀ ଥାନା ବଳିପର୍ବତ ଗ୍ରାମର ହୁର୍ଲାବାହାଳି ସାହିରେ ରହୁଥିବା ଆଦିବାସୀ ଦମ୍ପତି ଖଗେଶ୍ୱର ସୋରେନ ଓ ତାଙ୍କ ପତ୍ନୀ ଟୁନି ସୋରେନଙ୍କୁ ଗୁଣିଗାରେଡ଼ି ସନ୍ଦେହରେ ସେହି ସାହିର ୮ ଜଣ ହତ୍ୟା କରି ନିକଟସ୍ଥ ଜଙ୍ଗଲର ଏକ ପରିତ୍ୟକ୍ତ କୂଅରେ ଫିଙ୍ଗି ଦେଇ ଫେରାର ହୋଇଯାଇଥିଲେ । ୨୦୨୬ ଜୁଲାଇ ୩ ତାରିଖରେ ପୁଲିସ ଶବ ଉଦ୍ଧାର କରିବା ସହ ଥାନା ମାମଲା ରୁଜୁ କରିଥିଲା । ପ୍ରାଥମିକ ତଦନ୍ତ ପରେ ପୁଲିସ ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ବେଳେ ଅନ୍ୟ ୩ ଜଣ ଫେରାର ଥିଲେ । ଦୈତାରୀ ଥାନାଧିକାରୀ ହୃଷିକେଶ ବେହେରାଙ୍କ ନିର୍ଦ୍ଦେଶ କ୍ରମେ ତଦନ୍ତକାରୀ ଅଧିକାରୀ ଏସଆଇ ଯଶୋଦା ବେହେରାଙ୍କ ନେତୃତ୍ୱରେ ଏକ ବିଶେଷ ଟିମ୍ ବିଭିନ୍ନ ସ୍ଥାନରେ ଫେରାର ଅଭିଯୁକ୍ତଙ୍କୁ ଧରିବା ପାଇଁ ଚଢ଼ଉ ଜାରି ରଖିଥିଲା । ଦୁଇ ମାସର ବ୍ୟବଧାନ ପରେ ଅଗଷ୍ଟ ୩୦ ତାରିଖ ବିଳମ୍ବିତ ରାତିରେ ପୁଲିସ ଟିମ୍ ଫେରାର ଥିବା ୩ ଅଭିଯୁକ୍ତଙ୍କୁ ଧରିବାରେ ସକ୍ଷମ ହୋଇଥିଲା । ଗିରଫ ଅଭିଯୁକ୍ତମାନେ ହେଲେ ବାଲାଇ ହାଁସଦା ଓରଫ ଟିକୁ (୨୨), ଏଲିଆସ ଟପ୍ପ (୪୫) ଓ ରୂପା ଓରଫ ଚଗୁଲୁ କାଣ୍ଡଲକେଇ (୩୮) ଜେରା ସମୟରେ ଅଭିଯୁକ୍ତମାନେ ହତ୍ୟାକାଣ୍ଡ ସମ୍ପର୍କରେ ନିଜର ଦୋଷ ସ୍ୱୀକାର କରିବା ପରେ ସେମାନଙ୍କୁ ସୋମବାର ବିଳମ୍ବିତ ସନ୍ଧ୍ୟାରେ କୋର୍ଟ ଚାଲାଣ କରାଯାଇଛି ।

ଆରଆଇ ଅଫିସକୁ ଆସି ମୃତ୍ୟୁର ଶିକାର ହେଲେ ଯୁବକ

କେନ୍ଦୁଝର/ପାଟଣା:୦୩/୦୯: (ଦିଲ୍ଲୀପ କୁମାର ସାହୁ) - ଲଗାଣବର୍ଷାରେ ଘର ଭାଙ୍ଗିଯିବା ପରେ ପଲିଥିନ ଖଣ୍ଡେପାଇଁ ଆଇଆର କାର୍ଯ୍ୟାଳୟକୁ ଆସିଥିଲେ । ହେଲେ କାର୍ଯ୍ୟାଳୟ ପରିସରରେ ହଠାତ୍ ଟଳିପଡ଼ିବା ପରେ ଚାଲିଗଲା ତାଙ୍କର ଜୀବନ । କେନ୍ଦୁଝର ଜିଲ୍ଲା ପାଟଣା ଥାନା ଅନ୍ତର୍ଗତ ଟାଙ୍ଗରପଡ଼ାରେ ଚଳିତ ମାସ ୧ ତାରିଖ ମଙ୍ଗଳବାର ଦିନ ଘଟିଥିବା ଏହି ଅଭାବନୀୟ ଘଟଣାକୁ ନେଇ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ମୃତକ ଜଣକ ହେଲେ ନିକଟସ୍ଥ ବାଦୁଡ଼ିଘେରା ଗ୍ରାମର କାଖ୍ୱା ନାଏକ । ସୂଚନା ଅନୁଯାୟୀ, ଘର ଭାଙ୍ଗିଯାଇଥିବାରୁ ପଲିଥିନ ଖଣ୍ଡିଏ ପାଇବା ଆଶାରେ ସେ ଟାଙ୍ଗରପଡ଼ାସ୍ଥିତ ଆଇଆର କାର୍ଯ୍ୟାଳୟକୁ ଆସିଥିଲେ । ତେବେ ସେଠାରେ ଥିବା ସମୟରେ ହଠାତ୍ ଅସୁସ୍ଥ ହୋଇ ଟଳିପଡ଼ିଥିଲେ । ଘଟଣା ପରେ ଉପସ୍ଥିତ ଲୋକେ ତାଙ୍କୁ ଉଦ୍ଧାର କରି ପାଟଣା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ । ମାତ୍ର ତାଙ୍କ ଜୀବନରକ୍ଷା କରାଯାଇ ପାରିନଥିଲା । କାଖ୍ୱା ନାଏକଙ୍କ ହଠାତ୍ ମୃତ୍ୟୁ ହୋଇଥିବା ଖବର ପାଇବାପରେ ପରିବାର ଭାଙ୍ଗି ପଡ଼ିଥିବାବେଳେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି ।

୬ଟି ଶ୍ରେଣୀକୁ ଜଣେ ଶିକ୍ଷୟିତ୍ରୀ ବିଦ୍ୟାଳୟରେ ସିଆରସିସିଙ୍କ ପାଦ ପଡୁନି



ହାଟଡିହି: ୦୩/୦୯ (ଅମୀୟ ବରାଳ) -ହାଟଡିହୀ ବ୍ଲକ ଶାଳନିଆଁ ପଞ୍ଚାୟତ ମନୋହର ପୁର ପ୍ରାଥମିକ ବିଦ୍ୟାଳୟରେ ମାତ୍ର ଜଣେ ଶିକ୍ଷୟିତ୍ରୀ ନିଯୁକ୍ତ ଅଛନ୍ତି । ଯାହା ଦ୍ୱାରା ବିଦ୍ୟାଳୟରେ ଶିକ୍ଷାଦାନ ବ୍ୟାହତ ହେଉଥିବା ଅଭିଯୋଗ ହୋଇଛି । ଜଣେ ଶିକ୍ଷକ ଥିବା ବିଦ୍ୟାଳୟରେ ଆବଶ୍ୟକତା ଅନୁଯାୟୀ ନିକଟସ୍ଥ ଅଧିକ ଶିକ୍ଷକ ଥିବା ବିଦ୍ୟାଳୟରୁ ଶିକ୍ଷକଙ୍କୁ ଆଣି ଶିକ୍ଷାଦାନ ବ୍ୟବସ୍ଥା ସୁଦୃଢ଼ କରିବାକୁ ସରକାରୀ ନିର୍ଦ୍ଦେଶ ଥିବା ସତ୍ତ୍ୱେ ଏଠାରେ ତାହା କାର୍ଯ୍ୟକାରୀ ହେଉନଥିବା ନେଇ ଅଭିଭାବକମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି । ଏହି ବିଦ୍ୟାଳୟରେ ବାଲବାଟିକାଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ମୋଟ ୬ଟି ଶ୍ରେଣୀ ରହିଛି । ଏଠାରେ ମନୋହରପୁର ଓ ସୋଲପଟା ଗ୍ରାମର ପ୍ରାୟ ୩୦ ଜଣ ଛାତ୍ରଛାତ୍ରୀ ଅଧ୍ୟୟନ କରୁଛନ୍ତି । ଦୁଇଟି ଯାକ ଗ୍ରାମରେ ବହୁତ ଛାତ୍ରଛାତ୍ରୀ ଥିଲେବି ସରକାରୀ ସ୍କୁଲରେ ଉପଯୁକ୍ତ ଶିକ୍ଷାଦାନ ହେଉ ନଥିବାରୁ ଅନେକ ଅଭିଭାବକ ବେସରକାରୀ ସ୍କୁଲରେ ସେମାନଙ୍କ ଛୁଆଙ୍କୁ ପଢ଼ାଉଛନ୍ତି ବୋଲି କହିଛନ୍ତି । ତେବେ ଏତେ ସଂଖ୍ୟକ ଛାତ୍ରଛାତ୍ରୀଙ୍କ ପାଇଁ ବର୍ତ୍ତମାନ ଶିକ୍ଷୟିତ୍ରୀ ଜଣେ ।ସୂଚନା ଅନୁଯାୟୀ, ପୂର୍ବରୁ ବିଦ୍ୟାଳୟରେ ଦୁଇଜଣ ଶିକ୍ଷୟିତ୍ରୀ ରହିଥିଲେ । ପ୍ରାୟ ଦୁଇମାସ ତଳେ ଜଣେ ଶିକ୍ଷୟିତ୍ରୀ ଅବସର ଗ୍ରହଣ କରିବା ପରେ ଏବେ ଜଣେ ଶିକ୍ଷୟିତ୍ରୀଙ୍କ ଉପରେ ସମସ୍ତ ଦାୟିତ୍ୱ ପଡ଼ିଛି । ଶିକ୍ଷାଦାନ ସହିତ ଅଫିସ କାର୍ଯ୍ୟ, ମଧ୍ୟାହ୍ନ ଭୋଜନ ପରିଚାଳନା ଓ ଅନ୍ୟାନ୍ୟ ବିଦ୍ୟାଳୟ କାର୍ଯ୍ୟ ମଧ୍ୟ ତାଙ୍କୁ ଏକାକୀ ସମ୍ଭାଳିବାକୁ ପଡୁଛି । ଫଳରେ ଛାତ୍ରଛାତ୍ରୀଙ୍କୁ ନିୟମିତ ଓ ଉପଯୁକ୍ତ ଭାବେ ଶିକ୍ଷାଦାନ କରିବା କଷ୍ଟକର ହୋଇପଡ଼ିଛି । ଅନ୍ୟପକ୍ଷରେ, ଜଣେ ଶିକ୍ଷକ ଥିବା ବିଦ୍ୟାଳୟରେ ସ୍ଥାନୀୟ ସିଆରସିସିଙ୍କ ମାଧ୍ୟମରେ ଶିକ୍ଷାଦାନ ବ୍ୟବସ୍ଥା କରାଯିବାର ନିୟମ ଥିଲେ ମଧ୍ୟ, ସିଆରସିସିଙ୍କ ବିଦ୍ୟାଳୟରେ ପାଦ ପଡୁନଥିବା ଅଭିଭାବକମାନେ କହିଛନ୍ତି । ଯାହାକି ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ଦେଖାଦେଇଛି । ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ଶିକ୍ଷାଦାନ ବ୍ୟବସ୍ଥାକୁ ଦୃଷ୍ଟିରେ ରଖି ତୁରନ୍ତ ଅତିରିକ୍ତ ଶିକ୍ଷକ ନିଯୁକ୍ତି କିମ୍ବା ନିକଟସ୍ଥ ବିଦ୍ୟାଳୟରୁ ଶିକ୍ଷକଙ୍କୁ ଆଣି ଶିକ୍ଷାଦାନ ବ୍ୟବସ୍ଥା ସ୍ୱାଭାବିକ କରିବାକୁ ଅଭିଭାବକମାନେ ଦାବି କରିଛନ୍ତି । ଏଥିପ୍ରତି ଶିକ୍ଷା ବିଭାଗର ଉଚ୍ଚ ଅଧିକାରୀ ତୁରନ୍ତ ଦୃଷ୍ଟି ଦେବାକୁ ମଧ୍ୟ ଦାବି ହୋଇଛି । ଏ ସମ୍ପର୍କ ରେ ବ୍ଲକ ଶିକ୍ଷା ଅଧିକାରୀଙ୍କ ମତାମତ ପାଇଁ ଯୋଗାଯୋଗ କରିଥିଲେ ମଧ୍ୟ ସେ ଟେଲିଫୋନ ରିସିଭ କରି ନଥିଲେ ।

ଖେଳକୁଦରେ ଛାତ୍ରଙ୍କ ସଫଳତା

ହରିଚନ୍ଦନପୁର, ୦୩/୦୯(ଶୂନ୍ୟରଞ୍ଜନ ଘଣା) ପଶ୍ଚିମବଙ୍ଗର କେଶିଆଡ଼ିଠାରେ ଅନୁଷ୍ଠିତ କ୍ଷେତ୍ରୀୟ ଖେଳକୁଦ (ଆଥ୍‌ଲେଟିକ୍) ପ୍ରତିଯୋଗିତାରେ ହରିଚନ୍ଦନପୁର ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଦଶମ ଶ୍ରେଣୀ ଛାତ୍ର ପଦ୍ମଲୋଚନ ସାହୁ ୫ କିଲୋମିଟର ଚାଲିରେ ପ୍ରଥମ ସ୍ଥାନ ଅର୍ଜନ କରି ବିଦ୍ୟାଳୟ ପାଇଁ ଗୌରବ ଆଣିଛନ୍ତି । ବିଦ୍ୟାଳୟର ସମ୍ପାଦକ ପ୍ରଦୀପ କୁମାର ପଣ୍ଡା ଓ ପ୍ରଧାନଆଚାର୍ଯ୍ୟ ସୁରେଶ କୁମାର ମହାନ୍ତ ପ୍ରମୁଖ ଉପସ୍ଥିତ ରହି ପଦ୍ମଲୋଚନଙ୍କୁ ଅଭିନନ୍ଦନ ଜଣାଇବା ସହ ସମ୍ବର୍ଦ୍ଧିତ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଦ୍ୟାମନ୍ଦିରର ସମସ୍ତ ଛାତ୍ରଛାତ୍ରୀ ଏବଂ ଗୁରୁଜୀଗୁରୁମା ଉପସ୍ଥିତ ଥିଲେ ।

ହାତୀ ଆକ୍ରମଣରେ ଜଣେ ଆହତ



ଚମ୍ପୁଆ :୦୩/୦୯(ରାମକୃଷ୍ଣ ଜିତ):-ଚମ୍ପୁଆ ବ୍ଲକ ଅଢଙ୍ଗାପାଳ ଗାଁ ରେ ହାତୀ ଦେଖିବାକୁ ଯାଇ ହାତୀ ଆକ୍ରମଣରେ ଆହତ ହୋଇଛନ୍ତି ମଙ୍ଗଳପୁର ଗାଁ ର ବିଲବିଲା ମୁଣ୍ଡା । ଗତରାତି ପନ୍ଦର ଟିକିଆ ହାତୀପଲ ଅଢଙ୍ଗାପାଳ ଗାଁ ରେ ଆସି ଗାଁ ଜଙ୍ଗଲରେ ଥିବା ବେଳେ ଆଜି ହାତୀ ଦେଖିବାକୁ ଯାଇ ହାତୀ ହାବୁଡରେ ପଡିଯାଇଥିଲେ ବିଲବିଲା । ହାତୀ ପଲରୁ ଏକ ଗୋଠ ଛଡ଼ା ଦନ୍ତା ହାତୀ ଦଉଡେଇବାରୁ ସେ ଦେଡି ପଳାଇବାକୁ ଚେଷ୍ଟା କରି ପଡିଯାଇଥିଲେ । ହାତୀ ଟି ଗୋଇଠା ମାରିବାରୁ ସେ ଆହତ ହୋଇଛନ୍ତି । ଖବର ପାଇ ବନ ବିଭାଗ ଘଟଣାସ୍ଥଳରେ ପହଂଚି ଆହତ କୁ ଚମ୍ପୁଆ ଡାକ୍ତର ଖାନା ଆଣିଥିବା ବେଳେ ଅବସ୍ଥା ଗୁରୁତର ଥିବାରୁ ତାକୁ କେନ୍ଦୁଝର ଡାକ୍ତର ଖାନା ସ୍ଥାନାନ୍ତର କରାଯାଇଛି।।

ମାସପାଇଁ ଯୁଗ୍ମ ଅଭିଯୋଗ ଶୁଣାଣି କାର୍ଯ୍ୟସୂଚୀ ଜାରିକଲା ଜିଲ୍ଲା ପ୍ରଶାସନ

କେନ୍ଦୁଝର:୦୩/୦୯(ଦିଲ୍ଲୀପ କୁମାର ସାହୁ) - ଜନସାଧାରଣଙ୍କ ସମସ୍ୟାର ସମାଧାନ ଏବଂ ପ୍ରଶାସନିକ ସେବାକୁ ଅଧିକ ତତ୍ପର କରିବା ଲକ୍ଷ୍ୟରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଚଳିତ ସେପ୍ଟେମ୍ବର ମାସପାଇଁ 'ଯୁଗ୍ମ ଅଭିଯୋଗ ଶୁଣାଣି' କାର୍ଯ୍ୟସୂଚୀ ଘୋଷଣା କରାଯାଇଛି । ଓଡ଼ିଶା ସରକାରଙ୍କ ଜନ ଅଭିଯୋଗ ଓ ପେନସନ ପ୍ରଶାସନ ବିଭାଗର ନିର୍ଦ୍ଦେଶକ୍ରମେ ଆୟୋଜିତ ହେବାକୁ ଥିବା ଏହି ଶିବିରରେ ଜିଲ୍ଲାପାଳ ବିଶାଳ ସିଂହ ଏବଂ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ନୀତିନ କୁଶଳକର ସିଧାସଳଖ ଜନସାଧାରଣଙ୍କ ଅଭିଯୋଗ ଶୁଣିବେ । ଏହି ଶୁଣାଣି ସୋମବାର ଗୁଡ଼ିକରେ ପୂର୍ବାହ୍ନ ୧୦:୦୦ ଘଟିକାରୁ ଅପରାହ୍ନ ୧:୦୦ ଘଟିକା ପର୍ଯ୍ୟନ୍ତ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ୦୭ ସେପ୍ଟେମ୍ବର ୨୦୨୬ ପ୍ରଥମ ସୋମବାର ଦିନ ଜିଲ୍ଲା ମୁଖ୍ୟାଳୟ କେନ୍ଦୁଝରଗଡ଼ ସହରସ୍ଥିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରସ୍ଥ ଦରବାର ହଲ୍ ଠାରେ ମିଳିତ ଜନ ଅଭିଯୋଗ ଶୁଣାଣୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବାକୁ ଥିବାବେଳେ, ୨୧ ସେପ୍ଟେମ୍ବର ୨୦୨୬ ତୃତୀୟ ସୋମବାର ଦିନ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଯୋଡ଼ାଠାରେ, ୨୮ ୨୦୨୬ ଚତୁର୍ଥ ସୋମବାର ଦିନ ପଞ୍ଚାୟତ ସମିତି କାର୍ଯ୍ୟାଳୟ, ସାହାରପଡ଼ା ଠାରେ ଅନୁଷ୍ଠିତ ହେବାକୁ ସ୍ଥିରୀକୃତ ହୋଇଛି । ଜନସାଧାରଣଙ୍କ ସୁବିଧା ପାଇଁ ଏହି ଶିବିର ଗୁଡ଼ିକରେ ବ୍ୟାପକ ପ୍ରସ୍ତୁତି କରାଯାଇଛି । ବିଶେଷ ଭାବେ ଅସୁସ୍ଥ ଓ ଦିବ୍ୟାଙ୍ଗ ବ୍ୟକ୍ତିମାନଙ୍କ ପାଇଁ ବସିବା ସହ ପାନୀୟ ଜଳର ସମସ୍ତ ସୁବିଧା ଯୋଗାଇ ଦେବାକୁ ସମ୍ପୃକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ମାନଙ୍କୁ ଜିଲ୍ଲା ପ୍ରଶାସନ ପକ୍ଷରୁ କଡ଼ା ନିର୍ଦ୍ଦେଶ ଦିଆଯାଇଛି । ଏଥିସହିତ, ଶିବିରରେ ଗ୍ରହଣ କରାଯାଉଥିବା ଅଭିଯୋଗ ଗୁଡ଼ିକୁ ତୁରନ୍ତ ସମାଧାନ ସୂତ୍ରରେ ପକାଇବା ପାଇଁ ଏହାକୁ ସରକାରୀ 'ଜନ ଶୁଣାଣି ପୋର୍ଟାଲ'ରେ ପଞ୍ଜିକରଣ କରିବାକୁ ଏକ ସ୍ୱତନ୍ତ୍ର ଟିମ୍ ନିୟୋଜିତ ରହିବେ । ଜିଲ୍ଲା ପ୍ରଶାସନ ପକ୍ଷରୁ ସମସ୍ତ ଅଞ୍ଚଳବାସୀଙ୍କୁ ନିଜ ନିଜର ଅଭିଯୋଗ ନେଇ ଏହି ଶିବିରରେ ଯୋଗ ଦେବାକୁ ଅନୁରୋଧ କରାଯାଇଛି ।

ପୋଲିସ କବଜାରେ ସୁନା ଅଳଙ୍କାର ସଫା କରିବା ବାହାନାରେ ଲୁଟ୍ କରୁଥିବା ଲୁଟେରା ଗିରଫ



ଚମ୍ପୁଆ ୦୩/୦୯(ରାମକୃଷ୍ଣ ଜିତ):-ଚମ୍ପୁଆ ପୋଲିସ କବଜା ରେ ସୁନା ଅଳଙ୍କାର ସଫା କରିବା ବାହାନାରେ ଲୁଟ୍ କରୁଥିବା ଦୁଇ ଲୁଟେରା । ଏହି ଦୁଇ ଜଣଙ୍କୁ ବିହାର ର ବିଭିନ୍ନ ସ୍ଥାନରେ ଚଢାଉ କରି ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଏମାନେ ବିଭିନ୍ନ ସମୟରେ ବିଭିନ୍ନ ସ୍ଥାନରେ ସୁନା ଅଳଙ୍କାର ସଫାକରିବା ଆଳରେ ଅଳଙ୍କାର ଲୁଟ କରୁଥିଲେ ।ଘରେ ମହିଳାଙ୍କୁ ଅଳଙ୍କାର ସଫା କରିବା ଆଳରେ ସୁଯୋଗ ଦେଖି ଅଳଙ୍କାର ଧରି ଚମ୍ପଟ ମାରୁଥିଲେ । ଏହି ଆନ୍ତଃ ରାଜ୍ୟ ଗ୍ୟାଙ୍ଗ ର ଦୁଇ ଲୁଟେରା ଙ୍କୁ ପୋଲିସ ଗିରଫ କରି କୋର୍ଟ ଚାଲାଣ କରିଛି । ଗିରଫ ଦୁଇ ଜଣ ବିହାର ରାଜ୍ୟ ବେଗୁସରାଇ ଜିଲ୍ଲା ବାହୁରା ଗାଁ ର ରାଜକୁମାର ସାହା ଓ ସହରସା ଜିଲ୍ଲା ସୈରୀ ବଜାର ର ଜବାହାର ସ୍ୱର୍ଣ୍ଣକାର । ଏମାନଙ୍କ ଠାରୁ ପୋଲିସ ସୁନା ଧୁଆ କେମିକାଲ (ପିତାମ୍ବରୀ ପାଉଡର) ସହିତ ଦୁଇ ଟି ମୋବାଇଲ ଫୋନ୍ ଜବତ୍ କରିଛି । ଏମାନେ ଗତ କିଛି ମାସ ଭିତରେ ଚମ୍ପୁଆ ଥାନା ର କରଞ୍ଜିଆ,ରାମଲା ଓ ଚମ୍ପୁଆ ର ନିକୋଲେସନ ଟ୍ରେନିଂ ସ୍କୁଲ ନିକଟରୁ ସୁନା ଅଳଙ୍କାର ସଫାକରିବା ଆଳରେ ଅଳଙ୍କାର ଲୁଟ କରି ଫେରାର ହୋଇଯାଇଥିଲେ ।

ବିପଦ ସଂକୁଳ ଘରେ ସରକାରୀ ବାବୁ ବାଜିରେ ଲାଗିଛି ଜୀବନ



ଚମ୍ପୁଆ: ୦୩/୦୯(ରାମକୃଷ୍ଣ ଜିତ):-ଘର ଉପରେ ପଲିଥିନ ଟଣା ଯାଇଛି । ଭିତରେ କାଠ ରୁଅ ସହ କବାଟ ସବୁ ଉଇ ଖାଇ ଯାଇଛନ୍ତି । ଗତ ଲଗାଣ ବର୍ଷାରେ ଘରର ଗୋଟିଏ କାନ୍ଥ ପଡ଼ି ଯାଇଛି । ଏପରି ଏକ ଜର୍ଜରୀତ ବିପଦ ସଂକୁଳ ଘରେ ରହୁଛନ୍ତି ଖୋଦ ଚମ୍ପୁଆ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟର ଡେପୁଟି କଲେକ୍ଟର ଭାବେ କାର୍ଯ୍ୟରତ ଅଧିକାରୀ ସୁଜିତ କୁମାର ସ୍ୱାଇଁ । ନ ଦେଖିଲେ ବିଶ୍ୱାସ କରିହେବ ନାହିଁ ବାବୁଙ୍କ ସରକାରୀ ଘରର ଗୋଟିଏ ପାର୍ଶ୍ୱ ପଡି ଯାଇଥିବାବେଳେ ଘରର ଚାରିପାଖ ଫାଟି ଆଁ କରିଛି । ଛାଉଣୀର ଅବସ୍ଥା ନ କହିବା ଭଲ ସାମାନ୍ୟ ବର୍ଷରେ ଘରସାରା ପାଣି ଝରୁଥିବାରୁ ଛାଉଣୀ ଉପରେ ପଲିଥିନ ଟାଣି ଅଧିକାରୀ ନିଜ ଜୀବନକୁ ପାଣି ଛଡାଇ ରହୁଛନ୍ତି । କେଉଁ ମୂହୁର୍ତ୍ତରେ ବିପଦ ଆସିପାରେ ତାହା କହିବା ମୁସ୍କିଲ । ତେବେ ଏହି ଚିତ୍ର ଚମ୍ପୁଆର ବିକାଶର ବିକଳ ଚିତ୍ରକୁ ସ୍ପଷ୍ଟ କରୁଥିବାବେଳେ ଯେଉଁଠି ଖୋଦ ଅଧିକାରୀ ଅସୁରକ୍ଷିତ ସେଠାରେ ସାଧାରଣ ଲୋକଙ୍କର ଅବସ୍ଥା କଣଥିବ। ଖୋଦ ଲୋକଙ୍କ ସମସ୍ୟା, ଅସୁବିଧା ଦୂର କରିବାକୁ ଥିବା ଅଧିକାରୀ ନିଜେ ଅସୁରକ୍ଷିତ ଥିବେ ସେ ଲୋକଙ୍କୁ ସେବା କରିବାକୁ ଆଗ୍ରହ କିପରି ଦେଖାଇବେ ତାହା ଏବେ ପ୍ରଶ୍ନବାଚୀ ଉଠିଛି ।

ଧର୍ମ ପରାୟଣା ମହିଳାଙ୍କ ପରଲୋକ

ହାଟଡିହି:୩/୯ (ଅମୀୟ ବରାଳ) - ହାଟଡିହି ବ୍ଲକ

ପୀତବାସ ପଣ୍ଡା ହତ୍ୟା ମାମଲା

ଜେଲରୁ ବାହାରିଲେ ବିକ୍ରମ ଗଞ୍ଜାମ ରାଜନୀତି ସରଗରମ



ବ୍ରହ୍ମପୁର: ୦୩।୦୯ (ଅକ୍ଷର ଓଡ଼ିଶା) ବହୁ ଚର୍ଚ୍ଚିତ ଆଇନଯିବି ପୀତବାସ ପଣ୍ଡା ହତ୍ୟା ମାମଲା ର ମୁଖ୍ୟ ଅଭିଯୁକ୍ତ କୁହାଯାଉଥିବା ବ୍ରହ୍ମପୁର ର ପୂର୍ବତନ ବିଧାୟକ ତଥା ବିଜେଡ଼ି ନେତା ବିକ୍ରମ କୁମାର ପଣ୍ଡା ଙ୍କୁ ଗତ ଏକ ତାରିଖ ଦିନ ଉଚ୍ଚନ୍ୟାୟଳୟ ଙ୍କ ପକ୍ଷରୁ ସର୍ତ୍ତମୂଳକ ଜାମିନ ପ୍ରଦାନ କରାଯାଇଥିବା ବେଳେ ସେ ଜେଲ ରୁ ବାହାରିବା ସମୟରେ ବିଜୁଜନତା ଦଳ ଦର କିଛି ବରିଷ୍ଠ ନେତା ତଥା ଦେବୀପ୍ରସାଦ ମିଶ୍ର , ପ୍ରତାପ ଜେନା , ସଞ୍ଜୟ ଦାସ ବ୍ରମହା , ଶ୍ରୀକାନ୍ତ ସାହୁ , ଚନ୍ଦ୍ର ଶେଖର ସାହୁ , ସଂଘମିତ୍ରା ଦଳେଇ , ଇପ୍ସିତ ସାହୁ ଙ୍କ ସମେତ ଅନେକ ଯୁବ ନେତା ଏବଂ ବରିଷ୍ଠ ନେତା ମାନେ ଉପସ୍ଥିତ ରହି ଏକ ବିରାଟ ପଟୁଆର କରି ତଥା ଏକ ଶୋଭା ଯାତ୍ରା ମାଧ୍ୟମ ରେ ତାଙ୍କୁ ସ୍ୱାଗତ କରିବା ସହ ସହର ପରିକ୍ରମା କରିଥିବାର ଦେଖିବାକୁ ମିଳିଥିଲା । ତେବେ ଏହି ହାଇ ପ୍ରୋଫାଇଲ ମର୍ଡର କେସ କୁ ନେଇ ଏବେ ସବୁ ଆଡ଼େ ଚର୍ଚ୍ଚା ଜୋର ଧରିବାରେ ଲାଗିଥିବା ବେଳେ ! ଖଣି ଏବଂ ପରିବହନ ମନ୍ତ୍ରୀ ତଥା ଗୋପାଳପୁର ର ବିଧାୟକ ବିଭୁତି ଜେନା ଙ୍କ ବୟାନ ଏବେ ସବୁଆଡେ ଚର୍ଚ୍ଚା ର କେନ୍ଦ୍ର ବିନ୍ଦୁ ପାଲଟିଛି । କାରଣ ସେ ବିଜେଡ଼ି କୁ ଟାର୍ଗେଟ କରି କହିଛନ୍ତି ଯେ ବିକ୍ରମ ପଣ୍ଡା କୌଣସି ସ୍ୱାଧୀନତା ସଂଗ୍ରାମୀ ନୁହେଁ କି ସେ କୌଣସି ପ୍ରକାର ଗୌରବାନିତ କାମ ମଧ୍ୟ କରିନାହାନ୍ତି ଯେ ତାଙ୍କୁ ଏହି ଭଳି ଭାବେ ବିରାଟ ଶୋଭାଯାତ୍ରା କରି ସ୍ୱାଗତ କରୁଛ ସେ ଜଣେ ଦୋଷୀ ଏବଂ ସେ ସର୍ତ୍ତମୂଳକ ଜାମିନ ରେ ଆସିଛନ୍ତି ତେଣୁ ସେ କେଉଁ ମୁହୁର୍ତ ରେ ମଧ୍ୟ ପୁଣି ଥରେ ଜେଲ ଯାଇପାରନ୍ତି । ଆଉରି ମଧ୍ୟ ମନ୍ତ୍ରୀ କହିଛନ୍ତି ଆମ ବ୍ରହ୍ମପୁର ଭାଷା ରେ ଏ ମାନଙ୍କୁ ' ଅଲାଯୁଗ ' କୁହାଯାଏ ବୋଲି କହି କଟାକ୍ଷ କରିଛନ୍ତି । ତେବେ ମନ୍ତ୍ରୀଙ୍କ ଏହି ପ୍ରତିକ୍ରିୟା ପରେ ବିଜେଡ଼ି କହିଛି ଯେତେବେଳେ ମନ୍ତ୍ରୀ ଙ୍କ ଲୋକ ତଥା ବ୍ରହ୍ମପୁର ର ଯୁବ ବିଜେପି ନେତା ବି.ସୋମନାଥ ପାତ୍ର କିଛି ଦିନ ତଳେ ଜଣେ ନୀରିହ ପୋଲିସ ଅଧିକାରୀ ଙ୍କୁ ଗାଳିକରିବା ସହିତ ହାତଉଠେଇବା ଭଳି ସଂଗୀନ ଅଭିଯୋଗ ରେ ହାଜତ କୁ ଯାଇଥିଲେ ସେ ଜାମିନ ପାଇ ବାହାରିଲା ପରେ ତାଙ୍କୁ ଯେଉଁ ଭଳି ଭାବେ ବେଜେପି ପକ୍ଷରୁ ସ୍ୱାଗତ କରାଯାଇଥିଲା ସେଇଟା କେତେଦୂର ଠିକ ଏବଂ ସେ କଣ ସ୍ୱାଧୀନତା ସଂଗ୍ରାମୀ ଥିଲେ ନା ସେ କୌଣସି ପ୍ରକାର ପ୍ରଶଂସନୀୟ କାମ କରି ହାଜତ କୁ ଯାଇଥିଲେ ଯେ ତାଙ୍କୁ ଏହିପରି ଭାବେ ସ୍ୱାଗତ କରାଗଲା ବୋଲି ପ୍ରଶ୍ନ କରାଯାଇଛି । ତେବେ ସାଧାରଣ ରେ ମଧ୍ୟ ଏହି ଦୁଇ ଦଳର କଥା କଟାକଟି କୁ ଚର୍ଚ୍ଚା ଜୋର ହେବାରେ ଲାଗିଛି । ତେବେ ଆଗକୁ ଭାରତୀୟ ଜନତା ପାର୍ଟି ପକ୍ଷରୁ ହେଉ କିମ୍ବା ମନ୍ତ୍ରୀ ଙ୍କ ପକ୍ଷ ରୁ ହେଉ କଣ ପ୍ରତିଉତ୍ତର ମିଳୁଛି ଦେଖିବାକୁ ବାକିରହିଲା ।

ଶିକ୍ଷକ ନିଯୁକ୍ତି ଦାବୀରେ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଦାବୀ ପତ୍ର ଦେଲେ ଅଭିଭାବକ



ଆଠଗଡ଼,୩/୯ (ଅକ୍ଷର ଓଡ଼ିଶା)ନରସିଂହପୁର ବ୍ଲକ ଅନ୍ତର୍ଗତ ଆତଣ୍ଡା ପ୍ରାଥମିକ ବିଦ୍ୟାଳୟରେ ବର୍ଷ ବର୍ଷ ଧରି ଶିକ୍ଷକ ଅଭାବ ଲାଗି ରହିଥିବା ଅଭିଯୋଗ ହୋଇଛି । ଶିକ୍ଷକ ଅଭାବ ଯୋଗୁଁ ବିଦ୍ୟାଳୟର ଶିକ୍ଷାଦାନ ବ୍ୟବସ୍ଥା ପ୍ରଭାବିତ ହେଉଥିବାରୁ ତୁରନ୍ତ ଆବଶ୍ୟକ ସଂଖ୍ୟକ ଶିକ୍ଷକ ନିଯୁକ୍ତି କରିବାକୁ ଦାବୀ ହୋଇଛି ।ଏନେଇ ସ୍ଥାନୀୟ ଅଭିଭାବକ ଓ ଗ୍ରାମବାସୀଙ୍କ ପକ୍ଷରୁ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଏକ ଦାବୀ ପତ୍ର ପ୍ରଦାନ କରାଯାଇଛି ।ବିଦ୍ୟାଳୟରେ ଆବଶ୍ୟକ ଶିକ୍ଷକ ନିଯୁକ୍ତି କରାଗଲେ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ଉନ୍ନତି ଆସିବ ବୋଲି ଅଭିଭାବକମାନେ ଆଶା ପ୍ରକାଶ କରିଛନ୍ତି । ସରକାରୀ ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଅଭାବ ଦୂର କରିବା ଓ ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ଯୋଗାଇଦେବା ଦିଗରେ ଶୀଘ୍ର ପଦକ୍ଷେପ ନେବାକୁ ଦାବୀ ହୋଇଛି ।

ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ

ସୁବର୍ଣ୍ଣପୁର:୩/୦୯ (ସଂଗ୍ରାମ ମହାପାତ୍ର) ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କନଫରେନ୍ସ ହଲଠାରେ ମାନନୀୟ ବଲାଙ୍ଗୀର ସାଂସଦ ଶ୍ରୀମତୀ ସଙ୍ଗୀତା କୁମାରୀ ସିଂହ ଦେଓଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ବିକାଶ ସମନ୍ୱୟ ଓ ନିରୀକ୍ଷଣ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଜିଲ୍ଲାର ବିଭିନ୍ନ ବିକାଶମୂଳକ କାର୍ଯ୍ୟ ଓ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ ନେଇ ସମୀକ୍ଷା କରାଯାଇଥିଲା ।ବୈଠକରେ ମାନନୀୟ ବୀରମହାରାଜପୁର ବିଧାୟକ, ଇଞ୍ଜିନିୟର ରଘୁନାଥ ଜଗଦଲା, ଭାରପ୍ରାପ୍ତ ଜିଲ୍ଲାପାଳ ଶ୍ରୀ ରାଜେନ୍ଦ୍ର ମାଝୀ, ଅନ୍ୟାନ୍ୟ ଅଧିକାରୀ ଓ ସମସ୍ତ ଲାଇନ ବିଭାଗର ଅଧିକାରୀମାନେ ବୈଠକରେ ଉପସ୍ଥିତ ଥିଲେ ।ବୈଠକରେ ସମସ୍ତ ଲାଇନ ବିଭାଗ ପକ୍ଷରୁ ନିଜ ନିଜ ବିଭାଗର କାର୍ଯ୍ୟ ପ୍ରଗତି ସମ୍ପର୍କରେ ସୂଚନା ଉପସ୍ଥାପନ କରାଯାଇଥିଲା । ସାଂସଦ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିବା ସହ ଅସମ୍ପୂର୍ଣ୍ଣ ଓ ଆବଶ୍ୟକତା ଥିବା କାର୍ଯ୍ୟଗୁଡ଼ିକୁ ଶୀଘ୍ର ସମ୍ପାଦନ କରିବା ନିମନ୍ତେ ସମ୍ପୃକ୍ତ ବିଭାଗଗୁଡ଼ିକୁ ଆବଶ୍ୟକ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

ସାତକୋଶିଆରେ ଅଚଳାବସ୍ଥା ପରିସ୍ଥିତି

ବନ୍ତଳା ୦୩/୦୯(ଅକ୍ଷର ଓଡ଼ିଶା) ଅନୁଗୋଳ ହ ସାତକୋଶିଆରେ ଅଚଳାବସ୍ଥା ପରିସ୍ଥିତି । ଆଣ୍ଠି ପୋଚିଂ ସ୍କ୍ୱାର୍ଡଙ୍କ ଆନ୍ଦୋଳନ ପାଇଁ ଏବେ ଏହି ଅଚଳାବସ୍ଥା ପରିସ୍ଥିତି । ସୂଚନା ଅନୁସାରେ ଅନୁଗୋଳ ଜିଲ୍ଲା ସାତକୋଶିଆ ଅଭୟାରଣ୍ୟରେ ଜଙ୍ଗଲ ସୁରକ୍ଷା ଓ ବନ୍ୟଜନ୍ତୁ ସୁରକ୍ଷା ପାଇଁ ପ୍ରାୟ ୩୦୦ ରୁ ଉର୍ଦ୍ଧ୍ୱ ସ୍ଥାନୀୟ ବାସିନ୍ଦାଙ୍କୁ ଆଣ୍ଠି ପୋଚିଂ ସ୍କ୍ୱାର୍ଡ ଭାବେ ନିଯୁକ୍ତି ଦିଆ ଯାଇଛି । ଦିନ ରାତି ଏହି ଆଣ୍ଠି ପୋଚିଂ ସ୍କ୍ୱାର୍ଡର ସଦସ୍ୟ ମାନେ ସାତକୋଶିଆ ଜଙ୍ଗଲକୁ ଜଗାରଖା କରିଥାନ୍ତି । ହେଲେ ଗତ ୫ ମାସ ହେଲା ଏହି ଆଣ୍ଠି ପୋଚିଂ ସ୍କ୍ୱାର୍ଡଙ୍କୁ ଦରମା ମିଳିନି । ଫଳରେ ସେମାନଙ୍କ ଦୈନନ୍ଦିନ ଚଳଣି କଷ୍ଟକର ହୋଇ ପଡୁଛି । ପିଲା ମାନଙ୍କ ପାଠପଢ଼ା ପାଇଁ ମଧ୍ୟ ଖାତାପତ୍ର ଯୋଗାଇବା କାଠିକର ହୋଇଛି । ଏଥିପାଇଁ ସେମାନଙ୍କ ଦରମା ଦେବାକୁ ବାରମ୍ବାର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ଗୁହାରି କରିଛନ୍ତି । ହେଲେ ଫଳ ଶୂନ୍ୟ । ଏଣୁ ବାଧ ହୋଇ ସେମାନେ ଆନ୍ଦୋଳନକୁ ଓଲ୍ହାଇଛନ୍ତି । ଆଜି ୫ ମାସର ବକେୟା ଦରମା ଦାବି କରି ସେମାନେ ଶୋଭାଯାତ୍ରାରେ ସହର ଦେଇ ଜଉଡର ଅଫିସ ଆଗରେ ବିକ୍ଷୋଭ କରିଥିଲେ । ତୁରନ୍ତ ସେମାନଙ୍କ ବକେୟା ଦରମା ଯୋଗାଇ ଦେବାକୁ ଜଉଡର ଅଫିସ ଫାଟକ ଆଗରେ ବସି ରହିଥିଲେ । ସେପଟେ ଏହି ବକେୟା ଦରମା ବାବଦରେ ସାତକୋଶିଆ ଡି ଏଫ ଓ କହିଛନ୍ତି ଯେ ଆଣ୍ଠି ପୋଚିଂ ସ୍କ୍ୱାର୍ଡଙ୍କ ଦରମା ବିଭିନ୍ନ ହେଡରୁ ଦିଆ ଯାଇଥାଏ ।

ଚାରିଚ୍ଛକ ମେଡିକାଲ ବାହାରେ ଅନ୍ଧାର, ଷ୍ଟ୍ରିଟ୍ ଲାଇଟ୍ ଅଚଳ

କାଗଜପତ୍ରରେ ସବୁ ସଚଳ



ନିମାପଡ଼ା, ୦୩/୦୯(ଅକ୍ଷର ଓଡ଼ିଶା): ପୁରୀ ଜିଲ୍ଲାର ଦ୍ୱିତୀୟ ବୃହତ୍ତମ ଚିକିତ୍ସାଳୟ ଭାବେ ପରିଚିତ ଚାରିଚ୍ଛକ ମେଡିକାଲର ଅବ୍ୟବସ୍ଥାକୁ ନେଇ ଏବେ ଅଞ୍ଚଳରେ ଅସନ୍ତୋଷ ତୀବ୍ର ହୋଇଛି । ମେଡିକାଲ ପରିସର ବାହାରେ ଷ୍ଟ୍ରିଟ୍ ଲାଇଟ୍ ଅଚଳ ହୋଇ ପଡ଼ିଥିବାରୁ ସନ୍ଧ୍ୟା ପରେ ଅନ୍ଧାରରେ ରୋଗୀ ଓ ସମ୍ପର୍କୀୟମାନେ ଯାତାୟାତ କରୁଛନ୍ତି । ଅନ୍ୟପଟେ କାଗଜପତ୍ରରେ ବିଭିନ୍ନ ବ୍ୟବସ୍ଥା ସଚଳ ଥିବା ନେଇ ପ୍ରଶ୍ନ ଉଠିଛି ।ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ମେଡିକାଲ ପ୍ରତିବର୍ଷ 'କାୟାକଳ୍ପ' ଯୋଜନାରେ ପୁରସ୍କୃତ ହେଉଥିବା ସହ ଏଥିପାଇଁ ଲକ୍ଷ ଲକ୍ଷ ଟଙ୍କାର ଅନୁଦାନ ଆସୁଛି । କିନ୍ତୁ ମେଡିକାଲର ଭିତ୍ତିଭୂମି ଓ ପରିମଳ ବ୍ୟବସ୍ଥାର ବାସ୍ତବ ଚିତ୍ର ଏହାଠାରୁ ଭିନ୍ନ ବୋଲି ଅଭିଯୋଗ ହେଉଛି ।ମେଡିକାଲର ପୁରୁଣା କୋଠାରେ ବର୍ଷା ଦିନେ ପାଣି ଗଳୁଥିବା ଅଭିଯୋଗ ହୋଇଛି । ମେଡିକାଲ ସମ୍ମୁଖରେ ନିର୍ମିତ ପାର୍କ ମଧ୍ୟ ରକ୍ଷଣାବେକ୍ଷଣ ଅଭାବରୁ ଘାସ ଓ ଲଟାରେ ପରିପୂର୍ଣ୍ଣ ହୋଇପଡ଼ିଛି । ମେଡିକାଲ ଭିତରେ ଓ ବାହାରେ ଅଳିଆ ଆବର୍ଜନା ଜମି ରହୁଥିବାରୁ ପରିମଳ ବ୍ୟବସ୍ଥାକୁ ନେଇ ମଧ୍ୟ ଲୋକେ ପ୍ରଶ୍ନ ଉଠାଇଛନ୍ତି ।ଅଭିଯୋଗ ଆହୁରି ଗୁରୁତର ହେଉଛି ଯେ, ମେଡିକାଲର ଜଣେ ଦୀର୍ଘଦିନର କିରାଣୀ କର୍ମଚାରୀଙ୍କୁ ନେଇ ମଧ୍ୟ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି । ପ୍ରତିବର୍ଷ କାୟାକଳ୍ପ ଯୋଜନାରେ ମେଡିକାଲକୁ ଶ୍ରେଷ୍ଠ ସ୍ଥାନରେ ରଖିବା ପାଇଁ ଭିତ୍ତିଭୂମି ସଜାସଜ୍ଜା ଓ ଅନ୍ୟାନ୍ୟ ବ୍ୟବସ୍ଥା କରାଯାଉଥିବା ବେଳେ ଏହାର ବାସ୍ତବ ଉପଯୋଗିତା ନେଇ ସ୍ଥାନୀୟ ଲୋକେ ତଦନ୍ତ ଦାବି କରିଛନ୍ତି ।କିରାଣୀ ଓ ଅଧିକାରୀମାନଙ୍କ ପାଇଁ ଶୀତତାପ ନିୟନ୍ତ୍ରିତ କୋଠରୀର ବ୍ୟବସ୍ଥା ଥିବା ବେଳେ ଜଣେ ରୋଗୀ ବର୍ଷା ପାଣିରେ ଭିଜିବା ଘଟଣା ମେଡିକାଲର ବ୍ୟବସ୍ଥାପନା ଉପରେ ପ୍ରଶ୍ନଚିହ୍ନ ଲଗାଇଛି ବୋଲି ଅଞ୍ଚଳବାସୀ କହିଛନ୍ତି ।୧୯୮୧ ମସିହାରେ ମାତ୍ର ୩୦ ଶଯ୍ୟା ବିଶିଷ୍ଟ ଭାବେ ଆରମ୍ଭ ହୋଇଥିବା ଏହି ମେଡିକାଲର ଆବଶ୍ୟକତା ଅନୁଯାୟୀ ବିକାଶ ହୋଇପାରିନଥିବା ଅଭିଯୋଗ ହୋଇଛି । ଶଯ୍ୟା, ଭିତ୍ତିଭୂମି, ପରିମଳ ଓ ରୋଗୀ ସେବା ସମ୍ପର୍କିତ ବିଭିନ୍ନ ବ୍ୟବସ୍ଥା କାଗଜପତ୍ରରେ ସୀମିତ ରହିଯାଇଥିବା ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି ।ଏହି ସମସ୍ତ ଅଭିଯୋଗର ନିରପେକ୍ଷ ତଦନ୍ତ କରି କାୟାକଳ୍ପ ଯୋଜନାରେ ମିଳୁଥିବା ଅର୍ଥର ସଠିକ୍ ବିନିଯୋଗ ହୋଇଛି କି ନାହିଁ, ମେଡିକାଲର ଷ୍ଟ୍ରିଟ୍ ଲାଇଟ୍, ପରିମଳ, ପାର୍କ ଓ ପୁରୁଣା କୋଠାର ସ୍ଥିତି ଯାଞ୍ଚ କରିବା ସହ ରୋଗୀମାନଙ୍କୁ ଉନ୍ନତ ସେବା ଯୋଗାଇବାକୁ ଦାବି ହୋଇଛି ।ଏଥିପ୍ରତି ପୁରୀ ଜିଲ୍ଲା ପ୍ରଶାସନ ଓ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ ତୁରନ୍ତ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ନେବାକୁ ସ୍ଥାନୀୟ ଜନସାଧାରଣ ଓ ଚାରିଚ୍ଛକ ବିକାଶ ପରିଷଦ ଦାବି କରିଛି ।

ଚମ୍ପୁଆ ଶାସନରେ ଜନ୍ମାଷ୍ଟମୀ କଳସ ଯାତ୍ରା



କେନ୍ଦୁଝର ,ଚମ୍ପୁଆ, ୩/୯/୨୬ : (ରାଜକିଶୋର ଶତପଥି)କେନ୍ଦୁଝର ଜିଲ୍ଲାର ଚମ୍ପୁଆ ବୀର ଧନୁର୍ଜୟ ନାରାୟଣ ପୁର ଶାସନରେ ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମାଷ୍ଟମୀ ଉପଲକ୍ଷେ ଆୟୋଜିତ କଳସ ଯାତ୍ରା ବହୁତ ଧୂମଧାମ ଓ ଭକ୍ତିଭରା ପରିବେଶରେ ପାଳିତ ହୋଇଛି । ସ୍ଥାନୀୟ ବାସିନ୍ଦା, ଭକ୍ତ ଓ ଯୁବପିଢ଼ିଙ୍କ ବିପୁଳ ସମାଗମରେ ଏହି ପବିତ୍ର ଅନୁଷ୍ଠାନ ସମ୍ପନ୍ନ ହୋଇଛି ।ପ୍ରଭାତ ୮ ଟାରୁ ଆରମ୍ଭ ହୋଇଥିବା ଏହି କଳସ ଯାତ୍ରାରେ ଭକ୍ତମାନେ ହାତରେ କଳସ ଧରି ଶ୍ରୀକୃଷ୍ଣଙ୍କ ନାମ ସଙ୍କୀର୍ତ୍ତନ କରି ଶୋଭାଯାତ୍ରା କରିଥିଲେ । ଯାତ୍ରାରେ ଢୋଲ, ମୃଦଙ୍ଗ, କରତାଳ ଓ ହରିନାମ ସଙ୍କୀର୍ତ୍ତନର ଧ୍ୱନିରେ ପୂରା ଅଞ୍ଚଳ ମୁଖରିତ ହୋଇଉଠିଥିଲା ।ମୁଖ୍ୟ ପୂଜାରୀ ଜୋହାରୀ ମିଶ୍ରଙ୍କ ଦ୍ୱାରା ପୂଜା ଆରମ୍ଭ ହୋଇଥିଲା ଅବିନାଶ ମିଶ୍ରଙ୍କ ତତ୍ତ୍ୱାବଧାନରେ ସମଗ୍ର ଆୟୋଜନ ସୁଚାରୁ ରୂପେ ପରିଚାଳିତ ହୋଇଛି । । ଜନ୍ମାଷ୍ଟମୀ ମଣ୍ଡପ ପ୍ରାଙ୍ଗଣରେ ବିଶେଷ ପୂଜା, ଆରତୀ ଓ ପ୍ରସାଦ ବଣ୍ଟନ କରାଯାଇଥିଲା । ଉପସ୍ଥିତ ଭକ୍ତମାନେ ଶ୍ରୀକୃଷ୍ଣଙ୍କ ଆଶୀର୍ବାଦ ପ୍ରାର୍ଥନା କରିଥିଲେ ଏବଂ ସମାଜରେ ଶାନ୍ତି, ସଦ୍ଭାବ ଓ ସମୃଦ୍ଧି କାମନା କରିଥିଲେ ।ଅମିତ ପଣ୍ଡା, ଅଙ୍କିତ ମିଶ୍ର, ସତ୍ୟନାରାୟଣ ମିଶ୍ର ଏହି କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରମୁଖ ଭୂମିକା ବହନ କରୁଛନ୍ତି । ଆସନ୍ତା ୪ ଦିନ ଧରି ଏହି କାର୍ଯ୍ୟକ୍ରମ ଚାଲୁ ରହିବ। ଆୟୋଜକମାନେ କହିଛନ୍ତି ଯେ ପ୍ରତିବର୍ଷ ପରି ଏବର୍ଷ ମଧ୍ୟ କଳସ ଯାତ୍ରା ବହୁତ ସୁନ୍ଦର ଭାବେ ପାଳିତ ହୋଇଛି । ଏଥିରେ ସମସ୍ତ ବର୍ଗର ଲୋକଙ୍କ ସହଭାଗିତା ରହିଥିବାରୁ ଏହା ଆହୁରି ସୁନ୍ଦର ହୋଇପାରିଛି । ଏହି ପବିତ୍ର ଅବସରରେ ଚମ୍ପୁଆ ଶାସନ ବାସିନ୍ଦା ସମସ୍ତଙ୍କୁ ଜନ୍ମାଷ୍ଟମୀର ଶୁଭେଚ୍ଛା ଜଣାଇଛନ୍ତି ଏବଂ ଭଗବାନ ଶ୍ରୀକୃଷ୍ଣଙ୍କ କୃପା ସମସ୍ତଙ୍କ ଉପରେ ବର୍ଷିତ ହେଉ ବୋଲି ପ୍ରାର୍ଥନା କରିଛନ୍ତି ।

୫ ତାରିଖରେ ୟୁଟିଆ ୩୨ତମ 'ଗୁରୁ ସମ୍ବର୍ଦ୍ଧନା ଉତ୍ସବ' ପାଳନ କରିବ



ଭୁବନେଶ୍ୱର:୦୩/୦୯(ଅକ୍ଷର ଓଡ଼ିଶା) – ମିଳିତ ଶିକ୍ଷକ ଓ କର୍ମଚାରୀ ସଂଘ (ୟୁଟିଆ),ଓଡିଶାର ୩୨ତମ ବାର୍ଷିକ 'ଗୁରୁ ସମ୍ବର୍ଦ୍ଧନା ଉତ୍ସବ' ଚଳିତ ମାସ ୫ତାରିଖ ପ୍ରିତ୍ର ଗୁରୁଦିବସ ଦିନ ପୂର୍ବାହ୍ନ ଦିବା ୧୧ ଘଟିକା ସମୟରେ ସ୍ଥାନୀୟ ଗୀତ ଗୋବିନ୍ଦ ସଦନଠାରେ ଅନୁଷ୍ଠିତ ହେବ । ଏହି କାର୍ଯ୍ୟକ୍ରମରେ ପଦ୍ମଶ୍ରୀ ବାବା ବଳିଆ ଉଦ୍‌ଘାଟକ ଭାବେ ଯୋଗଦେବାର କାର୍ଯ୍ୟକ୍ରମ ସ୍ଥିରୀକୃତ ହୋଇଥିବା ବେଳେ, ଓଡିଶା ସରକାରଙ୍କ ସ୍କୁଲ ଏବଂ ଗଣଶିକ୍ଷା ବିଭାଗର ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମୁଖ୍ୟ ଅତିଥି, ଆଇନ ମନ୍ତ୍ରୀ ପୃଥିରାଜ ହରିଚନ୍ଦନ ମୁଖ୍ୟ ବକ୍ତା, ଓଡିଶା ସରକାରଙ୍କର ଶିକ୍ଷା ବିଭାଗର ପ୍ରାକ୍ତନ ଗଣଶିକ୍ଷା ନିର୍ଦ୍ଦେଶକ ଡଃ. ଶରତ କୁମାର ବିଶ୍ୱାଳ ସମ୍ମାନିତ ଅତିଥି ଏବଂ ଓଡିଶା ଆର୍ଯ୍ୟ ସମାଜର ଅଧକ୍ଷ ଡଃ. ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ର ସମ୍ମାନିତ ଅତିଥି ଭାବେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି । ଏହି ଉତ୍ସବରେ ରାଜ୍ୟର ବିଭିନ୍ନ କୋଣ ଅନୁକୋଣରୁ ୬୦ଜଣ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କୁ ଏହି କାର୍ଯ୍ୟକ୍ରମରେ ରାଜ୍ୟର ଶିକ୍ଷା ବ୍ୟବସ୍ଥାର ଉନ୍ନତି ଓ ଛାତ୍ରଛାତ୍ରୀ ମାନଙ୍କର ସାମଗ୍ରୀକ ବିକାଶ ନିମନ୍ତେ ନୂତନ ସରକାରଙ୍କ ଦୃଷ୍ଟି ଆକର୍ଷଣ ନିମନ୍ତେ ନିମ୍ନଲିଖିତ ପ୍ରସ୍ତାବମାନ ଦିଆଯିବ । ପୂର୍ଣ ଅନୁଦାନ ପ୍ରାପ୍ତ ବିଦ୍ୟାଳୟ ଗୁଡିକୁ ସରକାରୀ କରଣର ବ୍ୟବସ୍ଥା । ମାଧ୍ୟମିକ ଶିକ୍ଷକ ମାନଙ୍କର କ୍ୟାଡର ପୁନଃ ଗଠନ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଏବଂ ଶିକ୍ଷୟିତ୍ରୀ ମାନଙ୍କର ଦରମା, ପ୍ରଧାନଶିକ୍ଷକ ହାରରେ ଦରମା ଓ ଅବସରକାଳୀନ ପ୍ରାପ୍ୟପ୍ରଦାନ, ସମସ୍ତ ଉନ୍ନିତ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ମାନଙ୍କର ପଦବୀକୁ ଲେଭେଲ-୨, ଓ.ଇ.ଇ.ଏସ୍ ରୁପେ ଘୋଷଣା। ଅନୁଦାନପ୍ରାପ୍ତ ସମସ୍ତ ପ୍ରାଥମିକ ଓ ଉଚ୍ଚପ୍ରାଥମିକ ବିଦ୍ୟାଳୟକୁ ସରକାରୀ ରୁପେ ଘୋଷଣା। ୩୦ଗୋଟି ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ପଦବୀରେ ପ୍ରାଥମିକ କ୍ୟାଡର ରୁଲ୍ ଅନୁସାରେ ପଦୋନ୍ନତି ପ୍ରଦାନ । ସମସ୍ତ ପ୍ରାଥମିକ ଶିକ୍ଷକ ନିଯୁକ୍ତିରେ ମୂଳ ଦରମା ଲେଭେଲ-୯ ରେ ଧାର୍ଯ୍ୟ । ସମସ୍ତ ହିନ୍ଦୀ, ସଂସ୍କୃତ, ପି.ଇ.ଟି ଶିକ୍ଷକ ମାନଙ୍କର ରାଜ୍ୟ ସ୍ତରୀୟ କ୍ୟାଡର। ପ୍ରାଥମିକ ସ୍ତରରେ ପ୍ରତ୍ୟେକ ବିଦ୍ୟାଳୟରେ ପ୍ରତ୍ୟେକ ଶ୍ରେଣୀପାଇଁ ଶିକ୍ଷକ ନିଯୁକ୍ତି । ୧୯୪ ସ୍କିମର ଉଚ୍ଚବିଦ୍ୟାଳୟ ମାନଙ୍କୁ ଅନୁଦାନ ପ୍ରଦାନର ତୁରନ୍ତ ବ୍ୟବସ୍ଥା । ଅବସର ନେଉଥିବା ସମସ୍ତ ଶିକ୍ଷକ, ଶିକ୍ଷୟତ୍ରି ଓ ଶିକ୍ଷା କର୍ମଚାରୀ ମାନଙ୍କୁ ପେନସନ ଦେବାର ବ୍ୟବସ୍ଥା । ୬୧୦ ସ୍କିମର ପୂର୍ଣ୍ଣ ଅନୁଦାନପ୍ରାପ୍ତ ବିଦ୍ୟାଳୟ ମାନଙ୍କର ସପ୍ତମ ବେତନ କମିଶନର ବକେୟା ୨୧ ମାସର ଦରମା ପ୍ରଦାନ ଆଦି ସରକାରଙ୍କ ଦୃଷ୍ଟିକୁ ଅଣାଯିବ ବୋଲି ଏହି ସାମ୍ବାଦିକ ସମ୍ମିଳନୀରେ ୟୁଟିଆ ସଭାପତି ଡଃ. ଉପେନ୍ଦ୍ର ସାହୁ, ସାଧାରଣ ସମ୍ପାଦକ ପ୍ରଣବ ରାଉତରାୟ କହିଥିଲେ। ଏହି ସାମ୍ବାଦିକ ସମ୍ମିଳନୀରେ କାର୍ଯ୍ୟକାରୀ ସଭାପତି ଡଃ. ଅର୍ଜୁନ ବିଶ୍ୱାଳ, ଉପସଭାପତି କୈଳାଶ ଚନ୍ଦ୍ର ମିଶ୍ର, କୋଷାଧ୍ୟକ୍ଷ ଗଙ୍ଗାଧର ସେନାପତି କାର୍ଯ୍ୟକାରୀ କମିଟିର ମୁଖ୍ୟ ସଂଯୋଜକ ଶରତ ପାଇକରାୟ, କାର୍ଯ୍ୟକାରୀ ସଭ୍ୟ ବିଜୟ ପଲେଇ, ପବିତ୍ର ମୋହନ ଦାଶ, ଶିବ ପ୍ରସାଦ ବଳ, ସୁରେନ୍ଦ୍ରନାଥ ପଣ୍ଡା, ଲକ୍ଷ୍ମୀ

ଅବହେଳିତ ଜୟନ୍ତିପୁର ସ୍କୁଲ ସାହି

ମୌଳିକ ସୁବିଧା ପାଇଁ ବର୍ଷ ବର୍ଷ ଧରି ହନ୍ତସନ୍ତ ଲୋକେ



ପାତ୍ରପୁର ୦୩/୦୯(ଅକ୍ଷର ଓଡ଼ିଶା) : ସରକାରଙ୍କ ପକ୍ଷରୁ ଗାଁ ଗାଁରେ ବିକାଶର ଚିତ୍ର ଦେଖାଯାଉଛି। କିନ୍ତୁ ବିକାଶର ଏହି ଚିତ୍ରଠାରୁ ଯେପରି ଦୂରରେ ରହିଯାଇଛି ଗଞ୍ଜାମ ଜିଲ୍ଲା ପାତ୍ରପୁର ବ୍ଲକ ଅନ୍ତର୍ଗତ ଜୟନ୍ତିପୁର ପଞ୍ଚାୟତର ସ୍କୁଲ ସାହି। ବର୍ଷ ବର୍ଷ ଧରି ମୌଳିକ ସୁବିଧାରୁ ବଞ୍ଚିତ ଏହି ସାହିବାସୀଙ୍କ ଦୁର୍ଦ୍ଦଶା ଏବେ ପ୍ରଶାସନିକ ଅବହେଳାର ଚିତ୍ର ସାମ୍ନାକୁ ଆଣିଛି।ସାହିର ରାସ୍ତାର ଅବସ୍ଥା ଅତ୍ୟନ୍ତ ଦୟନୀୟ। ଦୀର୍ଘଦିନ ଧରି ମରାମତି ହୋଇନଥିବାରୁ ରାସ୍ତାରେ ସୃଷ୍ଟି ହୋଇଛି ଅନେକ ଖାଲଖମା। ବର୍ଷା ହେଲେ ରାସ୍ତାରେ ପାଣି ଓ କାଦୁଅ ଜମି ଯାତାୟାତ ଦୁର୍ବିଷହ ହୋଇପଡୁଛି। ଏହି ରାସ୍ତା ଦେଇ ପ୍ରତିଦିନ ଛାତ୍ରଛାତ୍ରୀଙ୍କ ସମେତ ସାହିବାସୀ ଯାତାୟାତ କରୁଥିବାରୁ ସମସ୍ୟା ଆହୁରି ଗମ୍ଭୀର ହୋଇଛି।ବର୍ଷା ହେଲେ ରାସ୍ତା ନା ଦୁର୍ଦ୍ଦଶାର ଚିତ୍ରସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ସାମାନ୍ୟ ବର୍ଷା ହେଲେ ରାସ୍ତାରେ କାଦୁଅ ଓ ପାଣି ଜମି ରହୁଛି। ଫଳରେ ଛୋଟ ପିଲା, ବୃଦ୍ଧବୃଦ୍ଧା ଓ ଅନ୍ୟ ସାହିବାସୀଙ୍କ ଯାତାୟାତରେ ସମସ୍ୟା ସୃଷ୍ଟି ହେଉଛି। ଖାଲଖମା ଭର୍ତ୍ତି ରାସ୍ତାରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ରହୁଛି।ସବୁଠାରୁ ବଡ଼ ସମସ୍ୟା ହେଉଛି ଡ୍ରେନେଜ୍ ବ୍ୟବସ୍ଥା। ଉପଯୁକ୍ତ ନିଷ୍କାସନ ବ୍ୟବସ୍ଥା ନଥିବାରୁ ଅପରିଷ୍କାର ପାଣି ରାସ୍ତା ଉପରେ ଜମି ରହୁଛି। ଏହା ଫଳରେ ପରିବେଶ ଦୂଷିତ ହେବ ସହ ସ୍ଥାନୀୟ ଲୋକଙ୍କ ମଧ୍ୟରେ ରୋଗବ୍ୟାଧିକୁ ନେଇ ଚିନ୍ତା ବଢ଼ିଛି।ଗୁହାରି ପରେ ଗୁହାରି, ତଥାପି ସମାଧାନ କେବେସାହିବାସୀଙ୍କ କହିବା ଅନୁଯାୟୀ, ରାସ୍ତା ଓ ଡ୍ରେନେଜ୍ ସମସ୍ୟା ସମ୍ପର୍କରେ ସ୍ଥାନୀୟ ଜନପ୍ରତିନିଧି ଓ ପ୍ରଶାସନଙ୍କୁ ବାରମ୍ବାର ଅବଗତ କରାଯାଇଛି। ତଥାପି ଏଯାଏଁ ସମସ୍ୟାର ସ୍ଥାୟୀ ସମାଧାନ ହୋଇନଥିବା ଅଭିଯୋଗ ହୋଇଛି।ସାହିବାସୀଙ୍କ ପ୍ରଶ୍ନ— ନିର୍ବାଚନ ସମୟରେ ଭୋଟ ପାଇଁ ପ୍ରତିଶ୍ରୁତି ଦିଆଯାଏ, ହେଲେ ନିର୍ବାଚନ ପରେ ମୌଳିକ ସମସ୍ୟା ସମାଧାନ ପାଇଁ ପ୍ରଶାସନର ଦୃଷ୍ଟି କାହିଁକି ପଡୁନାହିଁବିକାଶ ପାଇଁ ସରକାରୀ ଯୋଜନା ଓ ବଜେଟ୍ ଥିବା ସତ୍ତ୍ୱେ ଏକ ଗାଁର ରାସ୍ତା ଓ ଡ୍ରେନେଜ୍ ଭଳି ମୌଳିକ ସମସ୍ୟା କାହିଁକି ବର୍ଷ ବର୍ଷ ଧରି ସମାଧାନ ହୋଇପାରୁନାହିଁ—ଏହାକୁ ନେଇ ଏବେ ପ୍ରଶ୍ନ ଉଠିଛି।ବିକାଶର ନାରା, ନା ତୃଣମୂଳର ବାସ୍ତବତାଗୋଟିଏ ପଟେ ସରକାର ଗ୍ରାମାଞ୍ଚଳର ବିକାଶ ଓ ମୌଳିକ ସୁବିଧା ପ୍ରଦାନର କଥା କହୁଛନ୍ତି। ଅନ୍ୟପଟେ ଜୟନ୍ତିପୁର ସ୍କୁଲ ସାହିର ଏହି ଚିତ୍ର ତୃଣମୂଳ ସ୍ତରର ବାସ୍ତବତାକୁ ନେଇ ପ୍ରଶ୍ନ ଉଠାଇଛି।ସ୍ଥାନୀୟ ଲୋକେ ଚାହୁଁଛନ୍ତି— ରାଜନୈତିକ ପ୍ରତିଶ୍ରୁତି ନୁହେଁ, ଏବେ ଆବଶ୍ୟକ ଠୋସ୍ ପଦକ୍ଷେପ। ରାସ୍ତାର ମରାମତି, ନିଷ୍କାସନ ବ୍ୟବସ୍ଥା ଓ ସାହିର ମୌଳିକ ସମସ୍ୟାର ସ୍ଥାୟୀ ସମାଧାନ ଦାବି କରିଛନ୍ତି ସାହିବାସୀ।ସମାଧାନ ନହେଲେ ଆନ୍ଦୋଳନର ଚେତାବନୀସ୍ଥାନୀୟ ପ୍ରଶାସନ ତୁରନ୍ତ ଏହି ସମସ୍ୟା ଉପରେ ଦୃଷ୍ଟି ଦେଇ ସ୍ଥଳ ପରିଦର୍ଶନ କରିବା ସହ ଆବଶ୍ୟକ ପଦକ୍ଷେପ ନେଉ—ଏହି ଦାବି ଉଠିଛି। ନଚେତ ଆଗାମୀ ଦିନରେ ଜୟନ୍ତିପୁର ସ୍କୁଲ ସାହିବାସୀ ବ୍ଲକ କାର୍ଯ୍ୟାଳୟ ଘେରାଉ କରିବା ସହ ରାଜରାସ୍ତାକୁ ଓହ୍ଲାଇବାକୁ ଚେତାବନୀ ଦେଇଥିବା ଜଣାପଡ଼ିଛି।ଏବେ ପ୍ରଶ୍ନ ହେଉଛି— ବିକାଶର ଡିଣ୍ଡିମ ମଧ୍ୟରେ ଜୟନ୍ତିପୁରର ଏହି ଅବହେଳିତ ସାହିର ଦୁର୍ଦ୍ଦଶା କେବେ ଦୂର ହେବ ସାହିବାସୀଙ୍କ ମୌଳିକ ଅଧିକାର ପାଇଁ କେବେ ଜାଗିବ ପ୍ରଶାସନଜନତା ଉତ୍ତର ନୁହେଁ, ଏବେ ସମାଧାନ ଚାହୁଁଛନ୍ତି।

ପାହାଡିଆ ନାଳର ଚୁଆ ପାଣି ଉପରେ ୨୦୦ ଲୋକଙ୍କ ଭରସା



ପାରଳାଖେମୁଣ୍ଡି, ୩/୯(ତାରିଣୀ ପ୍ରସାଦ ପଣ୍ଡା): ପ୍ରବଳ ବର୍ଷାରେ ଓଡିଶାର ବିଭିନ୍ନ ଅଞ୍ଚଳରେ ବନ୍ୟା ବ୍ୱିଭି ଦେଖା ଦେଇଥିବା ବେଳେ ଗଜପତିରେ ଜଳାଭାବ ଦେଖା ଦେଇଛି. ଗଜପତି ଜିଲ୍ଲାର ସମ୍ୟଲପୁର ପଞ୍ଚାୟତର ଦୁର୍ଗମ ବନ ପାହାଡ଼ ଘେରା ଯାଜପୁର ଗ୍ରାମରେ ବର୍ତ୍ତମାନ ପାନୀୟ ଜଳର ଘୋର ଅଭାବ ପରିଲକ୍ଷିତ ହୋଇଛି. ଏହି ଗ୍ରାମରେ ବସବାସ କରୁଥିବା ୨୦୦ ରୁ ଉର୍ଦ୍ଧ୍ୱ ଲୋକଙ୍କ ପିଇବା ପାଣି ପାଇଁ ପାହାଡିଆ ନାଳର ଚୁଆ ପାଣି ଉପରେ ଲୋକେ ଭରସା କରି ଜୀବନଯାପନ କରୁଥିବା ସୂଚନା ମିଳିଛି. ଦୁର୍ଗମ ଯାଜପୁର ଗାଁର ଲୋକଙ୍କ ପାଇଁ ପାନୀୟଜଳ ଏବେ ବି ଏକ ବଡ଼ ସମସ୍ୟା ହୋଇ ରହିଛି। ପ୍ରାୟ ୨୦୦ ଜନବସତି ଥିବା ଏହି ଗାଁରେ ଆଜି ପର୍ଯ୍ୟନ୍ତ ସ୍ଥାୟୀ ପାନୀୟଜଳ ବ୍ୟବସ୍ଥା ହୋଇନଥିବାରୁ ବର୍ଷତମାମ ଲୋକେ ଝରଣାର ଚୁଆ ପାଣି ଉପରେ ନିର୍ଭର କରୁଛନ୍ତି । ଗାଁରେ ପାନୀୟ ଜଳଯୋଗାଣ ପାଇଁ ଗୋଟିଏ ମାତ୍ର କୂଅ ଖୋଳାଯାଇଛି। ହେଲେ ସେଥିରୁ ଗୋଳିଆ ପାଣି ବାହାରୁଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଏହି ପାଣି ପିଇବା ତ ଦୂରର କଥା, ଦୈନନ୍ଦିନ ବ୍ୟବହାର ପାଇଁ ମଧ୍ୟ ଉପଯୋଗୀ ହେଉନାହିଁ ବୋଲି ଲୋକେ ଅଭିଯୋଗ କରି କହିଛନ୍ତି ଗ୍ରାମଠାରୁ କିଛି ଦୂରରେ ଲୋକେ ଜଙ୍ଗଲ ମଧ୍ୟରେ ଥିବା ଝରଣା ନିକଟକୁ ଯାଇ ଚୁଆ ଖୋଳି ପାଣି ସଂଗ୍ରହ କରୁଛନ୍ତି। ବର୍ଷା ଦିନେ ଏହି ସମସ୍ୟା ଆହୁରି ଗମ୍ଭୀର ହୋଇପଡୁଛି। ଝରଣାର ପାଣି ମାଟି ଓ ଅଳିଆ ଆବର୍ଜନାରେ ମିଶି ଗୋଳିଆ ହୋଇଯାଉଥିବାରୁ ଏହାକୁ ପାନୀୟ ଜଳ ରୂପେ ବ୍ୟବହାର କରିପାରୁନାହାନ୍ତି ବୋଲି ଗ୍ରାମବାସୀମାନେ ଅତ୍ୟନ୍ତ ଦୁଃଖର ସହ ପ୍ରକାଶ କରି ସରକାର ଏସବୁକୁ ଦୃଷ୍ଟିରେ ରଖି ପିଇବା ପାଣି ଯୋଗାଇ ଦେବା ପାଇଁ ନିବେଦନ କରିଛନ୍ତି.

ଧରାକୋଟରେ ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଅଭିଯାନ



ଧରାକୋଟ ୦୩/୦୯(ଅକ୍ଷର ଓଡ଼ିଶା) : ଧରାକୋଟ ବ୍ଲକ ପରିସରରେ ଭୀମଭୋଇ ଦିବ୍ୟାଙ୍ଗ ସାମର୍ଥ୍ୟ ଅଭିଯାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲା ପରିଷଦ ଅଧ୍ୟକ୍ଷା ଅଞ୍ଜଳି ସ୍ୱାଇଁ,ସମ୍ମାନୀତ ଅତିଥିଭାବେ ବି ଡି ଓ ତୃପ୍ତିମୟି ଜେନା,ତହସିଲଦାର ଲମ୍ବୋଦର ମାରାଣ୍ଡି,ଉପଖଣ୍ଡ ସାମାଜିକ ସୁରକ୍ଷା ଅଧିକାରୀ ଅସିଓ ସବର,ସାଂସଦ ପ୍ରତିନିଧି ମୁନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଦିବ୍ୟାଙ୍ଗ ମାନଙ୍କ ପାଇଁ ରହିଥିବା ସରକାରୀ ସୁବିଧା ସୁଯୋଗ ଓ ଏହାର ସଫଳ ଉପଯୋଗ ଉପରେ ନିଜ ନିଜର ମତ ରଖିଥିଲେ । ବି ଏସ ଏସ ଓ ସଚିନ ପାତ୍ର ଶିବିର ର ପରିଚାଳନା କରିଥିବା ବେଳେ ଏ ସି ପି ଅମେସ ବେହେରା ସଂଯୋଜନା କରିଥିଲେ। ଶିବିରରେ ଏଗାର ଜଣ ଭିନ୍ନକ୍ଷମ ଙ୍କୁ ଟ୍ରାଇ ସାଇକେଲ, ଚାରି ଜଣ ଙ୍କୁ ହ୍ୱିଲ ଚେୟାର, ତେର ଜଣ ଙ୍କୁ ଅନ୍ୟାନ୍ୟ ସରଞ୍ଜାମ ଓ ଅଣ ତିରିଶି ଜଣଙ୍କୁ ଭତ୍ତା ପ୍ରଦାନ କରାଯାଇଥିଲା ।କନିଷ୍ଠ ସହାୟକ ବାବୁ ବେହେରା ଓ ଦୀପକ ବେହେରା ଙ୍କ ସମେତ ସମସ୍ତ କର୍ମଚାରୀ ସହଯୋଗ ପ୍ରଦାନ କରିଥିଲେ।

ଜୋନାଲ୍ କ୍ରୀଡ଼ା ଉତ୍ସବରେ ଉତ୍ସାହର ମାହୋଲ

କ୍ରୀଡ଼ା ପ୍ରତିଭା ପ୍ରଦର୍ଶନ କଲେ ଛାତ୍ରଛାତ୍ରୀ; ସଫଳ ଆୟୋଜନ ପାଇଁ ସହଯୋଗୀଙ୍କୁ କୃତଜ୍ଞତା



ବେଲଗୁଣ୍ଠା ୦୩/୦୯(ଅକ୍ଷର ଓଡ଼ିଶା): ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠ ପରିସରରେ ଗୁରୁବାର ଜୋନାଲ୍ ସ୍ତରୀୟ କ୍ରୀଡ଼ା ଉତ୍ସବ ଉତ୍ସାହ ଓ ଉଦ୍ଦୀପନାର ସହ ଅନୁଷ୍ଠିତ ହୋଇଛି। ଏଥିରେ ଜୋନ୍ ଅଧୀନ ବିଭିନ୍ନ ବିଦ୍ୟାଳୟର ଛାତ୍ରଛାତ୍ରୀ ଯୋଗଦେଇ ବିଭିନ୍ନ କ୍ରୀଡ଼ାରେ ନିଜର ପ୍ରତିଭା ଓ କ୍ରୀଡ଼ା ଦକ୍ଷତା ପ୍ରଦର୍ଶନ କରିଥିଲେ। କ୍ରୀଡ଼ା ପଡ଼ିଆରେ ପ୍ରତିଯୋଗୀଙ୍କ ଉତ୍ସାହ ଓ ପ୍ରତିଦ୍ୱନ୍ଦ୍ୱିତା ଉତ୍ସବକୁ ଅଧିକ ରୋମାଞ୍ଚକର କରିଥିଲା।ଉତ୍ସବରେ ନାଟଙ୍ଗା ଦୀନବନ୍ଧୁ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ଡୋକି ସରୋଜିନୀ, ଏସ୍ଏମ୍ସି ସଭାପତି ପ୍ରଭାତ କୁମାର ଗୌଡ଼ ଏବଂ ବ୍ଲକ କ୍ରୀଡ଼ା ସମ୍ପାଦକ ଆଶୁତୋଷ ସ୍ୱାଇଁ ପ୍ରମୁଖ ମଞ୍ଚାସୀନ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାର ଗୁରୁତ୍ୱ ଓ ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀଣ ବିକାଶରେ ଏହାର ଭୂମିକା ସମ୍ପର୍କରେ ମତ ରଖିଥିଲେ। କାର୍ଯ୍ୟକ୍ରମର ସୁଚାରୁ ପରିଚାଳନାରେ ଜୋନାଲ୍ ସେକ୍ରେଟାରୀ ସନ୍ତୋଷ କୁମାର ସାହୁଙ୍କ ସମେତ କ୍ରୀଡ଼ା ଶିକ୍ଷୟିତ୍ରୀ ଶ୍ରୁତି ମିଶ୍ର, କ୍ରୀଡ଼ା ଶିକ୍ଷକ ଅମିତ ପ୍ରଧାନ, ନକୁଳ ପ୍ରଧାନ, ନିରଞ୍ଜନ ରାଉତ, ନଙ୍ଗାରାମ ହାଁସଦା ଓ ପ୍ରଭାତ ସ୍ୱାଇଁ ପ୍ରମୁଖ ସହଯୋଗ କରିଥିଲେ।ରେଜିଷ୍ଟ୍ରେସନ ଦାୟିତ୍ୱ ସୁଷ୍ମଗିନି ପ୍ରଧାନ, ଝରଣା ଦାସ ଓ ପ୍ରଭାତ କୁମାର ଗୌଡ଼ ତୁଲାଇଥିଲେ। ସମସ୍ତଙ୍କ ଉପସ୍ଥିତି, ସହଯୋଗ ଓ ମାର୍ଗଦର୍ଶନ ଯୋଗୁଁ ଉତ୍ସବଟି ସଫଳତାର ସହ ସମ୍ପନ୍ନ ହୋଇଥିବା ଆୟୋଜକଙ୍କ ପକ୍ଷରୁ କୁହାଯାଇଛି। ସଫଳ ଆୟୋଜନ ପାଇଁ ସମସ୍ତ ଅତିଥି, ଶିକ୍ଷକ-ଶିକ୍ଷୟିତ୍ରୀ ଓ ସହଯୋଗୀଙ୍କୁ ଆୟୋଜକଙ୍କ ପକ୍ଷରୁ ହୃଦୟରୁ କୃତଜ୍ଞତା ଜଣାଯାଇଛି।

ଜଙ୍ଗଲ ବିଭାଗରେ କାର୍ଯ୍ୟରତ ଶ୍ରମିକ ମୃତ



ସୁବର୍ଣ୍ଣପୁର:୩।୮(ସଂଗ୍ରାମ ମହାପାତ୍ର) ଜଙ୍ଗଲ ବିଭାଗର ୱାଚର ଶ୍ରମିକ ଶମ୍ଭୁ ଜାଲଙ୍କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି। ମୃତ ଶ୍ରମିକ ସୁବର୍ଣ୍ଣପୁର ଜିଲ୍ଲା ସୋନପୁର ବ୍ଲକ ସାନ କଦଳୀ ପାଲି ଗ୍ରାମ ବୋଲି ଜଣା ପଡିଛି। ଏହି ମୃତ୍ୟୁ ଏବେ ରହସ୍ୟାବୃତ ହୋଇ ରହିଛି। ଦୁର୍ଘଟଣା ଘଟିଥିବା ଗାଡ଼ି ଥାନାକୁ ନଆଣି ଅନ୍ୟତ୍ର ଫେରାର କରି ଦିଆଯାଇଥିବା ଅଭିଯୋଗ ହୋଇଛି ।ଘଟଣାକୁ ଚପାଇ ଦେବା ପାଇଁ କିଛି ଠିକାଦାର ଲାଗିପଡିଛନ୍ତି ବୋଲି ସହରସାରା ଚର୍ଚ୍ଚା ହେଉଛି। ଅସମର୍ଥିତ ସୂତ୍ରରୁ ଜଣାଯାଇଛି ଯେ, ଜଙ୍ଗଲ ବିଭାଗର ଏକ ୪୦୭ ଟ୍ରକରେ କିଛି ଶ୍ରମିକ ଯାଉଥିଲେ। ସେ ମଧ୍ୟରେ କିଛି ଘଟଣା ଘଟିଛି ଯା'ଦ୍ୱାର ଜଣେ ଯୁବ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ଉକ୍ତ ଟ୍ରକରେ ଶ୍ରମିକଙ୍କ ସହ ଗଛ ବୁହା ହେଉଥିଲା ନିୟମିତ ଭାବରେ। ଯାହାକି ଏସବୁ କାର୍ଯ୍ୟ ହେବା କଥା ନୁହଁ। ଦୁର୍ଘଟଣା ଘଟିଥିବା ଟ୍ରକରେ ଏସବୁ କାର୍ଯ୍ୟ ନହୋଇ କେବଳ ନିଆଁ ଲାଭ ବା ଓ୍ୱାଇଲ୍ଡ ଲାଇଫ କାର୍ଯ୍ୟରେ ବ୍ୟବହାର ହେବା କଥା। ଦୁର୍ଘଟଣାଗ୍ରସ୍ତ ସରକାରୀ ଗାଡ଼ିର ଡ୍ରାଇଭର ଅଛନ୍ତି ନା ନାହିଁ।, ଯଦି ନାହାନ୍ତି ତା ହେଲେ ସେହି ଟ୍ରକକୁ କିଏ ଚଲାଉ ଥିଲେ ଟ୍ରକଟି କିପରି ଭାବେ ଅନ୍ୟ କାର୍ଯ୍ୟରେ ବ୍ୟବହୃତ ହେଉଥିଲା। ଏବଂ କିଏ ବ୍ୟବହାର କରୁଥିଲେ ଓ କାହିଁକି ଏଭଳି ଅନେକ ପ୍ରଶ୍ନର ଉତ୍ତର ଯୋଗୁଁ ଖବର ଲେଖାଯିବା ପର୍ଯ୍ୟନ୍ତ ଘଟଣାଟି ରହସ୍ୟମୟ ହୋଇ ରହିଛି ଏହା କିପରି ନ୍ୟାୟ ମିଳିବ ତାହା ଆଗାମୀ ଦିନରେ ଜଣାପଡିବ ।

ସତ୍ୟବାଦୀର ମନୋଜ ରଥ ବିଜେପିକୁ ଫେରିଲେ



ପୁରୀ ୦୩/୦୯(ଅକ୍ଷର ଓଡ଼ିଶା) : ପୁରୀ ଜିଲ୍ଲାର ବିଶିଷ୍ଟ ଧାର୍ମିକ ସଂଗଠକ ମନୋଜ କୁମାର ରଥ ପୁଣି ବିଜେପିକୁ ଫେରିଛନ୍ତି । ତାଙ୍କ ପିତା ସ୍ୱର୍ଗତ ବିଶ୍ୱନାଥ ରଥ ସତ୍ୟବାଦୀ ଅଞ୍ଚଳରେ ବିଜେପିର ମୂଳଦୁଆ ପକାଇଥିଲେ । ବହୁ କେନ୍ଦ୍ରୀୟ ନେତା ଅଟଳ ଜୀ, ଆଡଭାନି ଜୀ ଓ ମୋଦୀଙ୍କ ସହ ସୁସମ୍ପର୍କ ରହିଥିଲା । ଶ୍ରୀ ରଥ ବିଭିନ୍ନ ଧାର୍ମିକ ସଂଗଠନ କରି ଜିଲ୍ଲାରେ ବେଶ ଚର୍ଚ୍ଚିତ ଚେହେରା ହୋଇ ପାରିଛନ୍ତି । ସେ ପୁରୀ ଗୋବର୍ଦ୍ଧନ ପୀଠର ମୁଖପାତ୍ର ଭାବେ ସାରା ଭାରତରେ ପରିଚିତ ଥିଲେ । ଏବେ ଉତ୍କଳ ବିଦ୍ୱତ୍ ପରିଷଦ ଗଠନ କରି ଜନ କଲ୍ୟାଣ ଓ ଧାର୍ମିକ ସଂଗଠନରେ କାର୍ଯ୍ୟରତ ଅଛନ୍ତି । ପୁରୀ ଓ ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରେ ଲୋକପ୍ରିୟତା ରହିଛି । ଫାର୍ମାସୀ କଲେଜ କରି ବହୁ ଗରିବ ଛାତ୍ରଛାତ୍ରୀଙ୍କୁ ସାହାଯ୍ୟ ହାତ ବଢ଼ାଇଛନ୍ତି । ପୂର୍ବରୁ ସେ ପିତାଙ୍କ ସହ ବିଜେପିରେ କାର୍ଯ୍ୟ କରୁଥିଲେ । ଗତ ନିର୍ବାଚନରେ କଂଗ୍ରେସ ଦଳରେ ମିଶି ସତ୍ୟବାଦୀ ନିର୍ବାଚନ ମଣ୍ଡଳୀରୁ ବିଧାୟକ ପ୍ରାର୍ଥୀ ଭାବେ ଲଢିଥିଲେ । ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ମିଶ୍ରଣ ପର୍ବରେ ରାଜ୍ୟ ସଭାପତି ତଥା ରାଜ୍ୟସଭା ସାଂସଦ ମନମୋହନ ସାମଲ , ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡା , ସାଂସଦ ସୁଜିତ କୁମାର , ଖଣି ମନ୍ତ୍ରୀ ବିଭୁତି ଜେନା , ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ, ସାରଦା ଶତପଥୀ , ସରୋଜ କର , ପୁରୀର ପୂର୍ବତନ ବିଧାୟକ ଜୟନ୍ତ କୁମାର ଷଡ଼ଙ୍ଗୀ , ପୁରୀ ଜିଲା ପ୍ରଭାରୀ ବିଷ୍ଣୁ ଦାସ ,ପୁରୀ ଜିଲା ବିଜେପି ସଭାପତି ଡ଼ଃ ଦେବେନ୍ଦ୍ର ନାଥ ତରେଇଙ୍କ ଉପସ୍ଥିତିରେ ବୁଧବାର ଅପରାହ୍ନରେ ଶ୍ରୀ ରଥ ବିଜେପିରେ ଯୋଗ ଦେଇଛନ୍ତି । ଏହି ଖବର ପ୍ରଚାରିତ ହେବା ପରେ ସତ୍ୟବାଦୀ ଓ ପୁରୀରେ ଖୁସିର ଲହରୀ ଖେଳିଯାଇଛି ।

ଗୁଣ୍ଠିରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷୟିତ୍ରୀ ଯୋଗଦାନ



ଆଠମଲ୍ଲିକ,୦୩/୦୯:(ଅକ୍ଷର ଓଡ଼ିଶା): ଆଠମଲ୍ଲିକ ବ୍ଲକ ଅନ୍ତର୍ଗତ ଗୁଣ୍ଠିରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ନୂତନ ପ୍ରଧାନଶିକ୍ଷୟିତ୍ରୀ ଭାବେ ଶ୍ରୀମତୀ ଉତ୍ତମା ନାୟକ କାର୍ଯ୍ୟଭାର ଗ୍ରହଣ କରିଛନ୍ତି। ବିଦ୍ୟାଳୟ ପରିସରରେ ଆୟୋଜିତ ଏକ ସ୍ୱତନ୍ତ୍ର ସଂବର୍ଦ୍ଧନା ସଭାରେ ତାଙ୍କୁ ଭବ୍ୟ ସ୍ୱାଗତ କରାଯାଇଥିଲା ।ଏହି ଅବସରରେ ବିଦ୍ୟାଳୟର ସହକାରୀ ଶିକ୍ଷକ ସମ୍ଭେଶ୍ୱର୍ ବେହେରା, ପୂର୍ଣ୍ଣଚନ୍ଦ୍ର ସାହୁ, ସୁଧାଂଶୁ ଭୂଷଣ ନାୟକ, ରାଜଶ୍ରୀ ଭୋଇ, ପ୍ରତାପ ବାଘ, ବିଦ୍ୟାଳୟ ପରିଚାଳନା କମିଟି ର ସଦସ୍ୟ, ଅଭିଭାବକ ଓ ସ୍ଥାନୀୟ ଭଦ୍ରବ୍ୟକ୍ତି ମାନେ ଉପସ୍ଥିତ ରହି ନୂତନ ପ୍ରଧାନଶିକ୍ଷୟିତ୍ରୀ ଙ୍କୁ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ ।କାର୍ଯ୍ୟଭାର ଗ୍ରହଣ କରିବା ପରେ ଶ୍ରୀମତୀ ନାୟକ ପ୍ରକାଶ କରିଛନ୍ତି ଯେ, ବିଦ୍ୟାଳୟର ଗୁଣାତ୍ମକ ଶିକ୍ଷାଦାନ, ଛାତ୍ରଛାତ୍ରୀଙ୍କ ସର୍ବାଙ୍ଗୀନ ଉନ୍ନତି, ଶୃଙ୍ଖଳା ଏବଂ ବିଦ୍ୟାଳୟର ଭୌତିକ ପରିବେଶର ବିକାଶ ତାଙ୍କର ପ୍ରାଥମିକତା ରହିବ। ଏଥିସହିତ ସ୍ଥାନୀୟ ଅଞ୍ଚଳବାସୀ, ଅଭିଭାବକ ଓ ଶିକ୍ଷକ ମଣ୍ଡଳୀଙ୍କ ସହଯୋଗ କାମନା କରିଛନ୍ତି ।ସାଧାରଣରେ ଶ୍ରୀମତୀ ନାୟକଙ୍କ ଯୋଗଦାନକୁ ନେଇ ଅଞ୍ଚଳବାସୀ ଓ ବିଦ୍ୟାଳୟର କର୍ମଚାରୀଙ୍କ ମଧ୍ୟରେ ଉତ୍ସାହ ପ୍ରକାଶ ପାଇଛି ।

ସହରରେ ବଢୁଛି ବେପରୁଆ ଗାଡି ଚାଳନା : ପ୍ରଶାସନ ସାଜିଛି ନୀରବଦ୍ରଷ୍ଟା

ବୁଗୁଡ଼ା ୦୩/୦୯(ଅକ୍ଷର ଓଡ଼ିଶା) : ବୁଗୁଡ଼ା ସହରରେ ଦିନକୁ ଦିନ ଜନବସତି ବୃଦ୍ଧି ହେବାରେ ଲାଗିଛି । ସେହି ଅନୁପାତରେ ଯାନବାହାନ ସଂଖ୍ୟା ମଧ୍ୟ ଆଶାତୀତ ଭାବେ ବୃଦ୍ଧି ପାଉଛି । ଅନେକ ସମୟରେ ବେପରୁଆ ଗାଡ଼ି ଚାଳନା ପାଇଁ ଦୁର୍ଘଟଣାମାନ ଘଟୁଛି। ସରକାର ୧୮ ବର୍ଷରୁ କମ ବୟସ୍କ ଓ ବିନା ଲାଇସେନ୍ସରେ ଗାଡି ଚାଳନାକୁ ବେଆଇନ କରିଥିବା ବେଳେ ସଡ଼କ ସୁରକ୍ଷା ନିୟମକୁ ଲୋକେ ଏବେ ଭୁଲି ଗଲେଣି। ସହରରେ କଲେଜ ପିଲାଙ୍କଠାରୁ ଆରମ୍ଭ କରି ସ୍କୁଲ ପିଲାଯାଏଁ ବିନା ଲାଇସେନ୍ସରେ ଗାଡ଼ି ଚଳାଉଥିବା ଦେଖିବାକୁ ମିଳୁଥିବା ବେଳେ ପ୍ରଶାସନ ନୀରବଦ୍ରଷ୍ଟା ସାଜିଛି । ଏପରିକି ବିନା ହେଲମେଟରେ ଛାତ୍ରଛାତ୍ରୀ ଗାଡ଼ି ଚଳାଇ ସ୍କୁଲ, କଲେଜ ଯାଉଥିବାବେଳେ ସ୍କୁଲ କିମ୍ବା କଲେଜ କର୍ତ୍ତୃପକ୍ଷ ମଧ୍ୟ ଏଥିପ୍ରତି ଅଣଦେଖା କରୁଛନ୍ତି । ପରିବହନ ଓ ପୋଲିସ ବିଭାଗ ପକ୍ଷରୁ ବେଳେବେଳେ କରାଯାଉଥିବା ଗାଡ଼ି ଚେକିଙ୍ଗ୍ ସହ ଜୋରିମାନା ଆଦାୟ ଠାରୁ ଲାଇସେନ୍ସ ରଦ୍ଦ ତାଗିଦ୍ ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟାନୁଷ୍ଠାନର କୌଣସି ପ୍ରଭାବ ପଡୁନଥିବା ଦେଖିବାକୁ ମିଳିଛି । ଘରୁ ପଦାକୁ ବାହାରିଲେ ବରିଷ୍ଠ ନାଗରିକ ଓ ମହିଳାଙ୍କୁ ଏହି ବେପରୁଆ ଗାଡ଼ି ଚଳାନାର ଭୟ ଘାରୁଛି । ଟ୍ରାଫିକ ନିୟମ ଭଲଘଂନ କରି ସହର ଭିତରେ ଦ୍ରୁତଗତିରେ ବାଇକ ଚଳାଇବା ,ଭୁଲ ରାସ୍ତାରେ ଯିବା, ଦୁଇରୁ ଉର୍ଦ୍ଧ୍ୱ ବ୍ୟକ୍ତି ବାଇକରେ ନବସିବା ଆଦି ନିୟମ ଥିଲେ ସୁଦ୍ଧା ଅନେକେ ଏହାକୁ ପାଳନ କରୁ ନାହାନ୍ତି । ଏଭଳି ଦ୍ରୁତ ଗତିରେ ଗାଡ଼ି ଚାଳନା ଯୋଗୁଁ ଅନେକ ସମୟରେ ଲୋକେ ଦୁର

ଫଟୋରେ ଖବର

ଶୁକ୍ରବାର ୦୪।୦୯।୨୦୨୬
ଅକ୍ଷର
AKHYARA ODISHA ଓଡ଼ିଶା







ଓଡ଼ିଶା ରାଜ୍ୟ ଯୋଗାଣ ନିଗମର ୪୭ତମ ପ୍ରତିଷ୍ଠା ଦିବସରେ ଯୋଗଦେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ନିଗମର ଜନସେବାମୂଳକ କାର୍ଯ୍ୟକୁ ପ୍ରଶଂସା କରି ‘ଯୋଗାଣ ଦର୍ପଣ’ ଉନ୍ମୋଚନ ସହ ଅବସରପ୍ରାପ୍ତ କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି















ଏସୀୟ କ୍ରୀଡ଼ା ପାଇଁ ଜାପାନ ଯିବାକୁ ପ୍ରସ୍ତୁତ ଭାରତୀୟ ଦଳ



ନୂଆଦିଲ୍ଲୀ, ୦୩/୦୯ : ଆଇଚି-ନାଗୋୟାରେ ଆୟୋଜିତ ହେବାକୁ ଥିବା ଏସୀୟ କ୍ରୀଡ଼ା ୨୦୨୬ ପାଇଁ ଭାରତୀୟ ଦଳଗୁଡ଼ିକ ସଂପୂର୍ଣ୍ଣ ଭାବେ ପ୍ରସ୍ତୁତ ହୋଇସାରିଛନ୍ତି। ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରଣାଳୟ ସେପ୍ଟେମ୍ବର ୧୯ରୁ ଅକ୍ଟୋବର ୪ ତାରିଖ ପର୍ଯ୍ୟନ୍ତ ହେବାକୁ ଥିବା ଏହି କ୍ରୀଡ଼ାକୁମ୍ଭ ପାଇଁ ୭୫୮ ସଦସ୍ୟ ଭାରତୀୟ ଦଳର ମଂଜୁରୀ ଦେଇଛି। ଏଥିରେ ୫୦୩ ଜଣ ଖେଳାଳି ଏବଂ ୨୪୬ ଜଣ ସପୋର୍ଟ ଷ୍ଟାଫ୍ ଅଛନ୍ତି। ଭାରତ ୪୩ରୁ ୩୬ଟି କ୍ରୀଡ଼ାରେ ପ୍ରତିଯୋଗିତା କରିବ। ଭାରତ ଗତ ଥର ଏସୀୟ କ୍ରୀଡ଼ାରେ ଐତିହାସିକ ପ୍ରଦର୍ଶନ କରିବା ସହିତ ୧୦୦ରୁ ଅଧିକ ପଦକ ହାସଲ କରିଥିଲା। ହାଙ୍ଗଝୋଉରୁ ଭାରତୀୟ ଖେଳାଳିମାନେ ମୋଟ୍ ୧୦୭ଟି ପଦକ ଆଣିଥିଲେ। ଏବେ ଜାପାନରେ ଏହି ପ୍ରଦର୍ଶନକୁ ଆହୁରି ଉତ୍ତମ କରିବାକୁ ଉଦ୍ୟମ କରିବେ।

ଭାରତୀୟ ଦଳରେ ମୋଟ୍ ୨୬୯ ପୁରୁଷ ଏବଂ ୨୩୪ ଜଣ ମହିଳା ଖେଳାଳି ଅଛନ୍ତି। ପ୍ରାରମ୍ଭିକ ତାଲିକାରେ ୪୯୨ ଜଣ ଖେଳାଳିଙ୍କୁ ମଂଜୁରୀ ମିଳିଥିଲା। କିନ୍ତୁ ପରେ ୧୧ ଜଣ ଅଧିକ ଖେଳାଳିଙ୍କୁ ତାଲିକାରେ ସାମିଲ କରାଯାଇଥିଲା। ଏଥିରେ ଆଥେଲିଟ୍ସ୍ଙ୍କର ୬ ଜଣ, ସର୍ଫିଙ୍ଗର ୪ ଜଣ ଏବଂ ମିକ୍ସ ମାର୍ଶଲ ଆର୍ଟସର ଜଣେ ଖେଳାଳି ସାମିଲ ଅଛନ୍ତି। ଆଥେଲେଟିକ୍ସରେ ପ୍ରବୀଣ କୁମାର, ହରିତା ଭଦ୍ରା, କିରଣ ପହଲ, ଆଶା ଇଲାଙ୍ଗୋ, ସିଧୁରୀ ଗଣେଶା ଏବଂ ସାନ୍ୟା ଯାଦବଙ୍କୁ ସ୍ଥାନ ମିଳିଛି। ସେହିପରି ଏମ୍ଏମ୍ଏରେ ବରୁଣ ସନ୍ୟାଳ, ସର୍ଫିଙ୍ଗରେ କିଶୋର କୁମାର, ଶିବରାଜ ବାବୁ, କମାଲି ପ୍ରକାଶ ଏବଂ ଶୁଗର ଶାନ୍ତି ଗାୟେନ ଭାରତୀୟ ଦଳର ଅଂଶବିଶେଷ ହେବେ।

କ୍ରିକେଟ୍ ପ୍ରତିଯୋଗିତା (ପୁରୁଷ ଏବଂ ମହିଳା) ପାଇଁ ଭାରତର ଦଳରେ ୫୦ ଜଣ ସଦସ୍ୟ ରହିବେ। ଏଥିରେ ମୋଟ ୨୦ ଜଣ ସପୋର୍ଟ ଷ୍ଟାଫ୍ ଅଛନ୍ତି। ପୁରୁଷ ଦଳର ମୁଖ୍ୟ ପ୍ରଶିକ୍ଷକ ଭିଭିଏସ୍ ଲକ୍ଷ୍ମଣ ରହିବେ। ମହିଳା ଦଳର କୋଚିଂ ଅମୋଲ ମଜୁମଦାରଙ୍କୁ ଦିଆଯାଇଛି। ହକି (ପୁରୁଷ ଏବଂ ମହିଳା)ରେ ଭାରତ ମୋଟ ୫୪ ଜଣଙ୍କୁ ପଠାଇବ। ଏଥିରେ ୪୦ ଜଣ ଖେଳାଳି ଏବଂ ୧୪ ଜଣ ସପୋର୍ଟ ଷ୍ଟାଫ୍ ଅଛନ୍ତି। ଏସୀୟ କ୍ରୀଡ଼ାରେ ଭାରତ ହକିରୁ ପଦକ ଆଣିବା ଲକ୍ଷ୍ୟ ରଖିଛି।

ତେବେ ଭାରତୀୟ ଦଳରେ ସବୁଠାରୁ ବଡ଼ ନାମ ଯାହା ନଜର ଆସିବ ନାହିଁ, ସେହେଲେ ନୀରଜ ଚୋପ୍ରା। ଷ୍ଟାର ଜାଭଲିନ ଫିଙ୍ଗାଳି ନୀରଜ ଆଘାତ ଯୋଗୁ ଟୁର୍ଣ୍ଣାମେଣ୍ଟରେ ଅଂଶଗ୍ରହଣ କରିବେ ନାହିଁ। ସେ ଜକାର୍ତ୍ତା (୨୦୧୮) ଏବଂ ହାଙ୍ଗଝୋଉ (୨୦୨୩)ରେ ସର୍ଣ୍ଣପଦକ ହାସଲ କରିଥିଲେ। ଭାରତୀୟ ଅଲଂପିକ ସଂଘ ତରଫରୁ ୧୯ ଜଣ ଖେଳାଳି ଜାପାନ ଯିବେ। ଓ୍ୱେଟଲିଫ୍ଟିଙ୍ଗ ଫେଡେରେସନର ମୁଖ୍ୟ ସହଦେବ ଯାଦବଙ୍କୁ ଶେଫ ଡି ମିସନ କରାଯାଇଛି।

କ୍ରିକେଟ୍ ପାଇଁ ୫୦ ସଦସ୍ୟ ଦଳ

ଜାପାନ ଯିବେନି ଜାଭଲିନ ଷ୍ଟାର ନୀରଜ

ଜେଜେଙ୍କ ପରେ ନାତି ଜିତିଲେ ୟୁଏସ୍ ଓପନ୍ ମ୍ୟାଚ୍



୧୯୫୮ରେ ଜେଜେ ମ୍ୟାଚ୍ ଜିତିଥିଲେ

ନ୍ୟୁୟର୍କ, ୦୩/୦୯ : ୟୁଏସ୍ ଓପନ୍‌ରେ ଦିନେ ଜେଜେ ଖେଳୁଥିଲେ ଏବଂ ମ୍ୟାଚ୍ ଜିତିଥିଲେ। ଏବେ ତାଙ୍କ ପଦା ଅନୁସରଣ କରିଛନ୍ତି ନାତି ଇଗ୍ନାସିଓ ବୁସେ। ବୁଧବାର ୟୁଏସ୍ ଓପନ୍ ପୁରୁଷ ଏକକ ପ୍ରଥମ ରାଉଣ୍ଡ ମୁକାବିଲା ଜିତି ଏହି ପେରୁର ୨୨ ବର୍ଷୀୟ ଯୁବକ ୬୮ ବର୍ଷ ପରେ ନିଜ ପରିବାର ପାଇଁ ଖୁସି ଆଣିଛନ୍ତି। ୧୯୫୮ରେ ତାଙ୍କ ଜେଜେ ଏଡୁଆର୍ଡୋ ୟୁଏସ୍ ଓପନ୍‌ରେ ଏକ ମ୍ୟାଚ୍ ଜିତିଥିଲେ। ଏଡୁଆର୍ଡୋ ଓ ତାଙ୍କ ଯମଜ ଭାଇ ଏନ୍‌ରିକ୍ ୧୯୪୨ରେ ଏକାଠି ଖେଳୁଥିଲେ। ହେଲେ ଏହାର ୧୬ ବର୍ଷ ପରେ ଏଡୁଆର୍ଡୋ ୟୁଏସ୍ ଓପନ୍‌ରେ ମ୍ୟାଚ୍ ଜିତିବାକୁ ସକ୍ଷମ ହୋଇଥିଲେ। ତାଙ୍କ ପରେ ପ୍ରାୟ ୭ ଦଶନ୍ଧି ପରେ ଜେଜେଙ୍କୁ ଦେଖି ନଥିବା ଇଗ୍ନାସିଓ ୩-୬, ୬-୩, ୬-୩, ୬-୭, ୭-୧ ସେଟ୍‌ରେ ସ୍ଥାନୀୟ ଖେଳାଳି ମାର୍କୋସ ଗିରନ୍‌ଙ୍କୁ ହରାଇ ଆଗକୁ ବଢ଼ିଛନ୍ତି।

ମୁଖ୍ୟ ସମ୍ପାଦକ- ଚୌଧୁରୀ ରମାକାନ୍ତ ଦାସ
Chief Editor- Chaudhury Ramakanta Das
କାର୍ଯ୍ୟକାରୀ ସମ୍ପାଦକ- ଭରତ ଚନ୍ଦ୍ର ବେହେରା
Executive Editor- Bharat Chandra Behera
Published & Owned by BHARAT KUMAR BEHERA, Published at -99/6, Kalinga Vihar, Bhubaneswar-751019. Printed at PRINT-TECH OFFSET PVT. LTD., F-66/1 & 2, Chandaka Industrial Area, Bhubaneswar-751024.
T- 0674-3595878, M-9937223063/9937053063, E-akhyaraodisha@gmail.com
ସମ୍ପାଦକ: ଭରତ କୁମାର ବେହେରା
Editor: Bharat Kumar Behera